


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-270 ♦SUNDAY ♦29 MARCH 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୭୦ ♦ରବିବାର ♦୨୯ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


# ଆତଙ୍କ ଖେଳାଇଲେ ବିଜେପି ବିଧାୟକ

## ରାମନବମୀ ଶୋଭାଯାତ୍ରାରେ ନବୀନ ଜୈନଙ୍କ 'ସିରିଜ୍ ଫାୟାରିଂ'

■ ବଲାଙ୍ଗିର, ୨୮ ।୩ (ସମିସ): ରାମନବମୀ ଶୋଭାଯାତ୍ରାରେ ଫୁଟିଲା ଗୁଳି । ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଦିନ ଆଲୁଅରେ ବିଚ୍ ରାସ୍ତାରେ ଗୁଳି ଫୁଟାଇଲେ ବିଜେପି ବିଧାୟକ । ଉତ୍ତରପ୍ରଦେଶ କି ବିହାର ନୁହେଁ; ଓଡ଼ିଶା ଭଳି ଶାନ୍ତିପ୍ରିୟ ଓ ସଂସ୍କୃତିସଂପନ୍ନ ରାଜ୍ୟରେ ଏଭଳି ଏକ କାଣ୍ଡ ଘଟାଇ ବିବାଦରେ ଫସିଛନ୍ତି ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ । ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଜୋରସୋର୍‌ରେ ଭାଇରାଲ ହେଉଛି । ବିଧାୟକଙ୍କ ଏଭଳି ଆଚରଣକୁ ନେଇ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । ଖୋଦ୍ ଆଇନନିର୍ମାତା ଯଦି ବିଚ୍ ରାସ୍ତାରେ ଅପରାଧୀଙ୍କ ଭଳି ଆତଙ୍କ ସୃଷ୍ଟି କରିବେ, ତେବେ ସାଧାରଣ ଲୋକ କାହା ଉପରେ ଭରସା କରିବେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ସେମାନଙ୍କ କହିବା କଥା, ରାଜ୍ୟରେ ଏବେ ଆଇନଶୃଙ୍ଖଳା ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୁଷ୍କର୍ମ, ଅସଦାଚରଣ ଭଳି ନାରୀବିରୋଧୀ ଅତ୍ୟାଚାର ସହ ତାଳ ଦେଇ ହତ୍ୟା, ଅପହରଣ, ସାଧାରଣରେ ଆତଙ୍କ ଖେଳାଇବା, ସାଂପ୍ରଦାୟିକ ହିଂସା ଭଳି ଘଟଣା ରାଜ୍ୟରେ ବଢ଼ି ଚାଲିଛି । ଏପରି ସ୍ଥିତିରେ, ମର୍ଯ୍ୟାଦା ପୁରୁଷୋତ୍ତମ ▶ପୃଷ୍ଠା-୭

### ବିଧାୟକଙ୍କ ଗିରଫ ଦାବିକଲା ବିଜେଡି



## ପିଏସ୍‌ଓ ନିଲମ୍ବିତ, ବନ୍ଧୁକ ଜବତ

■ ବଲାଙ୍ଗିର, ୨୮ ।୩: ରାମନବମୀ ଶୋଭାଯାତ୍ରାରେ ବିଧାୟକ ଗୁଳି ଫୁଟାଇବା ଘଟଣାରେ ଶ୍ରୀ ଜୈନଙ୍କ ପିଏସ୍‌ଓ ପ୍ରେମଚାନ୍ଦ ନାଗଙ୍କୁ ନିଲମ୍ବିତ କରାଯିବା ସହ ତାଙ୍କଠାରୁ ବନ୍ଧୁକ ଜବତ କରାଯାଇଛି । ଏହା ବିଧାୟକଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକ ବୋଲି ଏସ୍‌ପି ଅଭିଳାଷ ଜି କହିବା ସହ ଟିଟିଲାଗଡ଼ ପୁଲିସ ଶ୍ରୀ ଜୈନ ଓ ପିଏସ୍‌ଓଙ୍କ ନାମରେ ଆର୍ମ୍‌ସ ଆକ୍ଟରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ତେବେ ଜନତାଙ୍କ ଆକ୍ରୋଶ ଓ ସମାଲୋଚନା ▶ପୃଷ୍ଠା-୭

# ଇରାନକୁ ସମର୍ଥନ | ଯୁଦ୍ଧକୁ ଡେଇଁଲେ ହୁତି

■ ତେଲ ଅଭିଭ୍, ୨୮ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧକୁ ଆଜି ମାସେ ପୂରିଥିବା ବେଳେ ଏହା ଥମିବାର ନାମ ନେଉନାହିଁ । ଅନ୍ୟପକ୍ଷରେ ଯୁଦ୍ଧ ଆହୁରି ଭୟଙ୍କର ହେବାକୁ ଲାଗିଛି । ମଧ୍ୟସ୍ଥିଙ୍କ ଜରିଆରେ ଅସ୍ତ୍ରବିରତି ପାଇଁ ଆଲୋଚନା ଚାଲିଥିବା ବେଳେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରହିଛି । ଆଜି ଇରାନ ଉପରେ ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ କରିଥିବା ବେଳେ ଇରାନ ମଧ୍ୟ ଇସ୍ରାଏଲ ଏବଂ ଉପସାଗରରେ ଥିବା ଆମେରିକାର ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ବର୍ଷା କରିଛି । ତେବେ ଏହି ଯୁଦ୍ଧରେ ଇରାନକୁ ସମର୍ଥନ କରି ହୁତି ବିଦ୍ରୋହୀ ସାମିଲ ହୋଇଥିବାରୁ ପରିସ୍ଥିତି ଜଟିଳ ହୋଇପଡ଼ିଛି ।

ଶନିବାର ଇସ୍ରାଏଲ ସେନା ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଛି । ଏହି ଅପରେସନରେ ୫୦ଟି ଯୁଦ୍ଧ ବିମାନ ସାମିଲ ହୋଇ ଇରାନର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସାମରିକ ଏବଂ ଆଣବିକ ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିଛନ୍ତି । ଇରାନର ଅରାକ'ରେ ଥିବା ହେଭି ୱାଟର ପ୍ଲାଣ୍ଟ ଏବଂ ୟଜଦରେ ଥିବା ୟୁରାନିୟମ ଏନ୍‌ରିଚ୍‌ମେଣ୍ଟ ପ୍ଲାଣ୍ଟ ଉପରେ ବୋମାମାଡ଼ କରାଯାଇଛି । ଇସ୍ରାଏଲ ଦାବି କରିଛି ଯେ ଏହି ସ୍ଥାନଗୁଡ଼ିକରେ ଇରାନ ପରମାଣୁ ଅସ୍ତ୍ର ପାଇଁ ପ୍ଲୁଟୋନିୟମ ଓ ବିସ୍ଫୋରକ ପ୍ରସ୍ତୁତ କରୁଥିଲା । ବାଲିଷ୍ଟିକ ମିସାଇଲ ଓ ଆଣ୍ଟି-ଏୟାରକ୍ରାଫ୍ଟ ମିସାଇଲର ▶ପୃଷ୍ଠା-୭



### ଇରାନ ଉପରେ ୫୦ଟି ଯୁଦ୍ଧବିମାନରୁ ଇସ୍ରାଏଲ୍‌ର ଆକ୍ରମଣ

### ଆମେରିକାର 'ପ୍ରିନ୍ସ ସୁଲତାନ ଘାଟି, ୟୁଏସ୍‌ଏସ୍ ଜେରାଲ୍ଡ ଉପରେ ଇରାନର ପାଲଟା ଆକ୍ରମଣ

# ବଢ଼ିଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା | ସମୂହ ଇସ୍ତଫା ପରେ ପୁନର୍ଗଠନ !

■ ଭୁବନେଶ୍ୱର, ୨୮ ।୩ (ସମିସ): ଡବଲ୍ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ନିରନ୍ତର ବିକାଶ ଧାରାରେ 'ବ୍ରେକ୍' ଲାଗିଯାଇଛି । କେତେଜଣ ମନ୍ତ୍ରୀଙ୍କ ଅପାରଗପଣିଆ ଯୋଗୁଁ ରାଜ୍ୟରେ ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ପ୍ରଶାସନିକ ସ୍ଥିରତା ବିପର୍ଯ୍ୟସ୍ତ ହୋଇପଡ଼ିଛି । ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଆଦି କ୍ଷେତ୍ରରେ ବ୍ୟାପକ ଅନିୟମିତତା ଓ ବିଶୃଙ୍ଖଳା ଯୋଗୁଁ ରାଜ୍ୟ ବିଜେପି ସରକାର ଉପରୁ ସାଧାରଣଜନତା ଆସ୍ଥା ହରାଇଲେଣି । ଏହାରି ଭିତରେ ରାଜ୍ୟର ସର୍ବବୃହତ୍ ସରକାରୀ ଡାକ୍ତରଖାନା କଟକ ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟି ୧୩ଜଣ ରୋଗୀଙ୍କ ଜୀବନ ଯିବା ଘଟଣାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ପାଇଁ ବିରୋଧୀ ଦଳଙ୍କ ଏକାନ୍ତ ଦାବିରେ ବିଧାନସଭା ଅଚଳ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ଖୁବ୍‌ଶୀଘ୍ର ରାଜ୍ୟରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହେବା ନେଇ ପାୱାର କରିଡର୍‌ରେ ଚର୍ଚ୍ଚା ଜୋର୍ ଧରିଛି । ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଦିଲ୍ଲୀ ଗସ୍ତ ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି । ରାଜ୍ୟ ବିଜେପି ସରକାରକୁ ଆସନ୍ତା ଜୁନ୍ ୧୨ ତରିଖରେ ୨ ବର୍ଷ ପୂରିବ । ମାତ୍ର ମୁଖ୍ୟମନ୍ତ୍ରୀ ମୋହନ ▶ପୃଷ୍ଠା-୭

### ଦିଲ୍ଲୀରେ ମୋହନ-ମନମୋହନ; ତାଲିକା ଧରି ଫେରିବା ପରେ ଘୋଷଣା

### ଏକାଧିକ ମନ୍ତ୍ରୀ ହରାଇପାରନ୍ତି ପଦ

### ନୂଆ ମନ୍ତ୍ରୀ ଚର୍ଚ୍ଚାରେ ୧୦ ବିଧାୟକ

# ଅଧାରେ ରହିଗଲା ହରିଶଙ୍କର ଦର୍ଶନ | ବସ୍ ଓଲଟି ୫ ତୀର୍ଥଯାତ୍ରୀ ମୃତ



■ ନୟାଗଡ଼/ଦଶପଲ୍ଲା/ବ୍ରହ୍ମପୁର, ୨୮ ।୩ (ସମିସ): ଅଧାରେ ରହିଗଲା ହରିଶଙ୍କର ଦର୍ଶନ । ଅଧା ବାଟରେ ଚାଲିଗଲା ଜୀବନ । ବ୍ରହ୍ମପୁରରୁ ହରିଶଙ୍କର ଯାଉଥିବା ଏକ ପର୍ଯ୍ୟଟକ ବସ୍ ଓଲଟି ପଡ଼ିବାରୁ ଏଥିରେ ୫ଜଣଙ୍କ ଜୀବନ ଯାଇଥିବା ବେଳେ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା ଟାକରାସ୍ଥିତ କୁଟୀବାରୀ ଘାଟିରେ ଶୁକ୍ରବାର ରାତିରେ ଏହି ହୃଦୟବିଦାରକ ଘଟଣା ଘଟିଛି । ମୃତକମାନେ ହେଲେ, ବ୍ରହ୍ମପୁର ଅଶୋକନଗରର ଏଲ. ହରିପାତ୍ର, ତାଙ୍କ ସ୍ତ୍ରୀ ଏଲ. ଲକ୍ଷ୍ମୀପାତ୍ର, ବ୍ରହ୍ମପୁର ବ୍ୟାଙ୍କ କଲୋନି ଷଷ୍ଠଲେନ୍‌ର ନାରାୟଣ ସାହୁଙ୍କ ସ୍ତ୍ରୀ ସୁପ୍ରଭା ସାହୁ, ଝିଅ ସୁମନ୍ତୀ ସାହୁ ଓ ବସ୍ ଚାଳକ କୁଲାଡ ଗାଁର ▶ପୃଷ୍ଠା-୭









## ମଧ୍ୟପ୍ରାଚ୍ୟ ମହାଯୁଦ୍ଧକୁ ପୂରିଲା ମାସେ

# ବାହାରିବାକୁ ବାଟ ପାଉନାହାନ୍ତି ଟ୍ରମ୍ପ



ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶନିବାର ଏକ ମାସ ପୂରଣ ହୋଇଛି। କିନ୍ତୁ ଏହି ଯୁଦ୍ଧ ଏପର୍ଯ୍ୟନ୍ତ କୌଣସି ନିର୍ଣ୍ଣାୟକ ମୋଡ଼ ନେଇ ପାରିନାହିଁ। ଆମେରିକା ଓ ଇସ୍ରାଏଲ ଭାବିଥିଲେ ଯେ ଆକାଶମାର୍ଗରୁ ଇରାନ ଉପରେ ବୋମାମାଡ଼ କରି

### ଯୋଗାଣର ତଣ୍ଟି ଚିପିଛି ଇରାନ

ଇରାନର ନେତୃତ୍ୱକୁ ଶେଷ କରିଦେଲେ ସବୁକିଛି ସହଜ ହୋଇଯିବ। ମାତ୍ର ବାସ୍ତବରେ ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଯୁଦ୍ଧରେ ଆମେରିକା ଓ ଇସ୍ରାଏଲର ପ୍ରାରମ୍ଭିକ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଅଳ୍ପ ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି ଭାବିଥିଲେ। କିନ୍ତୁ ଏକ ମାସର ଯୁଦ୍ଧ ପରେ କଥା ଅଲଗା ହୋଇଛି। ଆମେରିକା ଓ ଇସ୍ରାଏଲ ଲକ୍ଷ୍ୟ ହାସଲରୁ ବହୁ ଦୂରରେ ରହିଛନ୍ତି। ଏବେ ଯୁଦ୍ଧରୁ ବାହାରିବାକୁ ବାଟ ପାଉନାହାନ୍ତି ଟ୍ରମ୍ପ।

ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲେ। ଇରାନ ମଧ୍ୟ ଏହାର ଜବାବ ଦେଇଥିଲା। ଇରାନ ପକ୍ଷରୁ ଇସ୍ରାଏଲ ସମେତ କୁଏତ, ୟୁଏଇ, ସାଉଦି ଆରବ ଓ ଜୋର୍ଡାନ ଭଳି ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ଉଭୟ ପକ୍ଷର ବ୍ୟାପକ କ୍ଷତି ହୋଇଛି। ଯୁଦ୍ଧରେ ଏପର୍ଯ୍ୟନ୍ତ ୪, ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। କେବଳ ଇରାନରେ ୧୯୦୦ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ୧୭୫ ଜଣ ସ୍କୁଲ ଛାତ୍ରୀ ଅଛନ୍ତି। ଲେବାନନ୍‌ରେ ଇସ୍ରାଏଲ-ହିଜବୁଲ୍ଲା ସଂଘର୍ଷ ଯୋଗୁଁ ଲକ୍ଷ ଲକ୍ଷ ବିସ୍ଥାପିତ ହୋଇଛନ୍ତି। ଆମେରିକା ଦାବି କରିଛି ଯେ ସେମାନେ ଇରାନର ୧୦, ୦୦୦ରୁ ଅଧିକ ଲକ୍ଷ୍ୟସ୍ଥଳ (ଭୂତଳ କେନ୍ଦ୍ର ଓ ପ୍ରତିରକ୍ଷା କାରଖାନା) ନଷ୍ଟ କରିଛନ୍ତି ଏବଂ ୧୫୦ଟି ନୌସେନା ଜାହାଜକୁ ବୁଡ଼ାଇ ଦେଇଛନ୍ତି। କେବଳ ପ୍ରଥମ ୩ ସପ୍ତାହ ଯୁଦ୍ଧ ପାଇଁ ଆମେରିକାକୁ ୧.୪ରୁ ୨.୯ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡ଼ିଛି। ଇରାନ ମଧ୍ୟ ଇସ୍ରାଏଲର ଅନେକ ସହରକୁ ଛାରଖାର କରିଥିବା ବେଳେ ଆମେରିକାର ଯୁଦ୍ଧ ବିମାନ ସମେତ ସାମରିକ ଘାଟୀକୁ ଅକ୍ରଣ କରି ନଷ୍ଟ କରିଛି। ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ଇରାନ ବିଶ୍ୱର ୨୦ ପ୍ରତିଶତ ତୈଳ ଯୋଗାଣକୁ ବାଧାପ୍ରାପ୍ତ କରିଛି, ଯାହା ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶ ଛୁଆଁ ହୋଇଛି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ଆଲୋଚନା ପାଇଁ ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ଆକ୍ରମଣକୁ ସ୍ଥଗିତ ରଖିଛି। ତେବେ ଏଥିପାଇଁ ଇରାନ ଆମେରିକା ଆଗରେ କଡ଼ା ସର୍ତ୍ତ ରଖିଛି। ଇରାନ ସମ୍ପୂର୍ଣ୍ଣ ରୂପେ ହର୍ମୁଜ ପ୍ରଣାଳୀ ଉପରେ ନିଜର ସମ୍ପୂର୍ଣ୍ଣ ଅଧିକାର ସହିତ ଯୁଦ୍ଧ କ୍ଷତିପୂରଣ ଦାବି କରୁଛି। ଯୁଦ୍ଧ ପାଇଁ ଦେଶ ଭିତରେ ଘୋର ସମାଲୋଚନାର ଶିକାର ହେଉଛନ୍ତି ଟ୍ରମ୍ପ। ଅସ୍ତ୍ରବିରତି ପାଇଁ ସେ ଉଦ୍ୟମ କରୁଥିଲେ ମଧ୍ୟ ଇରନାର ସର୍ତ୍ତ ଏଥିରେ ବାଧକ ହୋଇଛି।

## ଫୋନ୍ କରି ନେତନ୍ୟାହୁଙ୍କ ଉପରେ ବର୍ଷିଲେ ଭାନ୍ସ

ୱାସିଂଟନ/ଜେରୁଜେଲମ, ୨୮ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ଓ ଇସ୍ରାଏଲ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଆମେରକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଫୋନ କଲ୍ ହୋଇଛି। ଏ ନେଇ ଆମେରିକୀୟ ନ୍ୟୁଜ୍ ୱେବ୍‌ସାଇଟ୍ 'ଆକ୍ସିଓସ୍' ରିପୋର୍ଟ କରିଛି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ନେତନ୍ୟାହୁ ଦାବି କରିଥିଲେ ଯେ ଇରାନରେ ଶାସନ ପରିବର୍ତ୍ତନ ଅତି ସହଜରେ ହୋଇଯିବ। ମାତ୍ର ବାସ୍ତବରେ ତାହା ହୋଇନାହିଁ। ଜେଡି ଭାନ୍ସ ଏହି ପ୍ରସଙ୍ଗରେ ନେତନ୍ୟାହୁଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଭାନ୍ସ ଚାହୁଁନାହାନ୍ତି ଯେ ଆମେରିକା ପୁଣି ଏକ ଅସରନ୍ତି ଯୁଦ୍ଧରେ ସାମିଲ ହେଉ। ସେ ଯୁଦ୍ଧ ଶୀଘ୍ର ସମାପ୍ତ ପାଇଁ ଚେଷ୍ଟା କରୁଛନ୍ତି।



ଆମେରିକାର ଜଣେ ବରିଷ୍ଠ ଅଧିକାରୀ ଦାବି କରିଛନ୍ତି ଯେ, ଇସ୍ରାଏଲ ଜାଣିଶୁଣି ଜେଡି ଭାନ୍ସଙ୍କ ଭାବମୂର୍ତ୍ତି ଖରାପ କରିବାକୁ ଚେଷ୍ଟା କରୁଛି। ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ପକ୍ଷରୁ ଏପରି ଖବର ପ୍ରସାରଣ କରାଯାଉଛି ଯେ ଇରାନ କୁଆଡ଼େ ଭାନ୍ସଙ୍କ ସହ ଆଲୋଚନା କରିବାକୁ ଅଧିକ ପସନ୍ଦ କରୁଛି, କାରଣ ସେ ଯୁଦ୍ଧ ବନ୍ଦ କରିବା ପାଇଁ ଅଧିକ ନରମ ଆଭିମୁଖ୍ୟ ପୋଷଣ କରୁଛନ୍ତି। ଆମେରିକୀୟ ଅଧିକାରୀଙ୍କ ମତରେ ଏହା 'ଜେଡ଼ି ଭାନ୍ସଙ୍କ ବିରୋଧରେ ଏକ ଇସ୍ରାଏଲ ଅପରେସନ'। ଅନ୍ୟପଟେ ହ୍ୱାଇଟ୍ ହାଉସ୍‌ର ଅଧିକାରୀ ବିଶ୍ୱାସ କରନ୍ତି ଯେ ଜେଡି ଭାନ୍ସ ହେଉଛନ୍ତି ଯୁଦ୍ଧ ବନ୍ଦ କରିବା ପାଇଁ ସବୁଠାରୁ ଉପଯୁକ୍ତ ବ୍ୟକ୍ତି। ଯଦି ଇରାନୀମାନେ ଭାନ୍ସଙ୍କ ସହ ବୁଝାମଣା କରିବେ ନାହିଁ, ତେବେ ସେମାନଙ୍କୁ ଆଉ କୌଣସି ସୁଯୋଗ ମିଳିବ ନାହିଁ। ସେ ହିଁ ସେମାନଙ୍କ ସର୍ବୋତ୍ତମ ବିକଳ୍ପ ବୋଲି ଜଣେ ଅଧିକାରୀ କହିଛନ୍ତି। ଭାନ୍ସ ପୂର୍ବରୁ ଜଣେ ମେରାଇନ୍ ସୈନିକ ଭାବେ ଇରାନରେ କାର୍ଯ୍ୟ କରିସାରିଛନ୍ତି। ସେ ସବୁବେଳେ ବିଦେଶୀ ଯୁଦ୍ଧରେ ଆମେରିକାର ହସ୍ତକ୍ଷେପକୁ ବିରୋଧ କରିଆସିଛନ୍ତି। ଯଦିଓ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଅପରେସନ ଏପିକ ଫ୍ୟୁରୀ'କୁ ସମର୍ଥନ କରୁଛନ୍ତି, କିନ୍ତୁ ସେ ଏହାକୁ ଅଧିକ ଦିନ ଟାଣିବାକୁ ଚାହୁଁନାହାନ୍ତି।

## ଇରାନ ଯୁଦ୍ଧରେ ସାମିଲ ହେବ ୟୁଏଇ

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଗୋଟିଏ ମାସ ପୂରଣ କରିବାକୁ ଯାଉଛି। ଉପସାଗରୀୟ ଅଞ୍ଚଳରେ ପ୍ରାୟ ୧୧ଟି ଦେଶ ଇରାନ ଦ୍ୱାରା ଆକ୍ରମଣର ଶିକାର ହୋଇଛନ୍ତି। ଇସ୍ରାଏଲ ପରେ ଯଦି କୌଣସି ଦେଶ ଇରାନ ଆକ୍ରମଣରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ତାହା ହେଉଛି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)। ଏବେ ୟୁଏଇର ଆଭିମୁଖ୍ୟରୁ ସୂଚନା ମିଳିଛି ଯେ ଏହି ଦେଶ ଖୁବ୍‌ଶୀଘ୍ର ଆମେରିକା ଓ ଇସ୍ରାଏଲ ସହିତ ମିଶି ଇରାନ ବିରୋଧରେ ସ୍ଥଳସେନା ଅଭିଯାନରେ ସାମିଲ ହୋଇପାରେ।

### ଧୈର୍ଯ୍ୟ ହରାଉଛି ଆବୁଧାବି

ଉଲ୍ଲେଖଯୋଗ୍ୟ ଯେ ଗତ ୩ ସପ୍ତାହ ମଧ୍ୟରେ ଇରାନ ୟୁଏଇ ଉପରକୁ ୨୨୦୦ରୁ ଅଧିକ ମିସାଇଲ ଓ ଡ୍ରୋନ ମାଡ଼ କରିଛି। ୟୁଏଇର ବାୟୁ ପ୍ରତରକ୍ଷା ପ୍ରଣାଳୀ ଏହି ଆକ୍ରମଣ ମଧ୍ୟରେ ୯୫ ପ୍ରତିଶତ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ନଷ୍ଟ କରିବାରେ ସକ୍ଷମ ହୋଇଛି। ଇରାନ ପକ୍ଷରୁ ଦୁବାଇ, ଆବୁଧାବିର ବିମାନବନ୍ଦର, ଜେବେଲ ଅଲି ବନ୍ଦର, ଆବାସିକ ଅଞ୍ଚଳ ଏବଂ ଆମେରିକୀୟ ବାୟୁସେନା ଘାଟି 'ଅଲ ଧାଫ୍ରା'କୁ ଟାର୍ଗେଟ କରାଯାଉଛି। ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଆବୁ ମୁସା ଓ ଟନବ ଦ୍ୱୀପକୁ ନେଇ ୧୯୭୧ରୁ ଇରାନ ଓ ୟୁଏଇ ମଧ୍ୟରେ ବିବାଦ ଲାଗି ରହିଛି। ଇରାନ ଆଶଙ୍କା କରୁଛି ଯେ, ୟୁଏଇ ଏହି ଯୁଦ୍ଧର ସୁଯୋଗ ନେଇ ଦ୍ୱୀପଗୁଡ଼ିକୁ ଦଖଲ କରିବାକୁ ଚାହୁଁଛି। ୨୦୨୦ରେ 'ଆବ୍ରାହମ ଏକର୍ଡ' ପରଠାରୁ ୟୁଏଇ ଓ ଇସ୍ରାଏଲ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଛି, ଯାହା ଇରାନକୁ ଅସନ୍ତୁଷ୍ଟ କରିଛି। ଇରାନର ସନ୍ଦେହ ଯେ ୟୁଏଇ ନିଜର ଆଡଭାନ୍ସ ଏଆଇ ସିଷ୍ଟମକୁ ବ୍ୟବହାରେ କରି ଇରାନର ସାମରିକ ତଥ୍ୟ ଆମେରିକା ଓ ଇସ୍ରାଏଲକୁ ଦେଉଛି। ୟୁଏଇ ଯଦି ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ହୁଏ, ତେବେ ଭାରତ ପାଇଁ ଏହା ଚିନ୍ତାର ବିଷୟ ହେବ। ଏହା ହେଲେ ୟୁଏଇରେ ରହୁଥିବା ୪୫ ଲକ୍ଷ ଭାରତୀୟଙ୍କ ସୁରକ୍ଷା ବିପଦରେ ପଡ଼ିବ।





ମଧ୍ୟପ୍ରାଚ୍ୟ ଯୁଦ୍ଧର ୩୦ତମ ଦିନରେ ଇସ୍ରାଏଲ ଓ ଇରାନରେ ଆକ୍ରମଣ

## ଫୋନ୍‌ରେ ମୋଦୀ-ଟ୍ରମ୍ପ ଆଲୋଚନା

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଫୋନରେ ମଙ୍ଗଳବାର ହୋଇଥିବା କଥାବାର୍ତ୍ତାକୁ ନେଇ ଭାରତ ସରକାର ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ଫୋନ୍ କଲ୍‌ରେ ବିଶିଷ୍ଟ ବ୍ୟବସାୟୀ ତଥା କୋଟିପତି ଏଲନ ମସ୍କ ସାମିଲ ହୋଇଥିବା ନେଇ ଆସିଥିବା ଖବରକୁ ଭାରତ ଖଣ୍ଡନ କରିଛି। ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ ମାର୍ଚ୍ଚ ୨୪ରେ ଟେଲିଫୋନ ଆଲୋଚନା କେବଳ ପ୍ରଧାନମନ୍ତ୍ରୀ ମୋଦୀ ଓ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଅନ୍ୟ କୌଣସି ବ୍ୟକ୍ତି ସାମିଲ ନଥିଲେ। ପୂର୍ବରୁ ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଥିଲା ଯେ ଦୁଇ ଦେଶର ମୁଖ୍ୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମୟରେ ମସ୍କ ମଧ୍ୟ ଉପସ୍ଥିତ ଥିଲେ। ଟ୍ରମ୍ପଙ୍କ ସହ ପୂର୍ବରୁ ମସ୍କଙ୍କ ମନାନ୍ତର ଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କଲ୍‌ରେ ତାଙ୍କର ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ଓ ଉନ୍ମୁକ୍ତ ରଖିବା ବିଶ୍ୱ ପାଇଁ ଅତ୍ୟନ୍ତ ଜରୁରୀ। ଏହା ଉପରେ ଉଭୟ ନେତା ଏକମତ ହୋଇଛନ୍ତି। ଭାରତ ପକ୍ଷରୁ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ଓ ଯୁଦ୍ଧ ରୋକିବା ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି ମୋଦୀ ଏକ୍ସରେ ଉଲ୍ଲେଖ କରିଛନ୍ତି।

**ମସ୍କ ସାମିଲ ଥିବା ଖବରକୁ ଖଣ୍ଡନ କଲା ଭାରତ**

## ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ରାଜସ୍ଥାନରେ ହଜାର ହଜାର ଚିଲଙ୍କ ଆଗମନ

ବିକାନେର, ୨୮ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ପ୍ରଥମଥର ପାଇଁ ବିପୁଳ ସଂଖ୍ୟାରେ ବିଦେଶୀ ଷ୍ଟେପି ଇଗଲ ଅର୍ଥାତ ଚିଲ ରାଜସ୍ଥାନର ବିକାନେର ଓ ଜୈସଲମେରକୁ ପଳାଇ ଆସିଛନ୍ତି। ଯୁଦ୍ଧ କାରଣରୁ ସେମାନଙ୍କ ପ୍ରାକୃତିକ ବାସସ୍ଥାନ ନଷ୍ଟ ହୋଇଥିବାରୁ ଭାରତକୁ ନିଜର ସୁରକ୍ଷିତ ସ୍ଥାନ ଭାବେ ବାଛିଛନ୍ତି। ବିକାନେରର ଜୋରବୀରରେ ପ୍ରାୟ ୨୨୦୦ ଏବଂ ଜୈସଲମେରରେ ଡେଜର୍ଟ ନ୍ୟାସନାଲ ପାର୍କରେ ପ୍ରାୟ ୧୭୦୦ ଚିଲ ଦେଖାଦେଇଛନ୍ତି। ସାଧାରଣତଃ ଏହି ପକ୍ଷୀମାନେ ରୁଷ ଓ ମଙ୍ଗୋଲିଆରୁ ଇରାକ-ଇରାନ ଆଡକୁ ଯାଇଥାନ୍ତି। ମାତ୍ର ଯୁଦ୍ଧ ଯୋଗୁଁ ସେମାନଙ୍କ ପ୍ରାକୃତିକ ବାସସ୍ଥଳୀ ନଷ୍ଟ ହୋଇଥିବାରୁ ସେମାନେ ଭାରତ ମୁହାଁ ହୋଇଛନ୍ତି। ପ୍ରାୟ ୨୫ ଦିନର କ୍ରମାଗତ ଉଡ଼ାଣ ପରେ ଏହି ବିଦେଶୀ ପକ୍ଷୀ ମାନେ ରାଜସ୍ଥାନରେ ପହଞ୍ଚିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଚିଲମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ହେଉଛନ୍ତି ଜୁଭେନାଇଲ ଅର୍ଥାତ ଦୁଇବର୍ଷରୁ କମ୍ ବୟସର। ବନ୍ୟପ୍ରାଣୀ



ବିଶେଷଜ୍ଞ ଡ. ଦାଉ ଲାଲ ବୋହରାଙ୍କ ଅନୁଯାୟୀ, ସାଧାରଣତଃ ଏହି ପକ୍ଷୀମାନେ କେନ୍ଦ୍ର ଏସିଆରୁ ଇରାନ- ଇରାକ ଆଡକୁ ଯାଇଥାନ୍ତି। କିନ୍ତୁ ଯୁଦ୍ଧ କାରଣରୁ ସେମାନଙ୍କ ଆଶ୍ରୟସ୍ଥଳୀ ବିପଦରେ ପଡ଼ିଛି। ଫଳରେ ସେମାନେ ନିଜର ଗତିପଥ ବଦଳାଇ ରାଜସ୍ଥାନର ମରୁଭୂମି ଅଞ୍ଚଳକୁ ଆସିଛନ୍ତି। ତେବେ ଏତେ ବଡ଼ ସଂଖ୍ୟାରେ ପକ୍ଷୀଙ୍କ ଆଗମନ ପରିବେଶ ପାଇଁ ଏକ ସତର୍କ ଘଣ୍ଟି ହୋଇଛି। ଏହାଦ୍ୱାରା ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ମୃତ ପଶୁଙ୍କୁ ଦିଆଯାଉଥିବା ନିମୁସୁଲାଇଡ୍ ଓ ଡାଇକ୍ଲୋଫେନାକ ଭଳି ଔଷଧ ଏହି ଚିଲଙ୍କ ପାଇଁ ମାରାତ୍ମକ। ୨୦୦୮ ରେ ଏହି କାରଣରୁ ୪୦ ଚିଲଙ୍କର ମୃତ୍ୟୁ ହୋଇଥିଲା। ଏହି ଷ୍ଟେପି ଇଗଲ ବିଶ୍ୱସ୍ତରରେ ବିଲୁପ୍ତ ପ୍ରାୟ। ସାରା ବିଶ୍ୱରେ ଏବେ ମାତ୍ର ୨୫ ୦୦୦ ଷ୍ଟେପି ଇଗଲ ବଞ୍ଚିଛନ୍ତି। ରାଜସ୍ଥାନର ଜୋରବୀର ବର୍ତ୍ତମାନ ଏମାନଙ୍କ ସଂରକ୍ଷଣ ପାଇଁ ଏକ ପ୍ରମୁଖ ଅନ୍ତର୍ଜାତୀୟ କେନ୍ଦ୍ର ଭାବେ ପରିଚିତ ହେଉଛି। ଏହି ପକ୍ଷୀମାନେ ଏପ୍ରିଲ ଶେଷ ପର୍ଯ୍ୟନ୍ତ ଏଠାରେ ରହିବେ ଓ ପରେ ନିଜ ଅଞ୍ଚଳକୁ ଫେରିଯିବେ।

## ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଓଲି ଗିରଫ

କାଠମାଣ୍ଡୁ, ୨୮ ।୩(ଏଜେନ୍ସି): ନେପାଳର ରାଜନୈତିକ ଇତିହାସରେ ଏକ ବଡ଼ ଘଟଣାକ୍ରମ ଦେଖିବାକୁ ମିଳିଛି। ରାପର୍‌ରୁ ନେତା ସାଜିଥିବା ବାଲେନ ଶାହା ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର ୨୪ ଘଣ୍ଟା ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଗିରଫ କରାଯାଇଛି। ଗତବର୍ଷ ସେପ୍ଟେମ୍ବରରେ ନେପାଳରେ ଦୁର୍ନୀତି ଓ ଅର୍ଥନୈତିକ ସଙ୍କଟ ବିରୋଧରେ ଯୁବପିଢ଼ି (ଜେନ-ଜେଡ୍) ପକ୍ଷରୁ ଏକ ବିଶାଳ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନ ସମୟରେ ପୁଲିସର ଦମନଲୀଳା ଯୋଗୁଁ ୭୭ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଏକ ଉଚ୍ଚସ୍ତରୀୟ ତଦନ୍ତ କମିସନ ଓଲି ସରକାରଙ୍କୁ ଏଥିପାଇଁ ଦାୟୀ କରିଥିଲେ। ଶନିବାର ସକାଳେ ପୁଲିସ ଓଲିଙ୍କୁ ତାଙ୍କ ଭକ୍ତପୁରସ୍ଥିତ ବାସଭବନରୁ ଗିରଫ କରିଛି। ତାଙ୍କ ସହ ପୂର୍ବତନ ଗୃହମନ୍ତ୍ରୀ ରାମେଶ ଲେଖକଙ୍କୁ ମଧ୍ୟ ଗିରଫ କରାଯାଇଛି। ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ବାଲେନ ପ୍ରଥମ କ୍ୟାବିନେଟ ବୈଠକରେ ହିଁ ଜେନ-ଜେଡ୍ ହିଂସାର ତଦନ୍ତ ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ନୂତନ ଗୃହମନ୍ତ୍ରୀ ସୁଦାନ ଗୁରୁଙ୍ଗ କହିଛନ୍ତି ଯେ ଆଇନ ଆଗରେ କେହି ବଡ଼ ନୁହନ୍ତି। ଏହା କୌଣସି ପ୍ରତିଶୋଧ ନୁହେଁ, ବରଂ ନ୍ୟାୟର ଆରମ୍ଭ। ୩୫ ବର୍ଷୀୟ ବାଲେନ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସ୍‌ପି) ନିକଟରେ ହୋଇଥିବା ଜାତୀୟ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିଲା।

## ୧୬୪ ଆସନରେ ଲଢ଼ିବ ଡିଏମ୍‌କେ

ଚେନ୍ନଇ, ୨୮ ।୩(ଏଜେନ୍ସି): ଏପ୍ରିଲ ୨୩ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଶନିବାର ନିର୍ବାଚନ ପାଇଁ ଆସନ ବୁଝାମଣା ଚୂଡାନ୍ତ କରିଛନ୍ତି। ମୋଟି ୨୩୪ଟି ଆସନରୁ ଡିଏମ୍‌କେ ୧୬୪ଟିରେ ଆସନରେ ପ୍ରତିଦ୍ୱନ୍ଦ୍ୱୀତା କରିବ। ଏଥିରେ ଚେନ୍ନଇର ଗୁରୁତ୍ୱପୂର୍ଣ୍ଣ ଆସନଗୁଡ଼ିକ ସାମିଲ ରହିଛି। ଡିଏମ୍‌କେ ନିଜ ସହଯୋଗୀ ଦଳଗୁଡ଼ିକ ପାଇଁ ୭୦ଟି ଆସନ ଛାଡ଼ି ଦେଇଛି। ଏହିକ୍ରମରେ କଂଗ୍ରେସ ୨୮, ଡିଏମ୍‌ଡିକେ ୧୦, ଭିସିକେ ୫, ସିପିଆଇ ୫, ସିପିଆଇ(ଏମ୍) ୫ ଓ ଏମ୍‌ଡିଏମ୍‌କେ ୪ଟି ଆସନରେ ନିର୍ବାଚରେ ଅବତୀର୍ଣ୍ଣ ହେବେ। ଷ୍ଟାଲିନ୍ କୋଲଥୁର ଆସନରୁ ପୁଣି ନିର୍ବାଚନ ଲଢ଼ିବେ। ଡିଏମ୍‌କେ ଦେଇଥିବା ପ୍ରାର୍ଥୀ ତାଲିକାରେ ୬୦ ଜଣ ନବାଗତ ଅର୍ଥାତ ନୂଆ ମୁହଁ ଅଛନ୍ତି। ପ୍ରାର୍ଥୀମାନଙ୍କ ମଧ୍ୟରେ ୨୯ ଜଣ ଓକିଲ, ୧୭ ଜଣ ଇଞ୍ଜିନିୟର, ୧୫ ଜଣ ଡାକ୍ତର ଏବଂ ୭ ଜଣ ପିଏଚ୍‌ଡି ଧାରୀ ଅଛନ୍ତି। ମହିଳାମାନଙ୍କୁ ୧୮ଟି ଆସନରେ ପ୍ରାର୍ଥୀ କରାଯାଇଛି। ପୂର୍ବରୁ ବିରୋଧୀ ଏନ୍‌ଡିଏ ମଧ୍ୟ ମେଣ୍ଟର ସ୍ଥିତି ସ୍ପଷ୍ଟ କରିସାରିଛି। ଏଆଇଏଡିଏମ୍‌କେ ୧୬୯, ବିଜେପି ୨୭, ପିଏମ୍‌କେ ୧୮ ଓ ଏଏମ୍‌ଏମ୍‌କେ ୧୧ଟି ଆସନରେ ଲଢ଼ିବ।

## ଅଯୋଧ୍ୟା ଯଜ୍ଞ ଶାଳାରେ ଅଗ୍ନିକାଣ୍ଡ



ଅଯୋଧ୍ୟା, ୨୮ ।୩(ଏଜେନ୍ସି): ଉତ୍ତର ପ୍ରଦେଶ ପରିବହନ ମନ୍ତ୍ରୀ ଦୟାଶଙ୍କର ସିଂହଙ୍କ ଦ୍ୱାରା ଅଯୋଧ୍ୟାରେ ଆୟୋଜିତ ଏକ ଯଜ୍ଞ ସ୍ଥଳରେ ଶନିବାର ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲେ ହେଁ, ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇ ନ ଥିବା ପୁଲିସ ସୂଚନା ଦେଇଛି। ଯଜ୍ଞ ଚାଲିଥିବା ସମୟରେ ଅର୍ପଣ କରାଯାଉଥିବା ନଡ଼ିଆରେ ହଠାତ ନିଆଁ ଧରିଥିଲା। ଘିଅ ଓ ଅନ୍ୟାନ୍ୟ ଶୁଖିଲା ହୋମ ସାମଗ୍ରୀ ଯୋଗୁଁ ଅତିଶୀଘ୍ର ନିଆଁ ବ୍ୟାପିଯାଇଥିଲା। ନିଆଁ ଲାଗିବା ମାତ୍ରେ ସେଠାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଭାବେ ବାହାରକୁ ନିଆଯାଇଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ହର୍ମୁଜ ଦେଇ ଆସିଲା ଭାରତର ଆଉ ୨ଟି ଏଲ୍‌ପିଜି ଟ୍ୟାଙ୍କର

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସତ୍ତ୍ୱେ ଇରାନର ନିଜର ବନ୍ଧୁ ରାଷ୍ଟ୍ର ଭାରତକୁ ଏକ ବଡ଼ ଆଶ୍ୱସ୍ତି ଦେଇଛି। ଅତ୍ୟନ୍ତ ସମ୍ବେଦନଶୀଳ ହର୍ମୁଜ ପ୍ରଣାଳୀ ଦେଇ ଭାରତ ଅଭିମୁଖେ ଆସୁଥିବା ଆଉ ଦୁଇଟି ଏଲ୍‌ପିଜି ଟ୍ୟାଙ୍କରକୁ ଯିବା ପାଇଁ ଇରାନ ଅନୁମତି ଦେଇଛି। ଏହି ଦୁଇଟି ଟ୍ୟାଙ୍କର ନାମ 'ବିଡବ୍ଲ୍ୟୁ ଇଏଲ୍‌ଏମ୍' ଓ 'ବିଡବ୍ଲ୍ୟୁ ଟିୱାଇଆର'। ଏହି ଦୁଇଟି ବିଶାଳ ଟ୍ୟାଙ୍କର ଶନିବାର ଏହି ଜଳପଥ ଦେଇ ଗତି କରିଛନ୍ତି। ଇରାନ ପୂର୍ବରୁ ଘୋଷଣା କରିଥିଲା ଯେ ଭାରତ ସମେତ ୫ଟି ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ରର ଜାହାଜଗୁଡ଼ିକୁ ଏହି ଯୁଦ୍ଧ ସମୟରେ ଚଳାଚଳ ପାଇଁ ଅନୁମତି ଦିଆଯିବ। ସିପିଂ ଡାଟା ଅନୁଯାୟୀ, ଏହି ଟ୍ୟାଙ୍କରଗୁଡ଼ିକ ବିପଜ୍ଜନକ କରିଡର ଅତିକ୍ରମ କରି ଏବେ ଓମାନ ସାଗର ଆଡକୁ ଅଗ୍ରସର ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୮ ରୁ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହର୍ମୁଜ ପ୍ରଣାଳୀ ପ୍ରାୟତଃ ବନ୍ଦ ରହିଛି, ଯାହା ବିଶ୍ୱର ତୈଳ ଓ ଗ୍ୟାସ୍ ଯୋଗାଣ ପାଇଁ ଏକ ପ୍ରମୁଖ ପଥ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତୀୟ ଜାହାଜକୁ ଅନୁମତି ମିଳିବା ଦ୍ୱାରା ଭାରତରେ ଏଲ୍‌ପିଜି ଯୋଗାଣ ସ୍ୱାଭାବିକ ରହିବ ବୋଲି ଆଶା କରାଯାଉଛି।

## ନୋଏଡ଼ା ଅନ୍ତର୍ଜାତୀୟ ବିମାନ ବନ୍ଦର ଉଦ୍‌ଘାଟିତ



ନୂଆଦିଲ୍ଲୀ, ୨୮ ।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉତ୍ତର ପ୍ରଦେଶର ଜେୱାରଠାରେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟକୁ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୧୧, ୨୦୦ କୋଟି ଟଙ୍କା ବ୍ୟୟରେ ସରକାରୀ-ଘରୋଇ ସହାଭାଗିତା ମଡେଲରେ ଏହି ଅତ୍ୟାଧୁନିକ ବିମାନବନ୍ଦର ନିର୍ମିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି ବିମାନବନ୍ଦର ବାର୍ଷିକ ୧.୨ କୋଟି ଯାତ୍ରୀଙ୍କୁ ସେବା ଯୋଗାଇବ। ଭବିଷ୍ୟତରେ ଏହାକୁ ୭ କୋଟି ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଚାପ କମାଇବା ପାଇଁ ଏହା ଏକ ପ୍ରମୁଖ ବିକଳ୍ପ ହେବ। ଏହି ନୂଆ ବିମାନବନ୍ଦରରେ ଅତ୍ୟାଧୁନିକ ରନ୍-ୱେର ବ୍ୟବସ୍ଥା କରାଯାଇଛି। ଏଠାରେ ୩, ୯୦୦ ମିଟର ବିଶିଷ୍ଟ ଏକ ରନ-ୱେ ରହିଛି, ଯେଉଁଠାରେ ବଡ଼ ଧରଣର ବିମାନ ସହଜରେ ଅବତରଣ କରିପାରିବ। ଏହା ସହିତ ସମସ୍ତ ପ୍ରକାର ପାଣିପାଗରେ ବିମାନ ଚଳାଚଳ ପାଇଁ ଅତ୍ୟାଧୁନିକ ଉପକରଣ ଲଗାଯାଇଛି। ଯାତ୍ରୀ ପରିବହନ ସହିତ ଏହା ଉତ୍ତର ଭାରତରେ ଏକ ପ୍ରମୁଖ ପଣ୍ୟ ପରିବହନ (କାର୍ଗୋ) କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହାକୁ ଏକ ନେଟ୍-ଜିରୋ ବିମାନବନ୍ଦର ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି।

## ପାକ୍, ବାଂଲା ସୀମାରେ ଆଣ୍ଟି-ଡ୍ରୋନ୍ ସେନ୍ସର ମୁତୟନ

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ଗଲୱାନ ଘାଟି ସଂଘର୍ଷ ଓ 'ଅପରେସନ ସିନ୍ଦୂର' ପରେ ଭାରତ ନିଜର ସୀମା ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି। ପାକିସ୍ତାନ ଓ ବାଂଲାଦେଶ ସୀମାରେ ଡ୍ରୋନ ଅନୁପ୍ରବେଶ ରୋକିବା ପାଇଁ ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ ସିଷ୍ଟମ, ସେନ୍ସର ଓ ଲେଜର ବ୍ୟବହାର କରାଯାଉଛି। ଏହା ସହିତ ଚୀନ୍ ସୀମାରେ ମଧ୍ୟ ପାଟ୍ରୋଲିଂ ବ୍ୟବସ୍ଥାକୁ ତିନି ଗୁଣା ବୃଦ୍ଧି କରାଯାଇଛି। ଲଦାଖରେ ଚୀନ୍ ସୀମାରେ ୨୯ଟି ନୂଆ ଆଉଟ୍‌ପୋଷ୍ଟ ସ୍ଥାପନ କରାଯାଇଛି। ଏହା ସହିତ ଆଇଟିବିପିର ସମୁଦାୟ ଆଉଟ୍‌ପୋଷ୍ଟ ସଂଖ୍ୟା ୧୮୦ରୁ ବୃଦ୍ଧି ପାଇ ୨୦୯ରେ ପହଞ୍ଚିଛି। ୨୦୧୭-୧୮ ମସିହାରେ ମାସିକ ହାରହାରି ୧୭୩ଟି ପାଟ୍ରୋଲିଂ ହେଉଥିବା ବେଳେ, ୨୦୨୩-୨୪ରେ ଏହା ୫୦୦କୁ ବୃଦ୍ଧି ପାଇଛି। କମ୍ପ୍ରିହେନସିଭ ଇଣ୍ଟିଗ୍ରେଟେଡ୍ ବର୍ଡର ମ୍ୟାନେଜମେଣ୍ଟ ସିଷ୍ଟମ (ସିଆଇବିଏମ୍‌ଏସ୍) ଅଧୀନରେ ଜମ୍ମୁ (ଭାରତ- ପାକ ସୀମା) ଏବଂ ଆସାମର ଧୁବ୍ରି (ଭାରତ- ବାଂଲାଦେଶ ସୀମା)ର ୫ କିଲୋମିଟର ପରିଧି ମଧ୍ୟରେ ଦୁଇଟି ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି। ସୀମାରେ ବଢୁଥିବା ଡ୍ରୋନ ବିପଦକୁ ଦୃଷ୍ଟିରେ ରଖି ସୁରକ୍ଷା ବଳକୁ ସ୍ୱତନ୍ତ୍ର ତାଲିମ ଏବଂ ଆଧୁନିକ ଯନ୍ତ୍ରପାତି ଦିଆଯାଇଛି। ଏହା ଦ୍ୱାରା ଶତ୍ରୁ ପକ୍ଷର ଡ୍ରୋନ୍‌କୁ ଚିହ୍ନଟ କରି ନଷ୍ଟ କରାଯାଇପାରିବ। ସୀମାବର୍ତ୍ତୀ ଅଞ୍ଚଳରେ ସଠିକ ମ୍ୟାପିଂ ଓ ଜିଆଇଏସ୍ ଲେୟାର ଏବଂ ପିଏମ୍ ଗତି ଶକ୍ତି ପୋର୍ଟାଲର ସହାୟତା ନିଆଯାଇଛି।



# ଆସନ୍ତା ୩ ତାରିଖ ଯାଏଁ କାଳବୈଶାଖୀ

ଭୁବନେଶ୍ୱର,୨୮।୩(ସମିସ): ଟ୍ରଫ୍ ଲାଇନ ପ୍ରଭାବରେ ଆସନ୍ତା ୩ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ସମୟରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ର ପଦତ୍ତ ସୂଚନା ଅନୁଯାୟୀ ରବିବାର ୭ଟି ଜିଲ୍ଲାରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ଓ ବଜ୍ରପାତ ସହ ବର୍ଷା ହୋଇପାରେ। ସେଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଓ ରାୟଗଡାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ୩୦ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ,

**ଆଜି ୧୬ ଜିଲ୍ଲାରେ ପବନ ସହ ବର୍ଷା!**

ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ସହ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ୍ ବ୍ୟତୀତ ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନାଗଡ, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ୩୦ରୁ ୪୦ କିଲୋମିଟର ବେଗରେ ପବନ ସହ ସ୍ଥାନେ ସ୍ଥାନେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## କାଳ ବୈଶାଖୀ ଜନିତ ଝଡ଼ତୋଫାନ

# ୨ ବାଇକ ଆରୋହୀ ମୃତ, ୩ ଆହତ

ବାରିପଦା, ୨୮।୩(ସମିସ):"ଶୁକ୍ରବାର ରାତି ୧୦ଟା ସମୟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ ପବନ ହୋଇଥିବା ବେଳେ ୨ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ନେଇ ଜଣାପଡିଛି। କୁଳିଅଣା ଥାନାର ଅସନଯୋଡା ଓ ଖୁଣ୍ଟା ଥାନାର ଖୁଣ୍ଟା କଲେଜ ଛକ ନିକଟର ୨ଟି ପୃଥକ ଘଟଣାରେ ଏହି ୨ଜଣଙ୍କ ମୃତ ହୋଇଥିବା ବେଳେ ୩ଜଣ ଜଣ ଆହତ ହୋଇଥିବା ନେଇ ସୂଚନା ମିଳିଛି। ହଠାତ ଝଡ ତୋଫାନ ପାଇଁ ୧୮ ନଂ ଜାତୀୟ ରାଜପଥର ବାରିପଦା-କୁଳିଅଣା



ରାସ୍ତା ଅସନଯୋଡ଼ା ଛକରେ ଏକ ଗଛ ପଡ଼ି ଯିବାରୁ ବାଇକ୍ ଆରୋହୀ କୁଳିଅଣା ଥାନା ଅନ୍ତର୍ଗତ କାଠଶିରସି ଅଞ୍ଚଳର ରାମଦାସ ହାଁସଦାଙ୍କର ମୃତ୍ୟୁ ଘଟିଛି। ସେ ବାରିପଦାରେ ଘରୋଇ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ଭଳି କାର୍ଯ୍ୟରେ ଯୋଗଦେବାକୁ ଯିବା ସମୟରେ ଏହି ଅଘଟଣ ଘଟିଥିଲା।"ଅନ୍ୟପଟେ ବାରିପଦା-ଉଦଳା ୧୯ ନଂ ରାଜ୍ୟ ରାଜପଥର ଖୁଣ୍ଟା ଠାରେ ଝଡ ତୋଫାନରେ ପଡିଥିବା ଗଛରେ ବାଇକ୍ ଆରୋହୀ ଗଛରେ ପିଟି ହୋଇ ମୃତ୍ୟୁ ହୋଇଥିବା ନେଇ ଜଣାପଡିଛି। ମୃତ ବାଇକ୍ ଆରୋହୀ ଜଣକ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ କାଦଡିହା ଅଞ୍ଚଳର ନଗେନ ମୁର୍ମୁ। ଉଭୟ ମୃତ ଦେହକୁ ବାରିପଦା ମେଡିକାଲରେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ୩ ଜଣ ଆହତ ମାନେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଝଡତୋଫାନରେ କୁଳିଅଣା, ଶ୍ୟାମାଖୁଣ୍ଟା, ବାରିପଦା ସହର ସମେତ ବଡସାହି, ବେତନଟୀ ଓ ଗୋପବନ୍ଧୁନଗର ବ୍ଲକ ଅଞ୍ଚଳରେ ଜୋର୍ ପବନ ଘଡଘଡି ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାରିପଦା ସହରର ଶୂନଗଡିଆ ଅଞ୍ଚଳରେ ବାସନ୍ତୀ ପୂଜା ତୋରଣ ଭାଙ୍ଗି ଯାଇଥିଲା। କିଛି ସମୟ ପାଇଁ ଭାଙ୍ଗିଥିବା ବାଉଁଶ ତୋରଣ ମଧ୍ୟରେ ରାମନବମୀ ଶୋଭାଯାତ୍ରାରେ ଯୋଗଦେଇ ଫେରୁଥିବା ଟ୍ରାକ୍ଟର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଷ୍ଟେସନ ରୋଡ ରାସ୍ତାର ଉଭୟ ପାଶ୍ୱର୍ରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ଜେସିବି ଦ୍ୱାରା ବାଉଁଶ ତୋରଣ ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଉଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

# ଥାନା ହାଜତରୁ କଏଦୀ ଚମ୍ପଟ

ବ୍ରହ୍ମବରଦା, ୨୮।୩ (ସମିସ): ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନାରୁ ଅଭିଯୁକ୍ତ ଫେରାର୍। ରାତିରେ ଧରା ହୋଇ ଆସିଥିବା ଅଭିଯୁକ୍ତ ସକାଳୁ ଥାନା ଗେଟ୍ ଖୋଲି ଥାନାରୁ ମୋବାଇଲ, ଟାବଲେଟ୍, ବାଇକ୍ ନେଇ ଫେରାର୍ ହୋଇଯାଇଛି। ଏହି ଘଟଣାରେ ଜଣେ ଏଏସ୍ଆଇଙ୍କ ସହ ୨ କନଷ୍ଟେବଲଙ୍କୁ ନିଲମ୍ବିତ କରିଛନ୍ତି ଜିଲ୍ଲା ଏସ୍ପି।

ସୂଚନାନୁସାରେ, ଗତ ନଭେମ୍ବରରେ ରାଉତରାପୁର ପଞ୍ଚାୟତସ୍ଥିତ କୁଣ୍ଡପାଟଣା ଗ୍ରାମରେ ଥିବା କୁଣ୍ଡପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବା ବେଳେ ଅନ୍ୟ ଜଣେ ଫେରାର୍ ଥିଲା। ବ୍ରହ୍ମବରଦା ପୁଲିସ ଖବର ପାଇ ଉତ୍ତରପ୍ରତାପ ପଞ୍ଚାୟତର ଚାନ୍ଦମୋହିନି ଗ୍ରାମର ଅଶୋକ ବେହେରାଙ୍କ ପୁଅ ଆଶିଷ ବେହେରା(୨୪)କୁ ଗିରଫ କରି ଗତ ରାତିରେ ଥାନାକୁ ଆଣିଥିଲା। ତାକୁ ହାଜତରେ ରଖାଯାଇଥିଲା। ତେବେ ନାଇଟ ପାଟ୍ରୋଲିଂରେ ଯାଇଥିବା ଟିମ୍ ଥାନାରେ ପହଞ୍ଚି ଶୋଇ ପଡ଼ିଥିଲେ। କର୍ମଚାରୀମାନେ ଶୋଇ ପଡ଼ିଥିବା ଏବଂ ଥାନା ହାଜତ ଖୋଲାଥିବା ଦେଖି ଏହି ମଉକାରେ ଆଜି ଭୋର୍ରେ ଅଭିଯୁକ୍ତ ଥାନାରୁ ଖସି ଯାଇଥିଲା।

ହାଜତରୁ ବାହାରି ଟେବୁଲ୍ ଉପରେ ଥିବା ଚାବି ଧରି ଥାନା ମେନ୍ ଗେଟ୍କୁ ଖୋଲିଥିଲା। ଥାନାରୁ ମୋବାଇଲ, ଏକ ଟାବଲେଟ୍ କୌଶଳକ୍ରମେ ନେଇ ଖସି ପଳାଇଥିଲା। ଥାନା ନିକଟରେ ଥିବା ବରଦାସାହିରୁ ଚିନ୍ମୟ କୁମାର ରାଉତ (ରାଜୁ)ଙ୍କ ଏକ ବାଇକ୍ (ନଂ ଓଡି୦୪ ଏସ୦୭୭୯) ଚୋରି କରି ପଳାଇବା ସମୟରେ ସାମନ୍ତରାପୁରସ୍ଥିତ କଚେରି ମେଳଣପଡ଼ିଆଠାରେ ଥିବା ପାଚେରି ସହ ବାଇକ୍ ଧକ୍କା ହାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ

- **ଫେରାର୍ ବେଳେ ନେଇଗଲା ମୋବାଇଲ, ଟାବଲେଟ୍, ବାଇକ୍**
- **ଏଏସ୍ଆଇଙ୍କ ସମେତ ୨ କନଷ୍ଟେବଲ ନିଲମ୍ବିତ**

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ସେ ଚିକିତ୍ସିତ ହେଉଥିବା ବେଳେ ସେଠାରୁ ମଧ୍ୟ ଖସିଯିବାକୁ ସକ୍ଷମ ହୋଇଥିଲା। ଦିନତମାମ ଏତେ ସବୁ ଘଟଣା ଘଟୁଥିବା ବେଳ ପୁଲିସ୍ କିନ୍ତୁ ଚୁପ୍ ବସିଥିଲା। ଯାଜପୁର ରୋଡ୍ ଏସ୍ଡିପିଓ ଶରତ ପାତ୍ର ବ୍ରହ୍ମବରଦା ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ରାତ୍ରୀ ଦାୟିତ୍ୱରେ ଥିବା ଏଏସ୍ଆଇ ଅଚ୍ୟୁତାନନ୍ଦ ଦାସ, କନଷ୍ଟେବଲ ବିଦ୍ୟାପତି ପଲେଇ ଓ ସନ୍ତୋଷ ସାହୁଙ୍କୁ ଜିଲ୍ଲା ଆରକ୍ଷୀ ଅଧିକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତେବେ ଅଭିଯୁକ୍ତ ଖସି ଯାଇଛି ନା ତାକୁ ଖସାଇ ଦିଆଯାଇଛି, ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହାନଦୀ ଜଳ ବିବାଦ ଶୁଣାଣି

# ଟ୍ରିବ୍ୟୁନାଲରେ ଆଉ ଏକ ତାରିଖ

ଭୁବନେଶ୍ୱର, ୨୮।୩ (ସମିସ): ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ଲାଗି ରହିଥିବା ଜଳ ବିବାଦର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି ଓଡ଼ିଶା ସରକାର ବାରମ୍ବାର ଦୋହରାଉଛନ୍ତି। ବିବାଦ ପ୍ରଶମିତ କରିବା ପାଇଁ ମହାନଦୀ ଟ୍ରିବ୍ୟୁନାଲଙ୍କ ଏକ ଟିମ୍ ଓଡ଼ିଶା ଓ ଛତିଶଗଡ଼ରେ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ପୂର୍ବରୁ ହୋଇଥିବା ଏକାଧିକ ଶୁଣାଣିରେ ଓଡ଼ିଶା ନିଜର ପକ୍ଷ ରଖି ସାରିଛି। ଏହି ସ୍ଥିତିରେ ମହାନଦୀ ବିବାଦର ଶୀଘ୍ର ସମାଧାନ ନେଇ ରାଜ୍ୟବାସୀ ଆଶା ରଖିଥିବା ବେଳେ ଶନିବାର ପୁଣିଥରେ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଛି। ଆଜି ଟ୍ରିବ୍ୟୁନାଲରେ ହୋଇଥିବା ଶୁଣାଣିରୁ ଓଡ଼ିଶାକୁ ମିଳିଛି ଆଉ ଏକ ତାରିଖ। ଟ୍ରିବ୍ୟୁନାଲର ଅବଧି ଆସନ୍ତା ଏପ୍ରିଲ ୧୩ ତାରିଖରେ ଶେଷ ହେବାକୁ ଥିବାବେଳେ ଆସନ୍ତା ୧୧ତାରିଖରେ ପରବର୍ତ୍ତୀ ଶୁଣାଣି କରିବାକୁ ଟ୍ରିବ୍ୟୁନାଲ ଧାର୍ଯ୍ୟ କରିଛନ୍ତି। ଅପରପକ୍ଷେ ଟ୍ରିବ୍ୟୁନାଲରେ ଶୁଣାଣିର କଚ୍ଛପ ଗତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଜଳ ବିଶେଷଜ୍ଞ। ଓଡ଼ିଶାର ଭାଗ୍ୟ କାବେରୀ ପରି ହେବନାହିଁ ତ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଗତ ଫେବୃଆରୀ ମାସର ଶେଷ ସପ୍ତାହରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏମ. ବେଲା ତ୍ରିବେଦୀ ଏବଂ ଅନ୍ୟ ସଦସ୍ୟ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ସେହିପରି ମାର୍ଚ୍ଚ ୭ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ସେମାନେ ଛତିଶଗଡ଼ ମଧ୍ୟ ଯାଇଥିଲେ। ଟ୍ରିବ୍ୟୁନାଲଙ୍କ ଏହି ଗସ୍ତ ପରେ ମହାନଦୀ ଜଳ ବିବାଦ ମାମଲାରେ କୌଣସି ସମାଧାନ ରାସ୍ତା କିମ୍ବା ମଧ୍ୟବର୍ତ୍ତୀ କାଳୀନ ରାୟ ନେଇ ଆଶା କରୁଥିଲେ ଜଳ ବିଶେଷଜ୍ଞ। ମାତ୍ର ଶନିବାର ଟ୍ରିବ୍ୟୁନାଲରେ ୫୧ତମ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ଆଜି ମଧ୍ୟ ନିରାଶ ହୋଇଛି ଓଡ଼ିଶା। ଚିରାଚରିତ ଢଙ୍ଗରେ ଟ୍ରିବ୍ୟୁନାଲ

- **ଆସନ୍ତା ଏପ୍ରିଲ ୧୧ରେ ପରବର୍ତ୍ତୀ ଶୁଣାଣି**
- **କ୍ଷୋଭ ପ୍ରକାଶ କଲେ ଜଳ ବିଶେଷଜ୍ଞ**
- **ରାଜ୍ୟ ସରକାରଙ୍କ ପ୍ରୟାସ ଅଧପନ୍ତରିଆ**
- **ସାର୍ବଜନୀନ ହେଉନି ସମାଧାନର ସର୍ତ୍ତ**
- **କାବେରୀ ରାସ୍ତାରେ ମହାନଦୀର ଭାଗ୍ୟ!**

ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଏପ୍ରିଲ ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହାବ୍ୟତୀତ ଉଭୟ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ କେତେକ ଔପଚାରିକତା ପୂରଣ କରିବା ସହ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ସୁପାରିସ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଆଜିର ଶୁଣାଣିରେ ଓଡ଼ିଶା ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ଏହି ସମୟରେ ସେ ବୈଷୟିକ କମିଟିର ସମସ୍ତ ତଥ୍ୟ ଟ୍ରିବ୍ୟୁନାଲଙ୍କ ସାମ୍ନାରେ ଉପସ୍ଥାପନ କରିଥିଲେ। ଏହାସହିତ ଦୁଇ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ସହମତି ନେଇ ଆଶା ପ୍ରକଟ ହୋଇଥିବା ସେ ଅବଗତ କରିଛନ୍ତି। ତେବେ ସମସ୍ତ ପ୍ରକ୍ରିୟାରେ ଟ୍ରିବ୍ୟୁନାଲଙ୍କ କଚ୍ଛପ ଗତି, ଆପୋଷବୁଝାମଣା ନେଇ ସରକାର ରାଜ୍ୟବାସୀଙ୍କୁ ସନ୍ଦେହରେ ରଖିବାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଫେବୃଆରୀ ୨୬ ତାରିଖରେ ଟ୍ରିବ୍ୟୁନାଲ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଲେ। ଏହା ଟ୍ରିବ୍ୟୁନାଲଙ୍କ ଦ୍ୱିତୀୟ ଓଡ଼ିଶା ଗସ୍ତ ଥିଲା। ଗସ୍ତ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ସାରିଲେ। ସେମାନେ ମହାନଦୀ ବେସିନର ସ୍ଥିତି, ଡ୍ୟାମ , ବ୍ୟାରେଜ ତଥା ଜଳ ପ୍ରବାହର ଅବସ୍ଥାକୁ ଅନୁଧ୍ୟାନ କରିଥିଲେ। ଟ୍ରିବ୍ୟୁନାଲଙ୍କ ବିଳାସମୟ ଗସ୍ତକୁ ସେତେବେଳେ ବିଭିନନ୍ ସଂଗଠନ ବିରୋଧ କରୁଥିଲେ ହେଁ, ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟବାସୀ ଏଥିରୁ ସୁଫଳ ଆଶା ରଖିଥିଲେ। ସମାନ ଭାବରେ ଟ୍ରିବ୍ୟୁନାଲ ମାର୍ଚ୍ଚ ୭ରୁ ୧୧ ତାରିଖ ଛତିଶଗଡ଼ ଗସ୍ତରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଦୁଇରାଜ୍ୟକୁ ଗସ୍ତରେ ଯିବା ସତ୍ତ୍ୱେ ଶୁଣାଣିରେ ଅସହନୀୟ କ୍ଷତି ସହୁଥିବା ଓଡ଼ିଶାକୁ କେବଳ ତାରିଖ ଉପହାର ଦେବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅପରପକ୍ଷେ ଛତିଶଗଡ଼ ସହ ଆପୋଷ ସମାଧାନର ସର୍ତ୍ତକୁ ନେଇ ଅସମ୍ଭବ ନିରବତାକୁ ନେଇ ମଧ୍ୟ ସାଧାରଣରେ ଆଶଙ୍କା ପ୍ରକାଶ ପାଇଲାଣି। କେଉଁ ସର୍ତ୍ତାବଳୀକୁ ନେଇ ଛତିଶଗଡ଼ ସହ ଆପୋଷ ସମାଧାନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି, ସେନେଇ କାହାକୁ କିଛି ଜଣାଉନାହାନ୍ତି। ଏନେଇ ଏକାଧିକ ବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭଲ ପ୍ରକାଶ କରିବା ପରେ ରାଜ୍ୟ ସରକାର ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ଏହି ବୈଠକକୁ ବାତିଲ୍ କରିଦିଆଯିବା ପରେ ସପରି ଆଉ କୌଣସି ବୈଠକ ଡକାଯାଇ ନାହିଁ। ଏପରିକି ଓଡ଼ିଶାର ଏକ ଟିମ୍ ଛତିଶଗଡ଼ ଯିବାର ଥିଲେ ହେଁ ଏହି ଗସ୍ତକୁ ବାତିଲ୍ କରିଦିଆ ଗଲା। ସରକାରଙ୍କ ନିରବତା ଏବଂ କାର୍ଯ୍ୟଶୈଳୀକୁ ନେଇ ସାଧାରଣ ଲୋକେ ସଂଶୟ ମଧ୍ୟରେ ଥିବାବେଳେ ଜଳ ବିଶେଷଜ୍ଞମାନେ ମଧ୍ୟ ଏହାର ଯଥାର୍ଥ କାରଣ ପଚାରୁଛନ୍ତି। ମହାନଦୀ ବିବାଦର ସମାଧାନ ପାଇଁ ଗଲା ବେଳେ ରାଜ୍ୟ ସରକାର ଏବେ ମଧ୍ୟ ରାଜ୍ୟର ସମସ୍ତ ଅଂଶୀଦାରଙ୍କୁ ବିଶ୍ୱାସକୁ ନେବାକୁ ଚାହୁଁନାହାନ୍ତି। ନିଜେ ମଧ୍ୟ ଏକାକୀ ଲଢ଼ି ଗତ ୨ ବର୍ଷରେ କୌଣସି ଆଖିଦୃଶିଆ ସମାଧାନ ରାଜ୍ୟବାସୀଙ୍କୁ ଦେଇପାରି ନାହାନ୍ତି। ଟ୍ରିପଲ ଇଞ୍ଜିନ ସରକାରକୁ ୨ ବର୍ଷ ପୂରିବାକୁ ଯାଉଥିବା ବେଳେ ମହାନଦୀ ବିବାଦରେ ଅନ୍ତତଃପକ୍ଷେ ଏକ ମଧ୍ୟବର୍ତ୍ତୀ କାଳୀନ ରାୟ ଆଶାରେ ଆମେ ଥିଲୁ। ମାତ୍ର ଏବେର ସ୍ଥିତି ଦେଖିଲେ ସରକାରଙ୍କ ପ୍ରସ୍ତୁତି ଯେ ଅଧପନ୍ତରିଆ ଥିଲା, ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି ବୋଲି ମହାନଦୀ ବଞ୍ଚାଅ ଓ ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କ୍ଷୋଭ ପ୍ରକାଶ କରି କହିଛନ୍ତି।

# ପୁଣି ପୁରୀରେ ଗଡ଼ିଲା ମୁଣ୍ଡ

ପୁରୀ,୨୮।୩(ସମିସ): ପୁରୀରେ ଦିନକୁ ଦିନ ବିଗିଡ଼ିବାରେ ଲାଗି ଆଇନଶୃଙ୍ଖଳା ବ୍ୟବସ୍ଥା। କିଛି ଦିନର ବ୍ୟବଧାନ ପରେ ପୁଣି ସହରରେ ଗଡ଼ିଛି ମୁଣ୍ଡ। ଶୁକ୍ରବାର ବିଳମ୍ବିତ ରାତିରେ ପେଣ୍ଠକଟାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଧୋବାଖାଲ ନିକଟରେ ଘଟିଛି ଏହି ନିର୍ମମ ହତ୍ୟାକାଣ୍ଡ। ହତ୍ୟାର ଶିକାର ହୋଇଛନ୍ତି ବାଲିଉପର ବସ୍ତିର ତପୁ ନାୟକ। ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରାଯାଇଛି। ଖବର ପାଇ ସମୁଦ୍ର କୂଳ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିଛି। ଏହି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ପୁଲିସ କାବୁ କରିଥିବା ସୂଚନ ମିଳିଛି। ନିର୍ଦ୍ଦିଷ୍ଟ ଭାବେ କେଉଁଥିପାଇଁ ଏହି ହତ୍ୟାକାଣ୍ଡ ଘଟିଛି, ତାହା ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ସାଙ୍ଗ ସାଙ୍ଗଙ୍କ ମଧ୍ୟରେ ଛୋଟମୋଟ କଥାକୁ ନେଇ ପାଟିତୁଣ୍ଡରୁ ଏହି ଘଟଣା ଘଟିଥିବା କୁହାଯାଉଛି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଜଣେ ତୃତୀୟ ବ୍ୟକ୍ତିଙ୍କୁ ନେଇ ଝଗଡ଼ାରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ମଧ୍ୟ ଚର୍ଚ୍ଚା ହେଉଛି। ଶନିବାର ସକାଳେ ଧୋବାଖାଲ ନିକଟସ୍ଥ ପଡ଼ିଆରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖିଥିଲେ। ସେମାନେ ସଙ୍ଗେସଙ୍ଗେ ପୁଲିସକୁ ଖବର ଦେଇଥିଲେ। ତଳକୁ ମୁହଁ କରି ଯୁବକଜଣଙ୍କ ପଡ଼ିଥିବା ବେଳେ ତାଙ୍କ ଶରୀର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିଲା। ପୁଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପୁଲିସର ତ୍ୱରତ ପଦକ୍ଷେପ ଫଳରେ ଅଭିଯୁକ୍ତଙ୍କୁ କାବୁ କରାଯାଇଛି। ଏ ସମ୍ପର୍କରେ ସିଟି ଡିଏସ୍ପି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ସାଙ୍ଗ ସାଙ୍ଗଙ୍କ ମଧ୍ୟରେ ଛୋଟମୋଟ କଥାକୁ ନେଇ ଝଗଡ଼ା ହୋଇଥିଲା। ପରେ ଏହା ହତ୍ୟାକାଣ୍ଡର ରୂପ ନେଇଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସିଟି ଡିଏସ୍ପି କହିଛନ୍ତି।

## ସରିଲା + ୨ ପରୀକ୍ଷା

# ୫୦୩୧ ଛାତ୍ରଛାତ୍ରୀ ଡ୍ରପ୍ଆଉଟ୍

ଭୁବନେଶ୍ୱର, ୨୮।୩(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପରିଚାଳିତ + ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଚଳିତ ବର୍ଷ ସମୁଦାୟ ୪ ଲକ୍ଷ ୧ ହଜାର ୬୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବାବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୫୦୩୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାହାନ୍ତି ବା ଦ୍ୱାଦଶ ଶ୍ରେଣୀ ପାଇଁ ଡ୍ରପ୍ଆଉଟ୍ ହୋଇଛନ୍ତି। କଳାରେ ସର୍ବାଧିକ ୩୧୫୭ ପିଲା ପରୀକ୍ଷା ଦେଇ ନ ଥିବାବେଳେ ବିଜ୍ଞାନରେ ୯୨୪, ବାଣିଜ୍ୟରେ ୫୪୯ ଓ ଧନ୍ଦାମୂଳକ

- **ଏପ୍ରିଲ ୨ରୁ ଖାତାଦେଖା; ମେ ଦ୍ୱିତୀୟ ସପ୍ତାହରେ ଫଳ**
- **ମାର୍କ ବଢ଼ାଇବା ପାଇଁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ବ୍ୟବସ୍ଥା**

ଶିକ୍ଷାରେ ୪୦୧ ଜଣ ଅନୁପସ୍ଥିତ ରହିଥିବା ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ପରୀକ୍ଷା ସରିବା ପରେ ଖାତାଦେଖା ପ୍ରକ୍ରିୟାକୁ ତ୍ୱରିତ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ସରିଛି। ସମୁଦାୟ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ଉଭୟ ପର୍ଯ୍ୟାୟରେ ଅନ୍ଲାଇନ୍ ଖାତାଦେଖା ପାଇଁ ୭୫ ଟି ଏବଂ ଅଫ୍ଲାଇନ୍ ଖାତାଦେଖା ପାଇଁ ୭୬ଟି ଲେଖାଏଁ ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୫ରୁ ୨୬ ତାରିଖ ଯାଏଁ ଉଭୟ ଅନ୍ଲାଇନ୍ ଓ ଅଫ୍ଲାଇନ୍ରେ ଖାତାଦେଖା ହେବ। ପରୀକ୍ଷା ଖାତା ଦେଖିବା ପାଇଁ ଉଭୟ ପର୍ଯ୍ୟାୟରେ ପ୍ରାୟ ୪ ହଜାର ଲେଖାଏଁ ମୋଟ୍ ୧୬,୪୯୪ ଜଣ ଅଧ୍ୟାପକ ଅଧ୍ୟାପିକା ନିୟୋଜିତ ହୋଇଛନ୍ତି। ମାସକ ମଧ୍ୟରେ ମୂଲ୍ୟାୟନ ସରିବା ପରେ ଟେବୁଲେସନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ୪୦ଦିନ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଅର୍ଥାତ୍ ମେ ଦ୍ୱିତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନକାରୀଙ୍କ ପାଇଁ ପାନୀୟ ଜଳଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

ଚଳିତ ବର୍ଷ ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ପ୍ରଥମଥର ପାଇଁ ଇମ୍ପ୍ରୁଭମେଣ୍ଟ ଛାତ୍ରଛାତ୍ରୀଙ୍କୁ ଆଉ ଏକ ସୁଯୋଗ ମିଳିବ। ପରୀକ୍ଷାରେ ପାସ୍ କରିଥିବା ପିଲାମାନେ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ପୂର୍ବପରି ଗୋଟିଏ ବିଷୟରେ ଫେଲ୍ ହେଉଥିବା ଛାତ୍ରଛାତ୍ରୀମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ମାତ୍ର ସମସ୍ତ ବିଷୟରେ ପାସ୍ କରିଥିବା ପିଲା ନିଜର ମାର୍କ ବା ପର୍ସେଣ୍ଟ ବଢ଼ାଇବା ପାଇଁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ସୁଯୋଗ ପାଇବେ। ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ଇନ୍‌ଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେବ। ଏକା ସାଙ୍ଗରେ ହିଁ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷାର ଫଳ ପ୍ରକାଶ ପାଇବାର ୬୦ ଦିନ ବା ୨ ମାସ ମଧ୍ୟରେ ଏସବୁ ପରୀକ୍ଷା ସରି ଫଳ ପ୍ରକାଶ ପାଇବ।

# ମହିଳାଙ୍କୁ ତଣ୍ଟିଚିପି ହତ୍ୟା

ବଲାଙ୍ଗିର/ଦେଓଗାଁ, ୨୮।୩(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ମହିପୁର ଗାଁରେ ଜଣେ ମହିଳାଙ୍କୁ ତାଙ୍କ ଶଶୁରଘର ଲୋକେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ଅନୁପମା ମହାନନ୍ଦ (୨୭)। ଖବର ପାଇ ତୁଷୁରା ପୁଲିସ ପହଞ୍ଚି ଶବ ଜବତ କରିବା ସହ ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ମୃତ ମହିଳାଙ୍କ ଶଶୁରଘରର ୩ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଚାଲିଛି। ସଦର ଥାନା ଅଧୀନ ବାଗଭାଡି ଗାଁର ଗୋବିନ୍ଦ ନାଗଙ୍କ ଝିଅ ଅନୁପମା ମହାନନ୍ଦ ବର୍ଷେ ତଳେ ତୁଷୁରା ଥାନା ମହିପୁର ଗାଁର ମୈଦାଂଶୁ ମହାନନ୍ଦ(୩୦)କୁ ବିବାହ କରିଥିଲେ। ବିବାହର କିଛି ଦିନପରେ ସ୍ୱାମୀଙ୍କ ପରକୀୟା ପ୍ରୀତି ରହିଥିବା ନେଇ ସ୍ତ୍ରୀ ସନ୍ଦେହ କରିବାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ତେବେ ଶୁକ୍ରବାର ରାତିରେ ଅନୁପମାଙ୍କ ଦେହ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ଏବଂ ତାଙ୍କୁ ଦେଓଗାଁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ଶଶୁରଘରଲୋକ ଅନୁପମାଙ୍କ ବାପଘରକୁ ଜଣାଇଥିଲେ। କିନ୍ତୁ ଅନୁପମାଙ୍କ ବାପା ଗୋବିନ୍ଦ ହସ୍ପିଟାଲରେ ପହଞ୍ଚିବା ବେଳକୁ ଅନୁପମାଙ୍କ ମୃତ୍ୟୁ ଘଟିସାରିଥିଲା। ଅନୁପମାଙ୍କ ବେକରେ ଦାଗ ରହିଥିବାରୁ ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଛି ବୋଲି ସେ ତୁଷୁରା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଏପ୍ରିଲ ୧ରୁ 'ସୁଭଦ୍ରା' ପଞ୍ଜୀକରଣ

ଭୁବନେଶ୍ୱର,୨୮।୩(ସମିସ): ଆସନ୍ତା ଏପ୍ରିଲ ୧ତାରିଖରୁ ଆରମ୍ଭ ହେବ 'ସୁଭଦ୍ରା'ର ନୂତନ ଆବେଦନ ପାଇଁ ପଞ୍ଜୀକରଣ ପ୍ରକ୍ରିୟା। ସୁଭଦ୍ରା ଯୋଜନା ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପ୍ରିଲ ତାରିଖରୁ ୩୦ ତାରିଖ ଯାଏ ୧ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ। ୦୧.୦୪.୨୦୨୬ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ୍ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ। ତେବେ ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ।

# ଗଞ୍ଜାମ ଜିଲ୍ଲା ହୋମ୍‌ଗାର୍ଡ ପରୀକ୍ଷାରେ ମହାଦୁର୍ନୀତି

## ଡବଲ ଇଞ୍ଜିନ ସରକାରରେ ଯୋଡ଼ିହେଲା ଆଉ ଏକ ପରୀକ୍ଷା ଦୁର୍ନୀତି

ଭୁବନେଶ୍ୱର,୨୮।୩(ସମିସ): ଗଞ୍ଜାମ ଜିଲ୍ଲା ହୋମ୍‌ଗାର୍ଡ ପରୀକ୍ଷା ଫଳ ପ୍ରକାଶନରେ ଆଉ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି। ବିଶେଷକରି ମେଧା ତାଲିକାକୁ ନେଇ ସାଧାରଣରେ ଦ୍ୱନ୍ଦ ଓ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛି ବିଜେଡି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଆସିବା ପରଠୁ ଓଡ଼ିଶାର ଯୁବକଯୁବତୀ ପ୍ରତିଦିନ ଚାକିରି କ୍ଷେତ୍ରରେ ପ୍ରତାରିତ ହେଉଛନ୍ତି। ଏହାପୂର୍ବରୁ ୨୦ ମାସର ଏ ସରକାରରେ ୨୦ ପରୀକ୍ଷାରେ ମହାବିଭ୍ରାଟ ହୋଇଥିଲା। ଏହା ସହିତ ଆଉ ଏକ ମହାଦୁର୍ନୀତିର ଫର୍ଦ୍ଦ ଯୋଡ଼ି ହୋଇଗଲା। ଯେଉଁଥିରେ ପ୍ରତି ହୋମ୍‌ଗାର୍ଡ ପରୀକ୍ଷାର୍ଥୀଙ୍କଠାରୁ ୩ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଛି। ଗଞ୍ଜାମ ଏସ୍ପିଙ୍କୁ ପ୍ରଶ୍ନ କରି ଶ୍ରୀ ପଣ୍ଡା କହିଛନ୍ତି ଯେ ଗତ ୨୬ ତାରିଖରେ ଜିଲ୍ଲା ହୋମ୍‌ଗାର୍ଡ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ସଂଖ୍ୟା ୧୬୫/ଏଚ୍‌ଜିଏସ୍ ହୋମ୍‌ଗାର୍ଡ ମେଧା ତାଲିକା ପ୍ରକାଶିତ ହୋଇଥିଲା। ରାଜ୍ୟ ହୋମ୍‌ଗାର୍ଡ ନିର୍ଦ୍ଦେଶାଳୟର ଅନୁମୋଦନ କ୍ରମେ ୧୩୫ ଜଣଙ୍କୁ ୩ ବର୍ଷ ପାଇଁ ଅସ୍ଥାୟୀ ଭାବେ ହୋମ୍‌ଗାର୍ଡ



ରୂପେ ଚୟନ କରାଯାଇଥିବା ସମ୍ପର୍କିତ ଆଉ ଏକ ତାଲିକା ଏସ୍ପି ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସମାନ ଚିଠି ନମ୍ବର ଥାଇ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ କରିଥିଲେ। ଏଠି ପ୍ରଶ୍ନ ଉଠୁଛି କେଉଁ ଫଳାଫଳଟି ଠିକ୍? ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ। ଓଡ଼ିଶାର ଡିଜିପି ଏହି ପରୀକ୍ଷାର ସଂପୂର୍ଣ୍ଣ ପ୍ରକ୍ରିୟା ଉପରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି କି ନାହିଁ ତାହା ସ୍ପଷ୍ଟ କରନ୍ତୁ। ସର୍ବୋପରି ଯେହେତୁ ଏସ୍ପିଙ୍କ ଇନ୍‌ଷ୍ଟାଗ୍ରାମରେ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ ପାଇଛି, ତେଣୁ ସେ ନିଜେ ଏହି ସଂପୂର୍ଣ୍ଣ ଘଟଣା ଉପରେ ସ୍ପଷ୍ଟୀକରଣ ରଖିବାର ଆବଶ୍ୟକତା ଅଛି।

**ପରୀକ୍ଷାର୍ଥୀମାନଙ୍କୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇବ ବିଜେଡି**

ଶ୍ରୀ ପଣ୍ଡା କହିଛନ୍ତି ଯେ ପୂର୍ବରୁ ଏସ୍ଆଇ ସ୍କାମ୍‌ରେ ମଧ୍ୟ ୨୫ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିଲା, ଯାହାର ସତ୍ୟାସତ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶାବାସୀ ପାଇଲେ ନାହିଁ। ଗଞ୍ଜାମ ଜିଲ୍ଲାରେ ସବୁଠାରୁ ଅଧିକ ପରୀକ୍ଷା ସଂପର୍କିତ ଦୁର୍ନୀତି ହୋଇଛି। ଆଗାମୀ ଦିନରେ ଯଦି ସରକାର ଏହା ଉପରେ ସ୍ପଷ୍ଟୀକରଣ ନ ଦେଇ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ତା'ହେଲେ ବିଜୁ ଜନତା ଦଳ ଏହି ଘଟଣା ରାଜରାସ୍ତାରୁ ଆରମ୍ଭ କରି ରାଜ୍ୟ ଏବଂ ଜାତୀୟ ମାନବାଧିକାର ଆୟୋଗ ପର୍ଯ୍ୟନ୍ତ ମାମଲାକୁ ନେବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି।




ସକାଳ THE SAKALA

ସମ୍ବଲପୁର

www.sakalaepaper.com

# ଜିଏମ୍‌ୟୁରେ ୧୮୫୭ ଓ କୁଦୋପାଲିକୁ ନେଇ ଜାତୀୟ ସମ୍ମାନ ଉଦ୍‌ଘାଟିତ

**ସମ୍ବଲପୁର, ୨୮।୩ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଏବଂ ଓଡ଼ିଶା ଗବେଷଣା କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏବଂ ନୂଆଦିଲ୍ଲୀର ଭାରତୀୟ ଐତିହାସିକ ଗବେଷଣା ପରିଷଦର ଆର୍ଥିକ ଅନୁଦାନରେ ଆୟୋଜିତ '୧୮୫୭ର ଭୁଲିଯାଇଥିବା ଜ୍ୱାଳା :କୁଦୋପାଲିର ଅନାଲୋଚିତ କାହାଣୀ'ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଭାରତର ସ୍ୱାଧୀନତା ଅପାର ବଳିଦାନ ମାଧ୍ୟମରେ ହାସଲ ହୋଇଥିଲା, ଯାହା ମଧ୍ୟରୁ ଅନେକ ମୁଖ୍ୟଧାରାର ଇତିହାସରେ ଅଣଦେଖା ହୋଇ ରହିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ବହୁଳ ଭାବରେ ବିସ୍ମୃତ ଘଟଣା ଡିସେମ୍ବର ୩୦, ୧୮୫୭ ରେ ସମ୍ବଲପୁରର କୁଦୋପାଲିରେ ଘଟିଥିଲା, ଯେଉଁଠାରେ ୫୩ ଜଣ ବିପ୍ଲବୀ ସହିଦ ହୋଇଥିଲେ ଏବଂ ଏହାପରେ ଆଉ ଚାରିଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ପ୍ରାୟତଃ ୧୮୫୭ର ଏକ 'ଅନାଲୋଚିତ କାହାଣୀ' ଭାବରେ ବର୍ଣ୍ଣିତ, ଏହି ଦୁଃଖଦ ଘଟଣା ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ସହିତ ତୀବ୍ରତା ଏବଂ ନିର୍ମମତାରେ ତୁଳନୀୟ ବୋଲି ବିବେଚନା କରାଯାଏ, ଯାହା ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ଅସାଧାରଣ ସାହସ ଏବଂ ପ୍ରତିରୋଧକୁ ପ୍ରତିଫଳିତ କରେ। ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିରୋଧ ସବୁଠାରୁ ସ୍ଥାୟୀ ଏବଂ ଭୟଙ୍କର ପର୍ଯ୍ୟାୟରେ ପହଞ୍ଚିଥିଲା, ଯିଏ ୧୮୫୭ ବିଦ୍ରୋହ ପୂର୍ବରୁ ମଧ୍ୟ ଏକ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇଥିଲେ ଏବଂ ୧୮୬୪ରେ ତାଙ୍କ ବନ୍ଦୀତ୍ୱ ପର୍ଯ୍ୟନ୍ତ ଜାରି ରଖିଥିଲେ। ଲୋକକଥା, କିମ୍ବଦନ୍ତୀ ଏବଂ ଅଭିଲେଖାଗାର ରେକର୍ଡ କୁଦୋପାଲିରେ ଛବିଲ ସାଏଙ୍କ ସହିଦ ହେବା ବିବରଣୀକୁ ସମର୍ଥନ କରେ। ଏହି ଦୁଇଦିନିଆ ଜାତୀୟ ସମ୍ମାନରେ ଛତିଶଗଡ଼, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ବିଦ୍ୱାନମାନଙ୍କ ସହିତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜର ଛାତ୍ର ଏବଂ ଗବେଷକମାନେ ଅଂଶଗ୍ରହଣ କରୁଛନ୍ତି।




ଜାତୀୟ ସମ୍ମାନର ସଂଯୋଜକ ତଥା ଜିଏମ୍‌ୟୁ ଇତିହାସ ବିଭାଗ ମୁଖ୍ୟ ଡ.ଅତୁଲ କୁମାର ପ୍ରଧାନ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କୁଦୋପାଲିକୁ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିବାସହ ଇତିହାସର ଏପରି ଅଣଦେଖା ଦିଗଗୁଡ଼ିକ ଉପରେ ଅଧିକ ଗବେଷଣା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାସକ ଡ. ଲାଇଭଲିଉଡ୍ ଅଲ୍ଟରନେଟିଭସ୍ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ବିତ ତ୍ରିପାଠୀ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଏଭଳି ଅନାଲୋଚିତ ଐତିହାସିକ ତଥ୍ୟର ଗବେଷଣାକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ମାଲେସିଆର ଉତ୍ତର ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ପ୍ରଫେସର ଡ. ପତିତ ପାବନ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଏବଂ ଇତିହାସ ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହିତ ଅଭିଲେଖାଗାର ରେକର୍ଡଗୁଡ଼ିକୁ ଏକତ୍ରିତ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏପରି ଅଧିକ ଶିକ୍ଷାଗତ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ.ଅତୁଲ କୁମାର ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ 'ଜ୍ୱାଳା' ଶୀର୍ଷକ ଏକ ସ୍ମାରକୀ ଉନ୍ମୋଚିତ ହୋଇଥିଲା ଏବଂ ଅନ୍ୟ ଏକ ପୁସ୍ତକ 'ଶୂନ୍ୟସ୍ଥାନରେ ଦୃଷ୍ଟି' ମଧ୍ୟ ଉନ୍ମୋଚିତ ହୋଇଥିଲା। ଡକ୍ଟର ସସ୍ମିତାରାଣୀ ଶାସିନୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଞ୍ଜଳି ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଶଙ୍ଖାନନ୍ଦ ଦେହୁରୀଙ୍କ ସମେତ ଗବେଷକ ବିଦ୍ୱାନମାନେ ମଧ୍ୟ ଉପସ୍ଥିତ ଥିଲେ। ସେମିନାରରେ ବିଶିଷ୍ଟ ଐତିହାସିକମାନଙ୍କ ସହିତ ଦୁଇଟି ପୂର୍ଣ୍ଣାଙ୍ଗ ଅଧିବେଶନରେ ୧୨ଟି ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା। ବିଶିଷ୍ଟ ଐତିହାସିକ ଏବଂ ବିଦ୍ୱାନ ଦୀପକ ପଣ୍ଡା, ଡା. ବିଭୁଦତ୍ତ ମିଶ୍ର, ଡ. ଧର୍ମେନ୍ଦ୍ର ମିଶ୍ର, ଡ. ଲଲାଟେନ୍ଦୁ ଦାସ ମହପାତ୍ର, ଡ. ପ୍ରଶାନ୍ତ ପ୍ରଧାନ, ଡ. ଅଜୟ ନାୟକ, ସୁନୀଲ ବିଶ୍ୱାଳ, ଡ. ପ୍ରଭାତ ମଲ୍ଲିକ, ଡ. ଶରତ ଜେନା, ଡ. ଜଗଦୀଶ ମିଶ୍ର, ବିଜୟା ଶର୍ମା, ଶ୍ରବଣ ବାଗ ପ୍ରମୁଖ ଆଜି ସମ୍ମାନରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ମୋଟ ୩୫ଟି ଗବେଷଣା ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା।

**କୁଦୋପାଲିର ଭୁଲିଯାଇଥିବା ଜ୍ୱାଳାକୁ ପୁନଃଦର୍ଶନ**

**କୁଦୋପାଲିକୁ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ**




ଶୁକ୍ରବାର ସନ୍ଧ୍ୟାରେ ସିନ୍ଦୂରପଙ୍କ କେନାଲପଡ଼ାରେ କାଳବୈଶାଖୀର ତାଣ୍ଡବ।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ଜମନକିରା, ୨୮।୩(ସମିସ):** ଜମନକିରା ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା।ଫାଶୀମାଲ ପଞ୍ଚାୟତର ଖଲିଆଗୋଡା ଦେଶୀ ମଦ ଭାଟି ସମ୍ମୁଖରେ ଥିବା ଏକ ବଡ଼ ୟୁକାଲିପଟାସ ଗଛମୂଳରୁ ଉପୁଡ଼ିବା ପଡ଼ି ବିଦ୍ୟୁତ୍ ତାର ଉପରେ ପଡ଼ିବାରୁ ବିଦ୍ୟୁତ୍ ପୋଲ ଭାଙ୍ଗି ପଡ଼ିଛି। ରାତି ପ୍ରାୟ ନଅଟାରେ ବର୍ଷା, ଘଡ଼ଘଡି ସହ ଜୋରରେ ପବନ ବହିବାରୁ ଗଛ ମୂଳରୁ ଉପୁଡ଼ି ପଡ଼ିଥିଲା। ଅଞ୍ଚଳରେ ଛୋଟ ବଡ଼ ଗଛ ଭାଙ୍ଗି ପଡ଼ିଅଛି। ବ୍ଲକର ଘାଟି ତଳ ଅଞ୍ଚଳରେ ବେଶୀ ବର୍ଷା ହୋଇଥିବାରୁ ଚାଷ କାମ ହୋଇ ପାରିବ।ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବ ବିଭିନ୍ନ ସ୍ଥାନରେ ଲାଗି ଥିବା ହୋଲ୍ଡିଙ୍ଗ ଉଡ଼ି ଯାଇ ଥିବା ବେଳେ ଅନେକ ଜାଗାରେ ପଡ଼ି ଯାଇଛି। କିଛି ଲୋକଙ୍କ ଅମଳ ଅବସ୍ଥାରେ ଥିବା ଫସଲ ନଷ୍ଟ ହୋଇ ଥିବା ଜଣାପଡ଼ିଛି।ଟିକିଲିପଡ଼ା ରାମ ନବମୀ ଯାତ୍ରା ମଧ୍ୟ ଫିକା ପଡ଼ିଥିବା ବେଳେ ଅନେକ ଜାଗାରେ ନାମଯଜ୍ଞ ହିନସ୍ତା ହେବାକୁ ପଡ଼ିଥିଲା।

### ରେଢ଼ାଖୋଲ ଓକିଲ ସଂଘ ନିର୍ବାଚନ

## ଅଭୟ ବୀର ସଭାପତି, ଅନ୍ତର୍ଯ୍ୟାମୀ ସମ୍ପାଦକ

**ରେଢ଼ାଖୋଲ, ୨୮।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଓକିଲ ସଂଘର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବସହମତିକ୍ରମେ ସଭାପତି ଭାବରେ ବରିଷ୍ଠ ଆଇନଜୀବି ଅଭୟ କୁମାର ବୀର ଏବଂ ସମ୍ପାଦକ ଭାବରେ ଅନ୍ତର୍ଯ୍ୟାମୀ ସାହୁଙ୍କୁ ଚୟନ କରାଯାଇଛି। ଉପସଭାପତି ଭାବେ ଭବାନୀ ଶଙ୍କର ପଣ୍ଡା, ଯୁଗ୍ମସମ୍ପାଦକ ପରୀକ୍ଷିତ ଦାସ, ସହ ସମ୍ପାଦକ ଦେବାଶିଷ ପ୍ରଧାନ, କୋଷାଧ୍ୟକ୍ଷ ଜନ୍ମେଜୟ ସାହୁ, ଲାଇବ୍ରେରୀୟାନ ସଂଗ୍ରାମ କେଶରୀ ନାୟକଙ୍କୁ ଚୟନ କରାଯାଇଥିଲା। ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ବିରାମ କୁମାର ପ୍ରଧାନ ପରିଚାଳନା କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଓକିଲ ସଂଘର ୯ ଜଣଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଗଣେଶ୍ୱର ପ୍ରଧାନ, ଦେବେନ୍ଦ୍ର ନାୟକ, ନିମଇ ଚରଣ ବେହେରା, ଅଚ୍ୟୁତାନନ୍ଦ ପୁରୋହିତ, ଉମାକାନ୍ତ ମହାନନ୍ଦ, ବିରଞ୍ଚି ନାରାୟଣ ପ୍ରଧାନ, ନୀଳଦେବ ମହାକୁଡ଼, କାଳନ୍ଦୀଚରଣ ବେହେରା, ତୁଷାରକାନ୍ତ କର ଦାୟିତ୍ୱ ଗ୍ରହଣ କରିଛନ୍ତି।




## ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ବିଜ୍ଞାନ ମେଳା

**ସମ୍ବଲପୁର, ୨୮।୩(ସମିସ):** ଗ୍ରାମାଞ୍ଚଳର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ଓ ସୃଜନଶୀଳତାର ବିକାଶ ପାଇଁ ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ପ୍ରଥମ ଏଜୁକେସନ ଫାଉଣ୍ଡେସନର ସହଯୋଗରେ ଏବଂ 'ହମାରା ଗାଁ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଠେଲକୋଲି, ଲପଙ୍ଗା, ଘିଚାମୁରା, ଶ୍ରୀପୁରା ଏବଂ ଖିଣ୍ଡା ପଞ୍ଚାୟତର ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟରୁ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ପରିଚାଳନା କମିଟିର ସଭାପତି, ସିଆରସିସି, ଆଶା ଓ ଅଙ୍ଗନବାଡ଼ି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଠେଲକୋଲି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଫାଉଣ୍ଡେସନର (ସମ୍ବଲପୁର ଓ ଝାରସୁଗୁଡ଼ା) ମୁଖ୍ୟ ବିଶାଳ ରାଜ ଯୋଗଦେଇ ଶୈଶବରୁ ହିଁ ପିଲାମାନଙ୍କ ମଧ୍ୟରେ ଅନ୍ୱେଷଣ କରିବାର ଇଚ୍ଛାଶକ୍ତି ଓ ବୈଜ୍ଞାନିକ ଚିନ୍ତାଧାରା ଜାଗ୍ରତ କରିବା ନିହାତି ଆବଶ୍ୟକ ବୋଲି କହିଥିଲେ।

## କିଙ୍ଗପିନ୍‌କୁ ଧରିଲା ଧନୁପାଲି ପୁଲିସ

**ସମ୍ବଲପୁର, ୨୮।୩(ସମିସ):** ସମ୍ବଲପୁର ସହର ପାଇଁ ଧନୁପାଲି ପୁଲିସ ଧଳାଜହରରେ ସାମ୍ରାଜ୍ୟ କରିଥିବା ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କୁମ୍ଭାରପଡ଼ାର ଅର୍ମାନ ଖାନ ଓରଫ ଏମ୍‌ଡି ଅର୍ମାନ। ଅଭିଯୁକ୍ତ ନିକଟରୁ ଏକ ଦେଶୀ ବନ୍ଧୁକ ଓ ୭୧ ଗ୍ରାମ ୩୦ମିଲିଗ୍ରାମ ବ୍ରାଉନସୁଗର ପୁଲିସ ଜବତ କରିଛି।ସୂଚନା ଅନୁସାରେ ଧନୁପାଲି ଥାନା ଅଧିକାରୀ ଅଭିଯୁକ୍ତ ଡିଅର ପାର୍କ ପାଖରେ ବ୍ରାଉନସୁଗର ବିକ୍ରି ପାଇ ଯୋଜନା କରୁଥିବା ଶନିବାର ଭୋର ସକାଳୁ ଖବର ପାଇଥିଲେ। ପରେ ଏସ୍‌ଆଇ ଦିପ୍ତିରଞ୍ଜନ ନାୟକ ଟିମ୍ ଧରି ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲେ।ଅର୍ମାନ ନିକଟରୁ ଉପରୋକ୍ତ ସାମଗ୍ରୀ ଜବତ ହୋଇଥିଲା। ଅର୍ମାନ ହେଉଛି ବ୍ରାଉନସୁଗର କାରବାରର କିଙ୍ଗପିନ। ବେଆଇନ ଭାବେ ସୁନାପାଲି ଓ ମୋତିଝରଣ ଅଞ୍ଚଳରେ ସେ ବିକ୍ରି କରୁଥିଲା। ଅର୍ମାନ ନାମରେ ଡକାୟତି, ଦାଦାବଟି ଆଦାୟ, ନିଶାକାରବାରଏବଂ ଅବୈଧ ଅସ୍ତ୍ରଶସ୍ତ୍ର ରଖିବା ସମେତ ୩୩ଟି ଅପରାଧିକ ମାମଲା ରୁଜୁ ହୋଇଛି। ଧନୁପାଲି ଥାନାରେ ୧୮ଟି, କ୍ଷେତରାଜପୁର ଥାନାରେ ୨ଟି, ଟାଉନ ଥାନାରେ ୯ଟି, ଅଇଁଠାପାଲି ଥାନାରେ ଗୋଟାଏ, ବୁର୍ଲା ଥାନାରେ ୩ଟି ଲେଖାଏଁ ମାମଲା ରହିଛି। କେସ ନମ୍ବର୧୨୭/୨୬କୁ ଏସଆଇ ଶୁଭସ୍ମିତା ରାୟ ତଦନ୍ତ କରୁଛନ୍ତି।



**ବନ୍ଧୁକ ସହ ୭୧ ଗ୍ରାମରୁ ଅଧିକ ଧଳାଜହର ଜବତ**

### ସମ୍ବଲପୁର ଜିଲ୍ଲା ଓକିଲ ସଂଘ ନିର୍ବାଚନ

## ଚନ୍ଦ୍ରକୁମାର ସଭାପତି, ପ୍ରବୀଣ ସାଧାରଣ ସମ୍ପାଦକ

**ସମ୍ବଲପୁର, ୨୮।୩ (ସମିସ) :** ରାଜ୍ୟର ଅନ୍ୟ ଓକିଲ ସଂଘ ଗୁଡ଼ିକ ସହିତ ଆଜି ସମ୍ବଲପୁର ଜିଲ୍ଲା ଓକିଲ ସଂଘରେ ବିଭିନ୍ନ ପଦପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ୧୧ଟି ପଦ ପାଇଁ ୨୦ ଜଣ ପ୍ରାର୍ଥୀ ରହିଥିଲେ। ଓକିଲ ସଂଘର ସଭାପତି ଭାବେ ଚଳିତବର୍ଷ ଚନ୍ଦ୍ରକୁମାର ପୁରୋହିତ ଜୟଯୁକ୍ତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ପ୍ରବିଣ କୁମାର ସିଂଦେଓ ଜୟଯୁକ୍ତ ହୋଇଛନ୍ତି। ମୋଟ ୨୭ ରାଉଣ୍ଡ ଭୋଟ ଗଣତି ହୋଇଥିଲା। ଜିଲ୍ଲା ଓକିଲ ସଂଘର ୭୭୧ ଜଣ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୬୭୫ ଜଣ ଭୋଟ ଦେଇଥିଲେ। ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା ନିର୍ବାଚନ ଅଧିକାରୀଙ୍କ ସହିତ ୧୪ ଜଣିଆ ଟିମ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

ସବିଶେଷ ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପଦ ପାଇଁ ବନ୍ଦିତାରାଣୀ ମିଶ୍ର ଓ ଚନ୍ଦ୍ରକୁମାର ପୁରୋହିତଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଥିରେ ବନ୍ଦିତାରାଣୀ ମିଶ୍ର ୧୮୧ ଖଣ୍ଡ ଭୋଟ୍ ପାଇଥିବାବେଳେ ଚନ୍ଦ୍ରକୁମାର ପୁରୋହିତ ୪୮୬ ଖଣ୍ଡ ଭୋଟ୍ ପାଇଥିଲେ। ନିର୍ବାଚନ ଅଧିକାରୀ ଚନ୍ଦ୍ରକୁମାର ପୁରୋହିତଙ୍କୁ ବିଜୟୀ ଘୋଷଣା କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ପ୍ରମୋଦ କୁମାର ସରାଫ (ଟାଇଗର) ଓ ପ୍ରବୀଣ କୁମାର ସିଂଦେଓଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦିତା ହୋଇଥିବାବେଳେ ପ୍ରବୀଣ ସିଂଦେଓ ୫୯ ଖଣ୍ଡ ଭୋଟ୍ ଅଧିକ ପାଇ ବିଜୟୀ ହୋଇଥିଲେ। ପ୍ରମୋଦ କୁମାର ସରାଫ ୩୦୫ ଖଣ୍ଡ ଭୋଟ୍ ପାଇଥିଲେ। ଉପସଭାପତି ପଦରେ ୩୫୪ ଖଣ୍ଡ ଭୋଟ୍ ପାଇ ରବି ପୂଜାରୀ ବିଜୟୀ ହୋଇଛନ୍ତି।



ଆଜିର ନିର୍ବାଚନରେ ଯୁଗ୍ମ ସମ୍ପାଦକ ପଦରେ ଅନିଲ ଜେନା, ରତନଲାଲ ଶର୍ମା ଓ ତାରିଣୀଲାଲ ପାଣିଗ୍ରାହୀ ପ୍ରାର୍ଥୀ ଥିଲେ। ରତନଲାଲ ଶର୍ମା ୨୪୬ ଖଣ୍ଡ ଭୋଟ୍ ପାଇଁ ଗୋଟିଏ ଭୋଟ୍‌ରେ ଅନିଲ ଜେନାଙ୍କୁ ପରାଜିତ କରିଛନ୍ତି। ସେହିପରି ସହକାରୀ ସମ୍ପାଦକ ପଦରେ ଶ୍ୟାମ ସୁନ୍ଦର ଗଡ଼ତିଆ, ସୁନୀତା ଦାଶ ଓ ସୁରଞ୍ଜିନୀ ବାରିକ ପ୍ରାର୍ଥୀ ହୋଇଥିଲେ। ସୁରଞ୍ଜିନୀ ବାରିକ ୨୯୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ କମିଟିର ୬ଟି ପଦରେ ଅନୁପ କୁମାର ପଟ୍ଟନାୟକ (୪୮୬), ଆଶୁତୋଷ ବିଶି (୩୪୬), ଦିଲୀପ କୁମାର ସାହୁ (ଟୁଟୁ) (୨୮୯), ଦିପ୍ତୀମୟୀ ପାଢ଼ୀ (୪୭୯), ସେବତୀ ବନଛୋର (୫୦୬) ଓ ସୁତାପା ମିତ୍ର (୩୯୯) ବିଜୟୀ ହୋଇଛନ୍ତି।

## ଭୋଜପୁରରେ ଶ୍ରୀରାମ ନବମୀ ଉତ୍ସବ

**ଜମନକିରା, ୨୮।୩(ସମିସ):** ଜମନକିରା ବ୍ଲକ ଭୋଜପୁର ଗ୍ରାମରେ ଶ୍ରୀରାମ ନବମୀ ଯାତ୍ରା ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।ପ୍ରଶାନ୍ତ ନାୟକ ଓ ତାଙ୍କ ପତ୍ନୀ କର୍ତ୍ତା ଭାବରେ ଦାୟିତ୍ୱ ବହନ କରି ଥିବା ବେଳେ ପୂଜକ ଭାବରେ ବସନ୍ତ ପାଣିଗ୍ରାହୀ ପୂଜା ପାଠ କରିଥିଲେ। କମିଟି ସଭାପତି ଭାବରେ ପ୍ରଶାନ୍ତ ନାୟକ, ଉପସଭାପତି ରିଙ୍କୁ ମୟର, ସମ୍ପାଦକ ସୁବ୍ରତ କୁମାର ପଟେଲ, ସହସମ୍ପାଦକ ଶିବା ସୁନାନୀ, ସହିତ ସୁବାଷ ମୁଣ୍ଡା, ଟିଙ୍କୁନ ସୁନାନୀ, ଅଭିଶେଷ ଶର୍ମା, ପ୍ରଶାନ୍ତ ବେହେରା ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ରାମଲୀଳା ସହ ମା'ଇଷ୍ଟ ଦେବୀ ମେଲୋଡି (ଉମାକାନ୍ତ ବାରିକ) ଓ ତାଙ୍କର ଟିମ୍ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି।ସେହିପରି ଟିକିବା ପଞ୍ଚାୟତ ଖଏରଡିହି ଗ୍ରାମମଣ୍ଡପରେ ରାମ ନବମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର କାଳ ବୈଶାଖୀର ତାଣ୍ଡବରେ ଯାତ୍ରା ଫିକା ପଡ଼ି ଥିବା ବେଳେ ଆଜି ରାତ୍ରିରେ ନୂଆଁଗା ପାଲା ଅନୁଷ୍ଠିତ ହେବ। ପ୍ରବୀଣ ପଟେଲ ଓ ତାଙ୍କ ପତ୍ନୀ କର୍ତ୍ତା ଭାବରେ ଦାୟିତ୍ୱ ବହନ କରି ଥିବା ବେଳେ ପୂଜକ ଭାବରେ ମୁରାରୀ ମହାପାତ୍ର ପୂଜା ପାଠ କରିଥିଲେ।

## ଅଟଳ ଉଦ୍ୟାନରୁ ବିଶ୍ୱବିଦ୍ୟାଳୟ ମଧ୍ୟରେ ନୂତନ ତହସିଲ ସ୍ଥାପନ ଦାବି

**ସମ୍ବଲପୁର, ୨୮।୩ (ସମିସ) :** ବୁର୍ଲାସ୍ଥିତ ଅଟଳ ଉଦ୍ୟାନରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ନୂତନ ତହସିଲ ସ୍ଥାପନ କରିବାକୁ ବୁର୍ଲାର ସଚେତନ ନାଗରିକମାନେ ଦାବି ଜଣାଇଛନ୍ତି। ବୁର୍ଲାବାସୀଙ୍କ ଆବଶ୍ୟକତା ଓ ଅନୁରୋଧକୁ ବିଚାର କରି ରାଜ୍ୟ ସରକାର ସମ୍ବଲପୁର ଜିଲ୍ଲାରେ ଏକ ନୂତନ ତହସିଲ ବୁର୍ଲା ଓ ଆଖପାଖ ଅଞ୍ଚଳକୁ ନେଇ ବୁର୍ଲାଠାରେ ସ୍ଥାପନ କରିବାକୁ ନେଇଥିବା ନିଷ୍ପତ୍ତିକୁ ବୁର୍ଲାବାସୀ ସ୍ୱାଗତ କରିଛନ୍ତି। ବୁର୍ଲା ଅଟଳ ଉଦ୍ୟାନ ଠାରୁ ସମଲପୁର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଭି.ଆଇ. ପି. ରାସ୍ତାର ଉଭୟ ପାର୍ଶ୍ୱରେ ଅବ୍ୟବହୃତ ସରକାରୀ ଜମି ଥିବା ଦୃଷ୍ଟିରୁ ପ୍ରସ୍ତାବିତ ତହସିଲ କାର୍ଯ୍ୟାଳୟ ସହ ତହସିଲ କର୍ମଚାରୀଙ୍କ ଆବାସିକ ଗୃହ ନିର୍ମାଣ କରାଯାଇପାରିବ। ଏଣୁ ପ୍ରସ୍ତାବିତ ବୁର୍ଲା ତହସିଲ କାର୍ଯ୍ୟାଳୟ ସହ ଆବଶ୍ୟକ ଆବାସିକ ଗୃହ ଉପରୋକ୍ତ ରାସ୍ତାର ଯେକୌଣସି ପାର୍ଶ୍ୱରେ ସ୍ଥାପନ କରିବାକୁ ଦାବିକରି ଆଇନଜୀବୀ ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ସଚେତନ ନାଗରିକମାନେ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

## ଏମ୍‌ସିଏଲ୍‌କୁ ତିନିଦିନିଆ ଗସ୍ତରେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ

**ସମ୍ବଲପୁର, ୨୮।୩ (ସମିସ):** କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ବି. ସାଇରାମ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ୍) କୁ ତିନିଦିନିଆ ଗସ୍ତର ପ୍ରଥମ ଦିନରେ ତାଳଚେର କୋଲଫିଲ୍ଡସରେ ପ୍ରମୁଖ ଖଣି ପ୍ରକଳ୍ପ ଗୁଡିକର ସମୀକ୍ଷା କରିଛନ୍ତି। ସେ ଭୁବନେଶ୍ୱରୀ ଅଞ୍ଚଳରେ ନୂତନ ଭାବେ ସ୍ଥାପିତ ଅଟୋମେଟିକ୍ ଟ୍ରକ୍ ଲୋଡିଂ ସିଷ୍ଟମ୍ (ଏଟିଏଲ୍ଏସ୍) ପରିଦର୍ଶନ କରିଥିଲେ ଏବଂ ଭୁବନେଶ୍ୱରୀ ଓସିପି ଓ ଅନନ୍ତ ଓସିପିରେ ପରିଚାଳନା ଅଗ୍ରଗତିର ଆକଳନ କରିଥିଲେ। ଶ୍ରୀ ସାଇରାମ ଓ ତାଙ୍କ ଟିମ୍ ଏମ୍‌ସିଏଲ୍‌ର ନିରନ୍ତର ଏବଂ ଅଭିନବ ଖନନ ଅଭ୍ୟାସ ଓ ପରିଚାଳନା ଦକ୍ଷତା ପାଇଁ ପ୍ରଶଂସା କରିଥିଲେ। ସେ କର୍ମଚାରୀ କଲ୍ୟାଣ ଏବଂ ସମାବେଶୀ ଅଭିବୃଦ୍ଧି ଉପରେ ଜନ ପ୍ରତିନିଧି ଏବଂ ସଂଘ ଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ଗଣମାଧ୍ୟମକୁ ସମ୍ବୋଧିତ କରି ସେ ସୌର ଏବଂ ଅନ୍ୟାନ୍ୟ ଅକ୍ଷୟଶକ୍ତି କ୍ଷେତ୍ରରେ ବିବିଧତା ଦିଗରେ କୋଲ ଇଣ୍ଡିଆର ରଣନୈତିକ ପଦକ୍ଷେପ ତଥା ସ୍ଥାୟୀ କୋଇଲା ଖନନ କାର୍ଯ୍ୟ ଏବଂ ଧୂଳି ପ୍ରଦୂଷଣର ପ୍ରଭାବଶାଳୀ ପ୍ରଶମନ ପାଇଁ ସାଇଲୋ, ଅଟୋମେଟିକ୍ ଟ୍ରକ୍ ଲୋଡିଂ ସିଷ୍ଟମ୍ (ଏଟିଏଲ୍ଏସ୍) ଇତ୍ୟାଦି ଭଳି ବିଭିନ୍ନ ଟେକ୍ନୋଲୋଜି ଏବଂ ଭିତ୍ତିଭୂମିର ବ୍ୟବହାର ଉପରେ ଆଲୋକପାତ କରିଥିଲେ।




ଏହି ଅବସରରେ ଏମ୍‌ସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, ନିର୍ଦ୍ଦେଶକ (ମାନବ ସମ୍ବଳ)କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ) ସଞ୍ଜୟ କୁମାର ଝା ମଧ୍ୟ ଉପସ୍ଥିତ ଥିଲେ। ଗସ୍ତ ସମୟରେ ଶ୍ରୀ ସାଇରାମ କର୍ମଚାରୀଙ୍କ ପ୍ରତିବଦ୍ଧତା ଓ ଦକ୍ଷତାକୁ ପ୍ରଶଂସା କରିବାସହ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଏଥିସହିତ, ଏମ୍‌ସିଏଲ୍‌ର 'ନାରୀ ଶକ୍ତି'ର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସେ ସ୍ୱତନ୍ତ୍ର ପ୍ରଶଂସା କରିଥିଲେ।

## ଠେମରା ରାମଚଣ୍ଡୀ ମନ୍ଦିରରେ ଚୈତ୍ର ନବରାତ୍ର

**ସମ୍ବଲପୁର, ୨୮।୩ (ସମିସ) :** ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୩୯ ଠେମରାରେ ଥିବା ରାମଚଣ୍ଡୀ ମନ୍ଦିରରେ ଚୈତ୍ର ନବରାତ୍ର ମହୋତ୍ସବ ଅବସରରେ କୁଲତା ସମାଜର ଆରାଧ୍ୟ ଦେବୀ ମା' ରଣେଶ୍ୱରୀ ରାମଚଣ୍ଡୀଙ୍କ ନବରାତ୍ର ପୂଜାର୍ଚ୍ଚନା କରାଯାଇଛି। ପ୍ରତିଦିନ ଚଣ୍ଡୀପାଠ ସହ ମାନସିକ ଦୀପ ପ୍ରଜ୍ୱଳନ କରାଯାଇଛି। ନବରାତ୍ରର ୯ ଦିନ ସକାଶେ ୯ଟି ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଠେମରା ପୀଠ ଅନ୍ତର୍ଗତ ୭୪ ଖଣ୍ଡ ଗ୍ରାମର ଭକ୍ତମାନଙ୍କ ସମାଗ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଜଗତ ମୋହନ ପ୍ରଧାନ, ସମ୍ପାଦକ ନିଳାଦ୍ରୀ ବାରିକଙ୍କ ସହ ସଦସ୍ୟମାନେ ଏହି ମହୋତ୍ସବ ପରିଚାନଲା କରିଥିବାବେଳେ ଶ୍ରୀ ଶ୍ରୀ ରାମଚଣ୍ଡୀ ଦେବୀ ସେବା ସଂଗଠନ, ଠେମରା ପୀଠର ସଭାପତି ମଣିକର ସାହୁ ଓ ଅନ୍ୟମାନେ ସହଯୋଗ କରଥିଲେ।

# ସମ୍ବଲପୁରରେ ୧୪୦୦ ପିଏନ୍‌ଜି କାର୍ଯ୍ୟକ୍ଷମ, ୮ ହଜାର ପଞ୍ଜିକୃତ

**ସମ୍ବଲପୁର, ୨୮।୩ (ସମିସ)**

ସମ୍ପ୍ରତି ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତିରେ ଏଲ୍‌ପିଜି ଗ୍ୟାସ୍ ଅଭାବକୁ ନେଇ ବହୁ ସମସ୍ୟା ସୃଷ୍ଟି ହେଉଛି। ଏପରିସ୍ଥଳେ ଏଲ୍‌ପିଜିରୁ ପାଇପ୍‌ଡ ନେଚୁରାଲ ଗ୍ୟାସ୍ (ପିଏନ୍‌ଜି)କୁ ବଦଳ କରିବାକୁ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସଂସ୍ଥା ଦ୍ୱାରା ପାଇପ୍ ମାଧ୍ୟମରେ ଘରମାନଙ୍କୁ ଗ୍ୟାସ୍ ଯୋଗାଇବା ଆରମ୍ଭ ହୋଇଥିବାବେଳେ ରେଙ୍ଗାଲି ଅଞ୍ଚଳରୁ ଆରମ୍ଭ କରି ସମ୍ବଲପୁରର କେତେକାଂଶରେ ଏଯାବତ୍ ପ୍ରାୟ ୧୪୦୦ ଘରେ ପିଏନ୍‌ଜି କାର୍ଯ୍ୟକ୍ଷମ ହୋଇଥିବା ବେଳେ ପ୍ରାୟ ୮ହଜାରରୁ ଉର୍ଦ୍ଧ୍ୱ ପଞ୍ଜୀକରଣ ହୋଇଥିବା ବିପିସିଏଲ୍ ଟେରିଟୋରୀ ସେଲ୍‌ସ ମ୍ୟାନେଜର ବିରାଜ କେଲୁସ୍କର୍ ସୂଚନା ଦେଇଛନ୍ତି।ସମ୍ବଲପୁରରେ୧୬ଟି କମର୍ସିଆଲ୍ ପିଏନ୍‌ଜି ସଂଯୋଗ ହୋଟେଲ ରେଷ୍ଟୁରାଣ୍ଟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ହୋଇସାରିଛି। ଅଇଁଠାପାଲି ପିଏଚ୍‌ଡି ପଡ଼ିଆରେ ଚାଲିଥିବା ଶ୍ରୀରାମ ଜନ୍ମୋତ୍ସବ ମେଳାଠାରେ ବିପିସିଏଲ୍ ପକ୍ଷରୁ ଏକ ଷ୍ଟଲ ରହିଛି, ସେଠାରେ ସନ୍ଦେହମୋଚନ ସହ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସେଲ୍‌ସ ମ୍ୟାନେଜର କୋନା ନାଗେଶ କୁମାର, ଇଞ୍ଜିନିୟରିଂ ଅଧିକାରୀ ଶୁଭମ ଶ୍ରୀବାସ୍ତବ ଓ ଜୟବ୍ରତ ନନ୍ଦ, ସେଲ୍‌ସ ଅଧିକାରୀ ଆଭାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ଦ୍ୱାରା ସମ୍ବଲପୁର, ବରଗଡ଼ ଓ ଦେବଗଡ଼ ଜିଲ୍ଲାରେ ପାଇପଡ୍ ନେଚୁରାଲ ଗ୍ୟାସ୍ (ପିଏନ୍‌ଜି) ସେବାକୁ ବିସ୍ତାର କରାଯାଉଛି। ପିଏନ୍‌ଜି ଏକ ସୁରକ୍ଷିତ, ସୁବିଧାଜନକ ଓ ପରିବେଶ ପ୍ରତି ଉପଯୁକ୍ତ ଇନ୍ଧନ, ଯାହାକୁ କେନ୍ଦ୍ର ସରକାର ମଧ୍ୟ ଗୃହସ୍ଥ, ବାଣିଜ୍ୟିକ ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଭାବେ ପ୍ରୋତ୍ସାହନ ଦେଉଛନ୍ତି। ପିଏନ୍‌ଜି ଦ୍ୱାରା ଘରୋଇ ରନ୍ଧନ ଅଧିକ ସୁରକ୍ଷିତ, ସହଜ ଓ ଅବିରତ ହୋଇପାରୁଛି ଏବଂ ଏଥିରେ ସିଲିଣ୍ଡର ବଦଳାଇବା ସମସ୍ୟା ନାହିଁ। ପିଏନ୍‌ଜିର ଦର ପ୍ରତି ମିଟରକ୍ୟୁବ୍ ପିଛା ୪୮ ଟଙ୍କା ୫୦ ପଇସା ପଡୁଛି। କମର୍ସିଆଲ ଦର ଅଲଗା ରହିଛି। ପ୍ରତି ଦୁଇମାସରେ ଥରେ ବିଲ୍ ପଇଠ କରିବାକୁ ପଡ଼ିବ। ଏହାର ମୂଲ୍ୟ ମଧ୍ୟ ଏଲ୍‌ପିଜି ତୁଳନାରେ ଶସ୍ତା ପଡୁଛି ଏବଂ ଯେତିକି ବ୍ୟବହାର କରିବେ ସେତିକି ପଇଠ କରିବେ ବୋଲି ଶ୍ରୀ କେଲୁସକର୍ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପିଏନ୍‌ଜି ସଂଯୋଗ ହେବାପରେ ଏଲ୍‌ପିଜି ପଞ୍ଜିକରଣ ବାତିଲ କରିବାକୁ ପଡ଼ିଥାଏ। ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ପରେ ସମ୍ବଲପୁରର ଅନୁଗୁଳିଆପଡ଼ା, ଭାଲୁପାଲି, ପ୍ରଗତି ବିହାର, ଅମ୍ବିରା ନଗର, ବହିଦାରନୂଆଁପାଲି, ବୈଦିକ ବିହାର, ଆଦର୍ଶ ମାର୍ଗ, ଡାଏଟ୍ ରୋଡ୍, ଜଗନ୍ନାଥ କଲୋନୀ, ଦାନିପାଲି ଆଦି ଅଞ୍ଚଳରେ ଏହି ସେବା ଉପଲବ୍ଧ ହେଉଛି। ଏହାସହିତ ଆଗାମୀ ୨ ମାସ ମଧ୍ୟରେ ପ୍ରଧାନପଡ଼ା, ଗୋପାଲମାଲ, ବରେଇପାଲି, ରେଳନଗର ଓ କ୍ଷେତରାଜପୁର ଆଦି ଅଞ୍ଚଳରେ ଏହି ସେବା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ସିଆଇଏଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍, ଏମ୍‌ସିଏଲ୍‌ର ଉତ୍କୃଷ୍ଟ ପ୍ରଦର୍ଶନ

**ସମ୍ବଲପୁର, ୨୮।୩ (ସମିସ) :** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ର ବ୍ୟାଡମିଣ୍ଟନ ଦଳ ୨୫ ରୁ ୨୮ ତାରିଖ ପର୍ଯ୍ୟନ୍ତ ବିସିସିଏଲ୍‌ରେ ଅନୁଷ୍ଠିତ ସିଆଇଏଲ୍ ଆନ୍ତଃ-କମ୍ପାନୀ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ଅସାଧାରଣ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ କ୍ରୀଡାପ୍ରେମୀ ମନୋଭାବ ପ୍ରଦର୍ଶନ କରି, ଟିମ୍ ଏମ୍‌ସିଏଲ୍ ସାମଗ୍ରିକ ଦଳ ଚାମ୍ପିଅନ ଭାବରେ ଉଭା ହୋଇଛି, ଯାହା କ୍ରୀଡ଼ା କ୍ଷେତ୍ରରେ ସଂଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଏହି ସଫଳତା ସହିତ, ଏମ୍‌ସିଏଲ୍ ଖେଳାଳିମାନେ ଏକକ ଏବଂ ଯୁଗଳ ବର୍ଗରେ ରନର୍ସ-ଅପ୍ ସ୍ଥାନ ମଧ୍ୟ ହାସଲ କରିଛନ୍ତି।




ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କୋଲ୍ ଇଣ୍ଡିଆ ସହାୟକ କମ୍ପାନୀର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ପ୍ରତିଯୋଗିତାକୁ ତୀବ୍ର ଏବଂ ଅତ୍ୟନ୍ତ ପ୍ରତିଯୋଗିତାମୂଳକ କରିଥିଲା। ଚ୍ୟାଲେଞ୍ଜିଂ କ୍ଷେତ୍ର ସତ୍ତ୍ୱେ, ଏମ୍‌ସିଏଲ୍ ଦଳ ଉଲ୍ଲେଖନୀୟ ଦୃଢ଼ ନିଷ୍ପତ୍ତି ଏବଂ ଉତ୍କର୍ଷତା ପ୍ରଦର୍ଶନ କରିଥିଲା, ଯାହା କମ୍ପାନୀ ପାଇଁ ଗୌରବ ଆଣିଥିଲା। ପରିଚାଳନା ଦଳକୁ ଏମ୍‌ସିଏଲ୍ ସଫଳତା ପାଇଁ ଅଭିନନ୍ଦନ ଜଣାଇଛି ଏବଂ ସେମାନଙ୍କର ନିଷ୍ଠା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛି। ଏହି ସଫଳତା କ୍ରୀଡାକୁ ପ୍ରୋତ୍ସାହିତ କରିବା ଏବଂ କର୍ମଚାରୀମାନଙ୍କୁ କେବଳ ସେମାନଙ୍କର ବୃତ୍ତିଗତ ଭୂମିକାରେ ନୁହେଁ ବରଂ ଏକ୍ସଟ୍ରାକରିକୁଲାର୍ କାର୍ଯ୍ୟକଳାପରେ ମଧ୍ୟ ଉତ୍କର୍ଷ ହାସଲ କରିବାକୁ ଉତ୍ସାହିତ କରିବାପ୍ରତି ଏମ୍‌ସିଏଲ୍‌ର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି।

# ରାମନବମୀ ଓ ଆଖଡ଼ା ଶୋଭାଯାତ୍ରା






ରାଉରକେଲା, ୨୮।୩(ସମିସ)

ଶ୍ରୀରାମନବମୀ ପାଳିତ ହେବାର ଗୋଟିଏ ଦିନ ପରେ ଶନିବାର ୧୭ଟି ଆଖଡା କମିଟି ପକ୍ଷରୁ ରାଉରକେଲା ମୁଖ୍ୟ ରାସ୍ତାରେ ବିଶାଳ ଶୋଭାଯାତ୍ରା ବାହାରିଛି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମା, ହନୁମାନଙ୍କ ବିଶାଳ ମୂର୍ତ୍ତି ସହ ଅନ୍ୟ ଦେବାଦେବୀଙ୍କ ପ୍ରତିମା ପ୍ରଜ୍ଞାପନ ମେଢ଼କୁ ଶୋଭାବର୍ଦ୍ଧନ କରିଥିଲା। ବିଭିନ୍ନ ଆଖଡା କମିଟି ପକ୍ଷରୁ କରାଯାଇଥିବା ଶୋଭାଯାତ୍ରାରେ ପ୍ରଜ୍ଞାପନ ମେଢ଼ର ବୋର୍ଡରେ ଅସ୍ତ୍ରଶସ୍ତ୍ର ସଜ୍ଜିତ କରାଯାଇଥିଲା। ଏସପି ନିତେଶ ୱାଧୱାନୀ ନଡିଆ ଭାଙ୍ଗି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ଅତିରିକ୍ତ ଏସପି ରାଜକିଶୋର ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀ, ରାଉରକେଲା ଇଣ୍ଟିଗ୍ରେସନ ଫୋରମର କର୍ମକର୍ତ୍ତା ଏବଂ ବିଭିନ୍ନ ଆଖଡାର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଆଖଡା ଖେଳାଳିମାନଙ୍କ ଦ୍ୱାରା ଲାଠି ଖେଳ ପ୍ରଦର୍ଶିତ ହୋଇଥିଲା। ବାଜା ଶବ୍ଦରେ ସହର ପ୍ରକମ୍ପିତ ହୋଇଥିଲା। ଶୋଭାଯାତ୍ରାରେ ମୋଟ ୧୫ଟି ଆଖଡା କମିଟି ବାବା ଶମ୍ଭୁନାଥ ଆଖଡା, ରାଣାପ୍ରତାପ ଆଖଡା, ଜୟ ଶ୍ରୀହନୁମାନ ଆଖଡା, ଶିବାଜୀ ଆଖଡା, ନବଯୁବକ ସଂଘ ଆଖଡା, ଜୟ ମାଁଦୁର୍ଗା ଆଖଡା, ବାବା ଭୂତନାଥ ଆଖଡା, ମହାକାଳ ଓ ଶିବଶକ୍ତି ଆଖଡା, ଜୟ ବଜରଙ୍ଗ ଆଖଡା, ଶ୍ରୀଶ୍ରୀ ଜୟ ବଜରଙ୍ଗ ଆଖଡା, ଜୟ ମହାବୀର ଆଖଡା, ତ୍ରିନାଥ ଆଖଡା ଏବଂ ରୁଦ୍ର ବାବା ଆଖଡା ସାମିଲ ହୋଇଥିଲେ। ଟ୍ୟାକ୍ସିଷ୍ଟାଣ୍ଡ ସମ୍ମୁଖରେ ରାଉରକେଲା ଇଣ୍ଟିଗ୍ରେସନ ଫୋରମ୍ ପକ୍ଷରୁ ଖେଳାଳି ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନେକ ସ୍ଥାନରେ ବିଭିନ୍ନ ସାମାଜିକ ସଂଗଠନ ଓ ସମାଜସେବୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି, ସର୍ବତ, ଫଳ ଏବଂ ଜଳପାନର ବ୍ୟବସ୍ଥା କରାଯାଇଥିଲା। ସ୍ମାର୍ଟସିଟି ରାଉରକେଲାରେ ଧୂମଧାମ୍ ତଥା ଶାନ୍ତିଶୃଙ୍ଖଳାର ସହ ରାମନବମୀ ପାଳନ ନିମନ୍ତେ ୨୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହାସହ ଶୋଭାଯାତ୍ରାରେ ନଜର ରଖିବା ପାଇଁ ୧୦୦ଟି ସିସିଟିଭି ଲଗାଯାଇଥିଲା। ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ୪ଟି ସ୍ୱତନ୍ତ୍ର ଡ୍ରୋନ କ୍ୟାମେରା ଦ୍ୱାରା ସତର୍କ ଦୃଷ୍ଟି ରଖାଯାଇଥିଲା। ଏସପି ୱାଧୱାନୀ ନିଜେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

- ଜୟ ଶ୍ରୀରାମ ଧ୍ୱନୀରେ କମ୍ପିଲା ମୁଖ୍ୟ ରାସ୍ତା
- ୨୦ପ୍ଲାଟୁନ୍ ଫୋର୍ସ ମୁତୟନ
- ନଜର ରଖିଲା ୧୦୦ଟି ସିସିଟିଭି ଓ ୪ଟି ଡ୍ରୋନ

## ରାଜଗାଙ୍ଗପୁରରେ କଡ଼ା ସୁରକ୍ଷା ଭିତରେ ଶ୍ରୀରାମ ନବମୀ ସମ୍ପନ୍ନ

ରାଉରକେଲା, ୨୮।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ଶ୍ରୀରାମ ନବମୀ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳା ସହ ମହାଆଡ଼ମ୍ବରରେ ଭକ୍ତ ମାନଙ୍କ ଉତ୍ସାହରେ ପାଳିତ ହୋଇଛି। ଶୋଭାଯାତ୍ରାରେ ୨୩ଟି ଆଖଡା ଦଳ ଭାଗ ନେଇଥିଲେ। ପ୍ରଭୁ ହନୁମାନ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଭାଇ ଲକ୍ଷ୍ମଣଙ୍କୁ କାନ୍ଧରେ ବସାଇଥିବା ବେଶ ସଜା ହୋଇଥିଲା। ସୁସଜ୍ଜିତ ରଥରେ ସ୍ଥାନୀୟ ଲକ୍ଷ୍ମୀ ପଡ଼ାରୁ ଶୋଭାଯାତ୍ରା ବାହାରି ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା କରି ବାବା ତାଲାବ ଠାରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ନଗର ପରିକ୍ରମା ପାଇଁ ତାଳକି ପଡ଼ା, ମୁଖ୍ୟ ରାସ୍ତା ଦେଇ ବସନ୍ତଶ୍ରୀ ମୁଖ୍ୟ ବଜାର ଇନ୍ଦିରା ଛକ, ସୁଭାଷ ବୋଷ ଛକ, ଲାଲବାବା ମଜାର ଦେଇ ରାଟାପଡ଼ା, ଓସିଏଲ ବଜାର, ଓସିଏଲ କଲୋନୀ ଦେଇ ଲିପଲୋଇକୁ ବାହାରି ଅସ୍ଥାୟୀ ପୁଷ୍କରଣୀରେ ପହଞ୍ଚିଥିଲା। ସହର ସାରା ଗେରୁଆମୟ ହୋଇଥିଲା। ରାଜ୍ୟ ଏବଂ ରାଜ୍ୟ ବାହାର ପଡୋଶୀ ଝାଡଖଣ୍ଡ, ଛତିଶଗଡ଼ର ବାଦ୍ୟ ବାଦନରେ ରାଜଗାଙ୍ଗପୁର ସହର ପ୍ରକମ୍ପିତ ହୋଇଥିଲା। ଆଖଡା କମିଟି ସଭାପତି ସଦୀପ ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା ପରିଚାଳନା କରାଯାଇଥିଲା। ଆଖଡା କମିଟିର ସଦସ୍ୟଙ୍କ ମଧ୍ୟରୁ ଶଙ୍କର ସିଂ,



ଦିଲ୍ଲୀପ ସାହୁ, ରାକେଶ ନନ୍ଦା, ରାଜେଶ ଶର୍ମା, ଫଂଶ୍ୟା ଲଲ୍ଲୁ ସେଭାର ରାଜ୍ୟ ସମ୍ପାଦକ ସୋଏବ ଆଲମ୍ ଜାଫର ମୋବିନ ଅହମ୍ମଦ, ସ୍ଥାନୀୟ ବିଧାୟକ ଡ ସିଏସ ରାଜନ, ଏକ୍କା ଅନୀଲ ବରୁଆ, ନରସିଂହ ମିଞ୍ଜ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ଥିଲେ। ବିଭିନ୍ନ ସ୍ଥାନରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ଓ ଥଣ୍ଡା ପାନୀୟର ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ୭୦ ସିସି କ୍ୟାମେରା ସହ ୨ଟି ଡ୍ରୋନ କ୍ୟାମେରା ଓ ୨୬ ପ୍ଲାଟୁନ ପୁଲିସ ଫୋର୍ସ, ୧୦ ଜଣ ଡିଏସପି, ୨୪ ଜଣ ଇନ୍ସପେକ୍ଟରଙ୍କ ସହ ୭୦ ଜଣ ସବ ଇନ୍ସପେକ୍ଟର ଏବଂ ଏଏସଆଇ ମୁତୟନ ହୋଇଥିଲେ। ଏହାସହ ୧୦ ଜଣ ମାଜିଷ୍ଟ୍ରେଟ ନିୟୋଜିତ ଥିଲେ। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ଓ ସୁନ୍ଦରଗଡ଼ ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର, ଅତିରିକ୍ତ ଏସପି, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ସ୍ଥାନୀୟ ଏସଡିପିଓ ବିଭୂତି ଭୂଷଣ ଭୋଇ, ସ୍ଥାନୀୟ ତହସିଲଦାର ଜଗବନ୍ଧୁ ମଲ୍ଲିକ, ବିଡିଓ ଅକ୍ଷୟ ବାଗ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ପ୍ରାୟ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ।

**ଜଗିଲା ୨୬ ପ୍ଲାଟୁନ ପୁଲିସ ଫୋର୍ସ ଓ ୭୦ ସିସିଟିଭି**

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସୁନ୍ଦରଗଡ଼ ଗସ୍ତ



ରାଉରକେଲା, ୨୮।୩(ସମିସ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଦୁଇ ଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭାଗୀୟ କାର୍ଯ୍ୟକଳାପ ଗୁଡିକ ଉପରେ ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ବରିଷ୍ଠ ସଦସ୍ୟା ଚନ୍ଦନା ଦାସ ଓ ସଦସ୍ୟା କଳ୍ପନା ଲେଙ୍କା ଉପସ୍ଥିତ ଥିଲେ। ଏହି ପରିଦର୍ଶନରେ ସମୟରେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକ ପରିଦର୍ଶନ କରିବା ସହିତ ଛତୁଆ ୟୁନିଟ୍‌ର କାର୍ଯ୍ୟ ଗୁଡିକ ତଦାରଖ କରିଥିଲେ। ସେହିପରି ଦୁଇଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରି ପିଲାମାନଙ୍କ ସହ ଆଲୋଚନା କରିଥିଲେ ଏବଂ ସେଠାରେ ଦିଆଯାଉଥିବା ଖାଦ୍ୟ ମାନ ପରୀକ୍ଷା କରିଥିଲେ। ସେହିଭଳି ଲହଣ୍ଡାବୁଡ ବିଦ୍ୟାଳୟର ଛାତ୍ରଛାତ୍ରୀ ଅସୁସ୍ଥ ଥିବା ଖବର ପାଇ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ। ଚିକିତ୍ସିତ ହେଉଥିବା ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ପରେ ସ୍ଥାନୀୟ ସଦଭାବନା ଭବନ ଠାରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଶିଶୁ ଅଧିକାର ଉପରେ ସମୀକ୍ଷା ବୈଠକ କରିଥିଲେ। ଆଗାମୀ ଦିନରେ ପିଲାମାନଙ୍କୁ ସୁରକ୍ଷିତ ରଖିପାରିବା ତଥା ସମସ୍ତ ଶିଶୁ ଯେଭଳି ବିଦ୍ୟାଳୟକୁ ଯାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କିଭଳି ଶିଶୁ ଭିକ୍ଷା ବୃତ୍ତିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇ ପାରିବ ତା ଉପରେ ଆଲୋକପାତ କରିଥିଲେ। ବୈଠକରେ ଜିଲ୍ଲାପାଳ ଡ.ଶୁଭଙ୍କର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ରାଉରକେଲା ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସାମି ଓରାମ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଏଲ୍‌ପିଓ ଗୀତାରାଣୀ ପଟେଲ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ 'ବିଦ୍ୟା'ରେ ୧୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

ରାଉରକେଲା, ୨୮।୩(ସମିସ): ବେଦାନ୍ତ ଆଲୁମିନିୟମ ୨୦୨୫ରେ ଏହାର ଶିକ୍ଷା ପ୍ରକଳ୍ପ 'ପ୍ରୋଜେକ୍ଟ ବିଦ୍ୟା' ଆରମ୍ଭ କରି ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ର ସରକାରୀ ବିଦ୍ୟାଳୟରେ ପାଠପଢ଼ାକୁ ସୁଦୃଢ଼ କରିଆସୁଛି। ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଭଳି ପ୍ରମୁଖ ବିଷୟ ସହିତ ମୌଳିକ ସାକ୍ଷରତା ଉପରେ ଅଧିକ ଧ୍ୟାନ ଦିଆଯାଇ ୨୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଶ୍ରେଣୀ ଗୃହରେ ଛାତ୍ର-ଶିକ୍ଷକ ଅନୁପାତରେ ବୃଦ୍ଧି କରି ୧୭ଟି ଗ୍ରାମୀଣ ବିଦ୍ୟାଳୟର ୧୮୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ଏହି କାର୍ଯ୍ୟକ୍ରମ ପହଞ୍ଚି ପାରିଛି। ସୁନ୍ଦରଗଡ଼ରେ ଅଧାରୁ ପାଠ ଛାଡିବା ହାର ଅଧିକ। ତେଣୁ ଏଠାରେ ମୌଳିକ ଶିକ୍ଷା ଉପରେ ଧ୍ୟାନ ଦେବା, ଛାତ୍ର-ଶିକ୍ଷକ ଅନୁପାତକୁ ବୃଦ୍ଧି କରିବା ନିତାନ୍ତ ଆବଶ୍ୟକ। ପ୍ରକଳ୍ପ 'ବିଦ୍ୟା' ଯୋଗୁଁ ଲଖନପୁର ବ୍ଲକରେ ୬୪%ରୁ ୭୬% ଏବଂ ହେମଗିର ବ୍ଲକରେ ୬୬%ରୁ ୮୨%କୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ବୃଦ୍ଧି ହୋଇପାରିଛି। ଏହି ପ୍ରକଳ୍ପରେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡିକ ମଧ୍ୟରେ ମୁଣ୍ଡେରଖେତ୍



ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ, ଭୋଗ୍ରାକଛର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ, ଘୋଘରପଲ୍ଲୀ ସରକାରୀ ପ୍ରାଥମିକ ସ୍କୁଲ, ରେଙ୍ଗଲପାଣି ସରକାରୀ ପିଏମ୍, ଛତାବର ସରକାରୀ ୟୁଜିଏଚଏସ୍, ଘୋଘରପଲ୍ଲୀରେ ଥିବା ବିଲେମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ, ଜାମଖାନି ସରକାରୀ ପ୍ରାଥମିକ ସ୍କୁଲ ଏବଂ ଜାମଖାନି ଠାରେ ଥିବା ଝାରପାଲମ୍ ସରକାରୀ ୟୁଜିଏଚଏସ୍ ରହିଛି। ସେହିଭଳି କୁଡାଲୋଇ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ, ବଞ୍ଜାରୀ ସରକାରୀ ଏସଏସଡି ହାଇସ୍କୁଲ, ବଞ୍ଜାରୀ ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ସରକାରୀ ପ୍ରାଥମିକ ସ୍କୁଲ, କାର୍ଲାଖାମନ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ, ମୋହନପୁର ସରକାରୀ ପିଏସ୍, ଝାରସୁଗୁଡ଼ା ଜିଲ୍ଲାର କୁରାଲୋଇର ବାର୍ତାପ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ଏବଂ କୁଡାଲୋଇ ଆଶ୍ରମ ବିଦ୍ୟାଳୟ ଆଦି ଅନ୍ତର୍ଭୁକ୍ତ। ବେଦାନ୍ତ ଆଲୁମିନିୟମ ବିଦ୍ୟାଳୟକୁ ଅତିରିକ୍ତ ଶିକ୍ଷକ ପ୍ରଦାନ କରିବା ପର ଠାରୁ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ଉଲ୍ଲେଖନୀୟ ଉନ୍ନତି ଘଟଥିବା କଥା କୁଡାରେଇ ସ୍କୁଲର ପ୍ରଧାନଶିକ୍ଷକ ଠାକୁର ପ୍ରଧାନ କହିଛନ୍ତି। ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ୪ (ଗୁଣାତ୍ମକ ଶିକ୍ଷା) ସହିତ ସାମଞ୍ଜସ୍ୟ ରଖି, ପ୍ରକଳ୍ପ 'ବିଦ୍ୟା' ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ଗୁଡିକୁ ସୁଦୃଢ଼ କରିଥାଏ। ଶିକ୍ଷାଲାଭ ଯୋଜନା, ରେକର୍ଡ-କିପିଂ, ଛାତ୍ରଛାତ୍ରୀ ଟ୍ରାକିଂରେ ପ୍ରଧାନଶିକ୍ଷକମାନଙ୍କୁ ସହଯୋଗ ଏବଂ ଶିକ୍ଷକ, ପିତାମାତା ଏବଂ ଏସ୍‌ଏମ୍‌ସି ମାନଙ୍କ ମଧ୍ୟରେ ସମନ୍ୱୟକୁ ଉନ୍ନତ କରିଥାଏ। ଏହି ପଦକ୍ଷେପ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଏବଂ ଜବାହାର ନବୋଦୟ ବିଦ୍ୟାଳୟରେ ନାମଲେଖା ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ଛାତ୍ରବୃତ୍ତି ପାଇଁ ପ୍ରସ୍ତୁତିକୁ ମଧ୍ୟ ବୃଦ୍ଧି କରିଥାଏ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ଗୋଷ୍ଠୀ ପଦକ୍ଷେପ ମାଧ୍ୟମରେ ସାମାଜିକ-ଅର୍ଥନୈତିକ ବିକାଶ ଜାରି ରଖିଛି।

**ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ମିଳିଛି ସଫଳତା**

## ଆର୍‌ଏସ୍‌ପି କର୍ମଚାରୀଙ୍କ ଜୀବନସାଥିଙ୍କ କାରଖାନା ଭ୍ରମଣ



ରାଉରକେଲା, ୨୮।୩(ସମିସ): ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିଭାଗ ଦ୍ୱାରା 'ପ୍ରଗତିର ସାଥି' ପଦକ୍ଷେପ ମାଧ୍ୟମରେ କର୍ମଚାରୀଙ୍କ ଜୀବନସାଥିଙ୍କ ପାଇଁ କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହାଦ୍ୱାରା ସେମାନଙ୍କୁ କାରଖାନାର କାର୍ଯ୍ୟ ପରିସ୍ଥିତି ଏବଂ ମାନଦଣ୍ଡ ବିଷୟରେ ସଚେତନ କରିବା ଲକ୍ଷ୍ୟ ରହିଥିଲା। ବ୍ଲାଷ୍ଟ ଫର୍ଣ୍ଣେସେସ୍, ପିବିଏସ, ଏସପି-୧, ସିପିପି-୧ ଏବଂ ଏସଏମଏସ-୧ର ୨୦ ଜଣ କର୍ମଚାରୀଙ୍କ ଜୀବନସାଥିଙ୍କୁ ବ୍ଲାଷ୍ଟ ଫର୍ଣ୍ଣେସ୍-୫, ଷ୍ଟିଲ୍ ମେଲ୍ଟିଂ ସପ୍-୨, ଏସପିପି-୧, ନ୍ୟୁ ପ୍ଲେଟ୍ ମିଲ୍ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ପରିଦର୍ଶନ କରାଯାଇଥିଲା। ସିପିପି-୧ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ପରିଦର୍ଶନ କାର୍ଯ୍ୟକ୍ରମରେ ସିପିପି-୧ ବିଭାଗର ଜିଏମ ଏନସି ପରିଡ଼ା, ଜିଏମ ଜୟବୀର ସିଂହ, ଜିଏମ ବିଭି ଦାସ ପ୍ରମୁଖ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ କାରଖାନା ସମୀକ୍ଷା ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ଆଲୋଚନା ସମୟରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ଜାରି ରଖିବା ସହ ସେମାନଙ୍କର ଜୀବନସାଥୀଙ୍କୁ ସୁରକ୍ଷା ମାନଦଣ୍ଡ ପାଳନ ଦିଗରେ ଉତ୍ସାହିତ କରିବାକୁ ଅନୁରୋଧ କରିଥିଲେ। କଞ୍ଚାମାଲ ଠାରୁ ଆରମ୍ଭ କରି ଅନ୍ତିମ ଉତ୍ପାଦ ପର୍ଯ୍ୟନ୍ତ ଇସ୍ପାତ ତିଆରି ପ୍ରକ୍ରିୟା ବିଷୟରେ ସୂଚନା ଦିଆଯାଇଥିଲା। ପରିଦର୍ଶନକୁ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଦିବ୍ୟା ସାହୁ ଉପସ୍ଥିତ ରହି ସମ୍ପୃକ୍ତ ବିଭାଗଗୁଡିକ ସହିତ ମିଳିତ ଭାବେ ସଂଯୋଜନା କରିଥିଲେ।

**ଅନ୍ଧାରରେ ନୂଆଡିହି ଛକ**

## ୩ ମାସ ହେଲା ହାଇମାଷ୍ଟ ଲାଇଟ୍ ଓ ଷ୍ଟ୍ରିଟ୍ ଲାଇଟ୍ ଅଚଳ

ବଣାଇଁ, ୨୮।୩(ସମିସ): ବଣାଇଁ ଉପଖଣ୍ଡ ଅଧୀନ ଖୁଣ୍ଟଗାଁ ପଞ୍ଚାୟତର ନୂଆଡିହି ଛକ ଓ ଆଖପାଖ ଅଞ୍ଚଳ ଏବେ ପ୍ରାୟ ସମ୍ପୂର୍ଣ୍ଣ ଅନ୍ଧାରରେ ବୁଡ଼ି ରହିଛି। ଯଦିଓ ଏଠାରେ ହାଇମାସ୍କ ଲାଇଟ ଓ ଷ୍ଟ୍ରିଟ ଲାଇଟ ସ୍ଥାପିତ ହୋଇଛି, କିନ୍ତୁ ଦୀର୍ଘ ତିନି ମାସ ଧରି ସେଗୁଡିକ ଅଚଳ ହୋଇ ପଡ଼ିଛି। ଫଳରେ ସାଧାରଣ ଲୋକ ଭୟ ଓ ଅସୁବିଧାରେ ଯାତାୟାତ କରୁଛନ୍ତି। ସନ୍ଧ୍ୟା ନଇଁଲେ ଏହି ଅଞ୍ଚଳ ଗଭୀର ଅନ୍ଧାର ଛାଇଯାଏ। ଫଳରେ ଅନେକ ସମୟରେ ଯାତ୍ରୀ, ଛାତ୍ରଛାତ୍ରୀ ଓ ବ୍ୟବସାୟୀ ବିପଦର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାତିରେ ଦୁର୍ଘଟଣାର ଆଶଙ୍କା ବଢ଼ି ଯାଇଛି। ଅନ୍ଧାରର ସୁଯୋଗରେ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢୁଥିବା ଦେଖାଯାଉଛି। ଏହି ସମସ୍ୟା ବିଷୟରେ ବାରମ୍ବାର ଅଭିଯୋଗ ହେଉଥିବା ସତ୍ତ୍ୱେ, ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୀମା ଲଙ୍ଘିଲାଣି। ସ୍ଥାନୀୟ ବାସିନ୍ଦାମାନେ ତତ୍କାଳ ଷ୍ଟ୍ରିଟ ଲାଇଟ ମରାମତି କରିବା ସହ ଅଞ୍ଚଳରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବା ପାଇଁ ମତ ପ୍ରକାଶ କରିଛନ୍ତି।



## ଉଦିତ୍‌ନଗର ପଡ଼ିଆରେ ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ୍

ରାଉରକେଲା, ୨୮।୩(ସମିସ): ଅଗ୍ନିକାଣ୍ଡ ଭଳି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ରାଉରକେଲା ଅଗ୍ନିଶମ ବାହିନୀ ପକ୍ଷରୁ ଉଦିତନଗର ପଡ଼ିଆ ଠାରେ ଏକ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ତଥା ରାଉରକେଲା ମହାନଗର ନିଗମର ଉପରିସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀର ଯବାନ ମାନେ ପାରମ୍ପରିକ ଓ ଅତ୍ୟାଧୁନିକ ଉପାୟରେ ନିଆଁ ନିୟନ୍ତ୍ରଣ କଳା କୌଶଳ ପ୍ରଦର୍ଶନ କରିଥିଲେ। ଅଗ୍ନିକାଣ୍ଡ ସମୟରେ କିପରି ଜଣେ ବ୍ୟକ୍ତିକୁ ସଫଳତାର ସହ ଉଦ୍ଧାର କରାଯାଇ ପାରିବ ଏବଂ ମୋଟର ଫାୟାର ଇଞ୍ଜିନ୍ ସହ ହୋସ୍ ଓ ମନିଟର ବ୍ୟବହାର କରି କିପରି ନିଆଁ ନିର୍ବାପନ କରାଯାଇ ପାରିବ ତାହା ପ୍ରଦର୍ଶିତ ହୋଇଥିଲା। ବିପଜ୍ଜନକ ତଥା ବ୍ଲାଷ୍ଟିଂ ସାମଗ୍ରୀ ଥିବା ସ୍ଥାନ ଗୁଡିକରେ ସ୍ୱତନ୍ତ୍ର ରୋବଟିକ ମନିଟରର ବ୍ୟବହାର ଦ୍ୱାରା ନିଆଁକୁ ଆୟତ୍ତ, ଅଏଲ ଫାୟାରକୁ ମିଷ୍ଟ ଟେକ୍ନୋଲୋଜି ଦ୍ୱାରା ନିଆଁ ଲିଭାଯିବା, ହାଇଡ୍ରୋଲିକ୍ସ ପାୱାର ପ୍ୟାକ୍ ବ୍ୟବହାର କରି ଲୋକଙ୍କୁ ଉଦ୍ଧାର କରାଯିବା ଆଦି କୌଶଳ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ ପଟ୍ଟନାୟକଙ୍କ ସହ ଡେପୁଟି ଫାୟାର ଅଫିସର ଉମାକାନ୍ତ ନାୟକ, ଆସିଷ୍ଟାଣ୍ଟ ଫାୟାର ଅଫିସର ସଂଗ୍ରାମ ହାଁସଦା, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ପ୍ରଦୀପ ନାୟକ ପ୍ରମୁଖ ଅଗ୍ନିଶମ କର୍ମଚାରୀ, କ୍ଷେତ୍ରବାସୀ ପ୍ରଧାନ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ଇସ୍ପାତ ମଜଦୁର ମହାସଂଘର କାର୍ଯ୍ୟକାରିଣୀ ବୈଠକ

ରାଉରକେଲା, ୨୮।୩(ସମିସ): ଭାରତୀୟ ଇସ୍ପାତ ମଜଦୁର ମହାସଂଘର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ଶନିବାର ବିଶ୍ୱକର୍ମା ଭବନ ସେକ୍ଟର ୪ରେ ଆରମ୍ଭ ହୋଇଯାଇଛି। ବୈଠକରେ ଇସ୍ପାତ ଉଦ୍ୟୋଗ ପ୍ରଭାରୀ ଏମ୍.ଜଗଦୀଶ୍ୱର ରାଓ, ସହ ଉଦ୍ୟୋଗ ପ୍ରଭାରୀ ହିମାଂଶୁ ଶେଖର ବଳ, ପୂର୍ବତନ ପ୍ରଭାରୀ ଦେବେନ୍ଦ୍ର ପାଣ୍ଡେ, ମହାସଂଘ ସାଧାରଣ ସମ୍ପାଦକ ରଞ୍ଜୟ ପ୍ରମୁଖ ଯୋଗ ଦେଇଛନ୍ତି। ମହାସଂଘ ସଭାପତି କମିନି ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଭାରୀ ରାଜେନ୍ଦ୍ର ନାଥ ମହନ୍ତ ସମସ୍ତ ପ୍ରତନିଧିଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ସାଲେମ, କୁଦ୍ରେମୁଖ, ଭଦ୍ରାବତୀ, ବୋକରୋ, ଭିଲାଇ, ବର୍ଣ୍ଣପୁର, ଦୁର୍ଗାପୁର, ଦୁର୍ଗାପୁର ଏଲୋୟ, ଡଲିରାଜହରା, ହିରି, ନନ୍ଦିନୀ, ଟେନସା, ବର୍ଷୁଆଁ, ବଲାଣି, କିରିବୁରୁ, ମେଘାତୁବୁରୁ, ଗୋଆ, ଚିଡ଼ିଆ ପ୍ରଭୃତି ଅଞ୍ଚଳରୁ ପ୍ରତିନିଧି ମାନେ ଯୋଗ ଦେଇଛନ୍ତି। ଇସ୍ପାତ ମହାସଂଘ ବୈଠକରେ ସମସ୍ତ ଇସ୍ପାତ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ୧୦ମ ମଜୁରି ବୋର୍ଡ, ୩୯ ମାସର ବକେୟା ଦରମା, ୫୮ ମାସର ପର୍କ ଏରିଅର, ଗ୍ରାଚୁଇଟି ସିଲିଂ ଆଦି ବିଷୟରେ ଗଭୀର ଆଲୋଚନା ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସୂଚନା ମିଳିଛି।

# ଓକିଲ ସଂଘ ନିର୍ବାଚନ ଫଳାଫଳ ଘୋଷଣା

ରାଉରକେଲା, ୨୮।୩(ସମିସ)

ଓଡ଼ିଶାର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ନିର୍ବାଚନ ଫଳାଫଳ ଶନିବାର ଘୋଷଣା ହୋଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଓକିଲ ସଂଘର କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ନିର୍ବାଚନ ମଧ୍ୟ ଶାନ୍ତି ଶୃଙ୍ଖଳା ସହିତ ଶେଷ ହୋଇଛି।

**ସଦାନନ୍ଦ ସାହୁ-ସଭାପତି, ରାଜ କିଶୋର ପ୍ରଧାନ-ଉପ ସଭାପତି ଓ ଦେବାନନ୍ଦ ତନ୍ତୀ-ସମ୍ପାଦକ**



ସଦାନନ୍ଦ ସାହୁ ପୁନର୍ବାର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ରାଜ କିଶୋର ପ୍ରଧାନ ଉପସଭାପତି ଓ ଦେବାନନ୍ଦ ତନ୍ତୀ ସମ୍ପାଦକ ଭାବେ ବିଜୟ ହାସଲ କରିଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଶାନ୍ତନୁ ଦାସ ଓ ଲାଇବ୍ରେରୀ ସମ୍ପାଦକ ଭାବେ ଶ୍ରୀନିବାସ ପଣ୍ଡା ନିର୍ବାଚିତ ହୋଇଛନ୍ତି। ରାଉରକେଲା ଓକିଲ ସଂଘର ସମୁଦାୟ ୮୪୯ ଭୋଟରଙ୍କ ମଧ୍ୟରୁ ୬୩୪ ଜଣ ଆଇନଜୀବୀ ବିରଜାପାଲି ସ୍ଥିତି ସଂଘ କାର୍ଯ୍ୟାଳୟରେ ନିଜ ମତ ସାବ୍ୟସ୍ତ କରିଥିଲେ। ସକାଳ ୭.୩୦ରେ ଭୋଟିଂ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସରୋଜ ନାରାୟଣ ମହାପାତ୍ର ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ସଭାପତି ପଦରେ ନିହାର ରଞ୍ଜନ ମହାନ୍ତି ୨୪୬ ଖଣ୍ଡ ଭୋଟ ପାଇଥିଲା ବେଳେ ସଦାନନ୍ଦ ସାହୁ ୩୬୯ ଖଣ୍ଡ ପାଇ ୧୨୩ ଖଣ୍ଡ ଭୋଟ ବ୍ୟବଧାନରେ ଲଗାତର ହ୍ୟାଟ୍ରିକ ବିଜୟୀ ହୋଇଛନ୍ତି। ସେହିପରି ଉପ ସଭାପତି ପଦରେ ରାଜ କିଶୋର ପ୍ରଧାନ ପୂର୍ବରୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଲଗାତର ହ୍ୟାଟ୍ରିକ ବିଜୟ ହୋଇଛନ୍ତି। ସମ୍ପାଦକ ପଦରେ ଦେବାନନ୍ଦ ତନ୍ତୀ ୩୯୬ ଖଣ୍ଡ ଭୋଟ ପାଇଥିଲା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଲିଙ୍ଗମ ଅନୁସୁରୁ ହରି ଡୋରା ୨୨୯ ଖଣ୍ଡ ଭୋଟ ପାଇଛନ୍ତି। ଦେବାନନ୍ଦ ୧୬୭ ଖଣ୍ଡ ଅଧିକ ଭୋଟରେ ଲଗାତର ହ୍ୟାଟ୍ରିକ ବିଜୟ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ପୁନମ୍ ଓରାମ ୩୦୯ ଖଣ୍ଡ ଭୋଟ ପାଇଥିଲା ବେଳେ ଶାନ୍ତନୁ ଦାସ ୩୧୪ ଖଣ୍ଡ ଭୋଟ ପାଇ ମାତ୍ର ୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଲାଇବ୍ରେରୀ ସମ୍ପାଦକ ଭାବେ ଶ୍ରୀନିବାସ ପଣ୍ଡା ୩୨୬ ଖଣ୍ଡ ପାଇ ବିଜୟୀ ହୋଇଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରମୋଦ ମହାନ୍ତି ୧୬୪ ଖଣ୍ଡ ଓ ରାଜଶ୍ରୀ ମିଶ୍ର ୧୩୪ ଖଣ୍ଡ ଭୋଟ ପାଇଛନ୍ତି। ପୂର୍ବରୁ କୋଷାଧ୍ୟକ୍ଷ ଭାବେ ଅକ୍ଷୟ ସିଂହଦେଓ, ଏଏସଏମ୍ ସମ୍ପାଦକ ତାପସ ପରିଡ଼ା, କାର୍ଯକାରୀ କମିଟି ସଦସ୍ୟ ଭାବେ ମହେଶ୍ୱର ପୁରଣ, ବନ୍ଦନା ପଣ୍ଡା, ଋଷି ଶେଖର ମହନ୍ତ, ଅଭିଷେକ ସିଂହ, ସୁମିତା ନନ୍ଦ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ କମିଟିରେ ପ୍ରଦୀପ ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ ପାଣିଗ୍ରାହୀ, ପବିତ୍ର ଜେନା, ପ୍ରଶାନ୍ତ ସେନାପତି, ଆରତି ଚୌଧୁରୀ, ଚନ୍ଦ୍ରମଣି ଦାଶ, ପ୍ରଶାନ୍ତ ମହାରଣା, ମାଧବ ନାୟକ, ସନ୍ତୋଷ ତ୍ରିପାଠୀ, ମାନସରଞ୍ଜନ ମହାପାତ୍ର, ଅରୁଣ ଗୋଛାୟତ, ନିହାରରଞ୍ଜନ ସିଂହ, ମ୍ୟାରୀ ମ୍ୟାକ୍ସିମା ଏକ୍କା, ସୂରଜ୍ ସିଂହ ବେସ୍ରା, ବିକାଶ ସାହୁ, ରାଜେଶ ରାଉତ, ଜିକେ ଦୁର୍ଗାମା ପ୍ରମୁଖ ସହଯୋଗ କରିଥିଲେ।

## ବଣାଇଁରେ ତୁଷାରକାନ୍ତ ସଭାପତି, ତହସିଲଦାର ସମ୍ପାଦକ



ବଣାଇଁ: ସାରା ରାଜ୍ୟରେ ଓକିଲ ସଂଘ ନିର୍ବାଚନ ଚାଲିଥିବା ବେଳେ ଶନିବାର ବଣାଇଁ ଓକିଲ ସଂଘରେ ମଧ୍ୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଭାବେ ତୁଷାରକାନ୍ତ ସାହୁ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଭାବେ ଦିନେଶ ଦାସ ଚୟନ ହୋଇଛନ୍ତି। ସେପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ହିମାଂଶୁ ବିଶ୍ୱାଳ ଓ ନିଶାନ୍ତ ଦାସ ନିଦ୍ୱର୍ନ୍ଦ୍ୱ ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦ ପାଇଁ ଦୁଇଜଣ ପ୍ରାର୍ଥୀ ମଧ୍ୟରେ ଭୋଟ ଗ୍ରହଣ ହୋଇଥିଲା। ମୋଟ ୬୨ଟି ଭୋଟ ମଧ୍ୟରୁ ତହସିଲ ପାତ୍ର ୩୨ଟି ଭୋଟ ପାଇ ସମ୍ପାଦକ ପଦରେ ବିଜୟୀ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସନ୍ତୋଷ ପ୍ରଧାନ ୨୯ ଟି ଭୋଟ ପାଇଥିବା ବେଳେ ୧ଟି ନୋଟା ଭୋଟ ମିଳିଥିଲା। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ନରେନ୍ଦ୍ର ମିଶ୍ର ଓ ଅତୁଲ୍ୟ ସାମଲ ସୀଚାରୁ ଭାବେ ପରିଚାଳନା କରିଥିଲେ। ନିର୍ବାଚନ ପରେ ନବନିର୍ବାଚିତ ସଭ୍ୟମାନଙ୍କୁ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

ସୃଜନିକା

ସକାଳ
THE SAKALA
www.sakalaepaper.com



ମୂଳ ସ୍ପାନିସ (ଚିଲି): ଆଲବାର୍ଟୋ ଫୁଗେଟ
ଅନୁବାଦ: ନନ୍ଦିତା ମହାନ୍ତି

# ନିଖୋଜ



ଏପରି ଏକ ଦେଶରେ ଯେଉଁଠି ମଣିଷମାନେ ନିଖୋଜ ହୋଇଯିବା ଏକ ସାଧାରଣ କଥା। ସେଠାରେ ଅଦୃଶ୍ୟ ହୋଇଯିବା ସତରେ ଖୁବ୍ ସହଜ। ଯେତେବେଳେ ସମସ୍ତଙ୍କର ନଜର କେବଳ ମୃତକମାନଙ୍କ ଉପରେ ସୀମିତ, ସେତେବେଳେ ଆମ ପରି କିଛି, ଯେଉଁମାନେ ଏବେ ସୁଦ୍ଧା ଜୀବିତ ସେମାନେ ମାନସପଟଳରୁ ଖୁବ୍ ଶୀଘ୍ର ଅପସରି ଯିବା ମଧ୍ୟ ସମ୍ଭବ। ସେମାନେ ତୁମକୁ ଖୋଜିବାକୁ ଆସନ୍ତି ନାହିଁ, ସେମାନେ ମନେ ମଧ୍ୟ ରଖନ୍ତି ନାହିଁ । ଦେଖ, ସେଠାରେ ସମସ୍ତଙ୍କର ମନର ଅତଳ ତଳେ କିଛି ନା କିଛି ଦୁଃଖଦ ସ୍ମୃତି ରହିଥାଏ। ହୁଏତ ସେମାନେ ତାକୁ ଭୁଲି ଯାଇଥାନ୍ତି କିମ୍ବା ସେମାନେ ମନେ ରଖିବାକୁ ଚାହାନ୍ତି ନାହିଁ।

ଜଣେ ପ୍ରଫେସର୍ ଥରେ ମୋତେ କହିଥିଲେ ଯେ, ମୁଁ କୁଆଡ଼େ ହଜିଯାଇଛି । ମୁଁ ତାଙ୍କୁ ଉତ୍ତର ଦେଇଥିଲି ନିଜକୁ ଭୁଲିବା ପାଇଁ ପ୍ରଥମେ ଜାଣିବାକୁ ହେବ ଯେ ତୁମେ ପ୍ରକୃତରେ କେଉଁଠି ଅଛ ।

ଏକଥା କହି ସାରି ମୁଁ ଭାବିଲି, ଏହାର ବିପରୀତ ତେବେ କ'ଣ ହୋଇପାରିବ ?

ମୁଁ ପନ୍ଦର ବର୍ଷ ଧରି ସମସ୍ତଙ୍କର ମାନସପଟରୁ ପୋଛି ହୋଇ ଯାଇଥିଲି। ମୁଁ ସବୁକିଛି ପରିତ୍ୟାଗ କରିଥିଲି, ଏପରିକି ନିଜକୁ ମଧ୍ୟ। ଏଥିରେ ଏକ ପ୍ରଶ୍ନବାଚୀ ଥିଲା ଯାହାକୁ ମୁଁ ସବୁବେଳେ ଅଣଦେଖା କରୁଥିଲି। ସେଦିନ ମୋ ବାନ୍ଧବୀର ଜନ୍ମଦିନ ସମାରୋହ ଥିଲା, ହେଲେ ମୁଁ ସେଥିରେ ଯୋଗ ଦେଇ ନଥିଲି। ମୁଁ ଲସ୍ ଭିଲୋସ୍ ଯାଉଥିବା ଏକ ବସରେ ଚଢ଼ି ଯାଇଥିଲି। ମୋର ପାଖରେ କୌଣସି ବିଧିବଦ୍ଧ ଯୋଜନା ନଥିଲା; ବାସ୍ ଏହା କେବଳ ଘଟି ଯାଇଥିଲା। ଏହା ବୋଧହୁଏ ହେବାର ଥିଲା ଆଉ ସେଥିରୁ ପ୍ରତ୍ୟାବର୍ତ୍ତନର ବାଟ ହୁଏତ ନଥିଲା।

ପ୍ରଥମେ ମୋତେ ନିଜକୁ ଦୋଷୀ ଲାଗୁଥିଲା। ହେଲେ ତାପରେ ମୁଁ ତାକୁ ଗ୍ରହଣ କରିନେଲି। ସେମାନେ କ'ଣ ମୋତେ ଖୋଜୁଥିବେ ? ସେମାନେ କ'ଣ ମୋତେ ଖୋଜିପାରିବେ? ମୁଁ ଯଦି କାହା ସହିତ କେବେ ସାମ୍ନାସାମ୍ନି ହୋଇଯାଏ ତେବେ କ'ଣ ହେବ?

ହେଲେ ମୁଁ କାହାର ସାମ୍ନାସାମ୍ନି ହୋଇ ନଥିଲି।

ସେମାନେ କୁହନ୍ତି ଯେ, ପୃଥିବୀଟା ଗୋଟେ ରୁମାଲ ଭଳି । କିନ୍ତୁ ନା ! ଯେଉଁମାନେ ଏପରି କୁହନ୍ତି ସେମାନେ ଜମାରୁ ଜାଣିନାହାନ୍ତି ପୃଥିବୀଟା କେମିତି। ଏହା ଖୁବ୍ ବିରାଟ ଓ ସର୍ବୋପରି ସଂପୂର୍ଣ୍ଣ ଅଜଣା ଓ ଅଦ୍ଭୁତ। ତୁମେ ଯୁଆଡ଼େ ଇଚ୍ଛା ସିଆଡ଼େ ଚାଲି ଯାଇପାର ଓ କେହି ତୁମର ଖୋଜଖବର ମଧ୍ୟ ନେବେ ନାହିଁ।

ଏବେ ମୁଁ ଜଣେ ବୟସ୍କ ବ୍ୟକ୍ତି। କିଛି ଦୃଷ୍ଟିରୁ। କେମିତି କେଜାଣି ମୋ ପିଠିରେ କେଶ ଉଠିଛି ଓ ସେଥିପାଇଁ ବେଳେବେଳେ ମୋର ଜିପ୍‌ର ଚେନ୍ ସେଥିରେ ଅଟକିଯାଏ। ମୁଁ ଅନେକ ସ୍ଥାନ ବୁଲିଛି ଓ ଏମିତି ଅନେକ କାର୍ଯ୍ୟ କରିଛି ଯାହାକୁ କରିବି ବୋଲି ମୁଁ କେବେ ହେଲେ ଚିନ୍ତା କରି ନଥିଲି। କିନ୍ତୁ ତୁମେ ବଞ୍ଚିଯିବ। ତୁମେ ସବୁ ଜିନିଷ ସହିତ ଅଭ୍ୟସ୍ତ ହୋଇଯିବ। କିଛି ବି ଖରାପ ନୁହେଁ। କିଛି ବି।

ମୁଁ ଅନେକ ସ୍ଥାନ ବୁଲିଛି। ତୁମେ କ'ଣ କେବେ ଟମ୍ବସ୍ ଯାଇଛ? ଆଉ ବ୍ୟୁନାଭେଣ୍ଟୁରା ବନ୍ଦରକୁ? କିମ୍ବା ସାନ୍ ପେଡ୍ରୋ ସୁଲାକୁ ? ଆଉ ତୁମେ ମେମ୍ଫିସ୍ ବିଷୟରେ କ'ଣ ଜାଣିଛ ?

ଗୋଟେ ଛୋଟିଆ କୁକୁର ଛୁଆ ପରି କେ-ମାର୍ଟରୁ ଜିନିଷପତ୍ର କିଣି ବାହାରୁଥିବା ଗୋଟିଏ ଝିଅ ପଛରେ ମୁଁ ଏଲ୍ ସେଣ୍ଟ୍ରୋ, କାଲିଫର୍ଣ୍ଣିଆ ଯାଏଁ ଗଲି ଯେଉଁ ସହର ସବୁବେଳେ ସାର ପରି ଗନ୍ଧଉଥାଏ। ତା' ସହିତ ସମ୍ପର୍କ ଭଲ ଭାବରେ ଆରମ୍ଭ ହୋଇଥିଲା ଯଦିଓ ଅବିଳମ୍ବେ ଶେଷ ମଧ୍ୟ ହୋଇଯାଇଥିଲା। ତା'ପରେ ମୁଁ କଲରାଡ଼ୋ ନଦୀ କୂଳରେ ଥିବା ନେଭାଡାର ଲଘଲିନ ସହରର ଏକ କ୍ୟାସିନୋରେ କାମ କରିବା ଆରମ୍ଭ କରିଥିଲି । ମୁଁ ବୁଲହେଡ୍ ସହରଠାରୁ ଦୂରରେ ଥିବା ଏକ ଘରେ ଜଣେ ମହିଳା ଫ୍ରାନସେସ୍ ଓ ଫ୍ରାଙ୍କ ନାମକ ଜଣେ ଯୁବକ ସହିତ ରହୁଥିଲି, ହେଲେ ଆମେ କେହି କାହାକୁ ଦେଖି ନଥିଲୁ। ଆମେ ପରସ୍ପର ପାଇଁ କାଗଜରେ ନୋଟ ଲେଖି ଛାଡ଼ି ଯାଉଥିଲୁ। ଆଉ ସେମାନେ ଉଭୟ ଅଶୁଦ୍ଧ ବନାନକାରୀ ଥିଲେ।

ଥରେ ତୁଲସା ହୋଟେଲରେ ରାତ୍ରିଭୋଜନ କରୁଥିବା ସମୟରେ ଜଣେ ଭଦ୍ର ମହିଳା ମୋତେ ଦେଖି କହିଲେ ଯେ, ମୁଁ କୁଆଡ଼େ ଦେଖିବାକୁ ପୂରାପୂରି ତାଙ୍କ ପୁଅ ପରି ଯିଏ ଏକଦା ଘର ଛାଡ଼ି ଚାଲିଯାଇଛି ଯେ ଆଜି ଯାଏଁ ଘରକୁ ଫେରି ନାହିଁ। ସିଏ ମୋତେ ପଚାରିଲେ, "ପୁଅ, ତୁମେ କହିପାରିବ, ସିଏ କାହିଁକି ଏମିତି ଘର ଛାଡ଼ି ଚାଲିଗଲା ?" ମୁଁ କହିଲି ମୁଁ ଜାଣେ ନାହିଁ। କିନ୍ତୁ ମୁଁ ହୁଏତ ଜାଣେ। କିମ୍ବା ହୁଏତ ଜାଣେନା।

ବିଶେଷ ଇଚ୍ଛା ନଥିଲେ ମଧ୍ୟ ମୁଁ ଗାଲଭେଷ୍ଟୋନରେ ଥିବା ହିସ୍ପାନିକ (ସ୍ପାନିସ୍ ଭାଷା କହୁଥିବା) ପିଲାମାନଙ୍କୁ ଇଂରାଜୀ ଭାଷା ପଢ଼ାଇବାକୁ ଲାଗିଲି। ଟେକ୍ସାସର ପତାକା ଦେଖିବାକୁ ଅନେକଟା ଚିଲିର ପତାକା ପରି। ମୁଁ ପଢ଼ାଉଥିବା ପିଲାମାନଙ୍କ ମଧ୍ୟରୁ ଗୋଟିଏ ଝିଅ ମୋ' କୋଳରେ ହିଁ ଦେହତ୍ୟାଗ କରିଥିଲା । ସିଏ ଦୋଳିରୁ ଖସି ପଡ଼ିଥିଲା। ମୁଁ ତାକୁ ଏଡ଼େ ଜୋର୍‌ରେ ଠେଲି ଦେଇଥିଲି ଯେ ସିଏ ଦୋଳି ପିଢ଼ାରୁ ଉଡ଼ି ଯାଇଥିଲା ଶୂନ୍ୟକୁ। ଲାଗିଥିଲା ଯେମିତି ସିଏ ଦୁଇ ମିନିଟ ପାଇଁ କୁହୁଡ଼ି ଘୋଡ଼େଇ ପକେଇଥିବା ଗଲ୍ଫର ଆକାଶରେ ଉଡ଼ି ବୁଲିଥିଲା। ମୁଁ ତାକୁ ଆଘାତ ଦେବାକୁ ଚାହିଁ ନଥିଲି, ହେଲେ ତଥାପି, ମୁଁ ସେମିତି କରିଥିଲି । ତେବେ ...କ'ଣ ?

ତୁମେ ମୋର କ'ଣ କରିପାରିବ ?

ତୁମେ କ'ଣ କେବେ ୟୁକାଟାନର ରାଜଧାନୀ ମେରିଡ଼ା ସହରକୁ ଯାଇଛ? ଗ୍ରୀଷ୍ମକାଳରେ ସେଠାକାର ତାପମାତ୍ରା ୧୦୮ ଡିଗ୍ରୀ ଫାରେନହିଟ୍ ପହଞ୍ଚିଯାଏ ଓ ରବିବାର ଦିନ ସେମାନେ ସହର ତଳି ଅଞ୍ଚଳକୁ ପୂରାପୂରି ବନ୍ଦ କରିଦିଅନ୍ତି। ଯେମିତିକି ଲୋକମାନେ ନାଚି ପାରିବେ। ମୁଁ କୌଣସି ଝିଅକୁ ଖୋଜି ସେଥିରେ ଯୋଗ ଦିଏ ।

ଗତବର୍ଷ ମୁଁ ନିଜ ନାମକୁ ଗୁଗୁଲରେ ଖୋଜିବାକୁ ମନସ୍ଥ କରିଥିଲି। ହୁଏତ ସେମାନେ ମୋତେ ଖୋଜୁଥିବେ। ହେଲେ ମୁଁ ନିଜକୁ ମଧ୍ୟ ଖୋଜି ପାଇଲି ନାହିଁ। ଜଣେ ସାଧାରଣ ଯୁବକ ଯାହାର ନାମ ମୋ' ସହିତ ସମାନ ଥିଲା, ଯିଏ ଭେନେଜୁଏଲାର ବାର୍କିସିମେଟୋ ସହରରେ ରହୁଥିଲା ଓ ଜଣେ ଦନ୍ତ ଚିକିତ୍ସକ ଥିଲା। ତା'ର ତିନୋଟି ସନ୍ତାନ ଥିଲେ ଓ ସିଏ ଭଗବାନଙ୍କୁ ବିଶ୍ୱାସ କରୁଥିଲା।

ବେଳେ ବେଳେ ମୁଁ ବାର୍କିସିମେଟୋ ସହରରେ ରହୁଥିବାର ସ୍ୱପ୍ନ ଦେଖେ, ଯିଏ ତିନୋଟି ସନ୍ତାନର ବାପା ଓ ଯିଏ ଭଗବାନଙ୍କୁ ଗଭୀର ଭାବରେ ବିଶ୍ୱାସ କରେ। ବେଳେ ବେଳେ ମୁଁ ଏମିତି ବି ସ୍ୱପ୍ନ ଦେଖେ ଯେ ସେମାନେ ମୋତେ ଖୋଜି ପାଇଛନ୍ତି । ■

ଭୁବନେଶ୍ୱର ପ୍ରଧାନ ଡାକଘର
ଭୁବନେଶ୍ୱର-୭୫୧୦୦୧

# ପୁସ୍ତକ ଓ ପତ୍ରିକା ପରିଚୟ

## ଜୀବନ ଆଇନା

### ଅଖିଳ କୁମାର ମିଶ୍ର




ପେନ୍ ଇନ୍ ବୁକ୍ସ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୯୯ ଟଙ୍କା

ଜୀବନ ବଡ଼ ଅବୁଝା। ନା ବୁଝି ହୁଏ, ନା ବୁଝାଇ ହୁଏ। କେବଳ ଅନୁଭବ କରିହୁଏ। ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭବ ଓ ଅନୁଭୂତିକୁ ନେଇ ପ୍ରକାଶ ପାଇଛି କବି ଅଖିଳ କୁମାର ମିଶ୍ରଙ୍କ 'ଜୀବନ ଆଇନା' କବିତା ପୁସ୍ତକ। ଏହି ପୁସ୍ତକର 'ଜୀବନ ଆଇନା', 'ଜୀବନ ଓ ମୁଁ', 'ସ୍ୱୀକାରୋକ୍ତି', 'ପରିତ୍ୟକ୍ତ', 'ଛାଇ ଛାଇକା', 'ପ୍ରେମ', 'ସମୟ ଯେବେ କାନ୍ଦେ', 'ସିସିଫସ୍', 'ଆଖିର ଦୁଆରେ', 'ଅତୀତର ଦେଉଳ, 'ବିଷାଦ ରାସ୍ତା', 'ଏକ ଚିହ୍ନା ସମ୍ଭାବନା', 'ବନ୍ଦୀ', 'ଅଦିନ ମେଘ', 'ମୁକ୍ତିର ବାଟ', 'ଅବସୋସ' ଆଦି କବିତାଗୁଡ଼ିକର ସୂକ୍ଷ୍ମ ଭାବ, ନିଦା ଜୀବନ ବଞ୍ଚିବାର ନିବିଡ଼ ଅନୁଭବ, ତମାମ ଜୀବନକୁ ନିଃସର୍ତ୍ତ ଭାବେ ଭଲ ପାଇବାର ମୋହ କବିତାଗୁଡ଼ିକକୁ ମନଛୁଆଁ କରିଛି । ଅଖିଳଙ୍କ କବିତାରେ ମାନବୀୟ ସଂପର୍କ, ସୁଖ, ଦୁଃଖ, ବିଷାଦ, ଅବସାଦ, ଆଶା, ସ୍ୱପ୍ନ ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି । ଜୀବନାଭୂତିର ଅନ୍ତରଙ୍ଗ ଅନୁଭବ ଓ ସୂକ୍ଷ୍ମଭାବ ଅତି ସ୍ପଷ୍ଟଭାବେ ପ୍ରତିଟି କବିତାର ପଦପଂକ୍ତିରେ ଫୁଟି ଉଠିଛି । 'ଜୀବନ ଆଇନା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା ଓ ବିଶ୍ୱାସ । ■

## ରେବତୀ

### ସଂପାଦିକା : ସୁବାସିନୀ ଜେନା



ଓଟି ରୋଡ୍, ବାଲେଶ୍ୱର
ପିନ୍:୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

'ରେବତୀ'ର ମାର୍ଚ୍ଚ ୨୦୨୬ ସଂଖ୍ୟାରେ କମଳା ଶତପଥୀଙ୍କ 'ଲୌହଗଡ଼ର ଲଲାଟ', ଡକ୍ଟର ପ୍ରିୟଲତା ଜେନାଙ୍କ 'ମନ୍ଦିରମାଳିନୀ ତିରୁଚିରାପଲ୍ଲୀ', ପ୍ରଜ୍ଞାଶ୍ରୀ ରଥଙ୍କ 'ଖଜୁରାହୋର ଖୋଜ୍', ଗାୟତ୍ରୀ ବେହେରାଙ୍କ 'କୁହୁକିନୀ କାଲିମ୍ପଙ୍ଗ', ପ୍ରତୀକ୍ଷା ଜେନାଙ୍କ 'ବ୍ରହ୍ମାଣ୍ଡର ବୈଚିତ୍ର୍ୟ: 'ବାକୁ' ଆଦି ଆଲେଖ୍ୟଗୁଡ଼ିକ ମାର୍ମିକ ହୋଇଛି । ସେହିପରି 'ପରମ୍ପରା'ରେ ଶ୍ୱେତା ରାଉତଙ୍କ 'ବିବାହର ବିଭିନ୍ନତା'ରେ ବିଭିନ୍ନ ଧର୍ମର ବିବାହ ପରମ୍ପରାରେ ଉପରେ ଆଲେଖ୍ୟଟି ହୃଦୟସ୍ପର୍ଶୀ ହୋଇଛି । 'ସମକାଳ କବିତା' ବିଭାଗରେ ଯଯାତି ସାହୁ, ନୀଳମଣି ଚାନ୍ଦ, ସୀମାଞ୍ଚଳ ଦାଶ,ବିଜୟ ମହାପାତ୍ର, ଦେବେନ୍ଦ୍ର ଲାଲ, ଶ୍ରୀହରି ଧଳ ପ୍ରମୁଖଙ୍କ କବିତାଗୁଡ଼ିକରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ଚମତ୍କାର ଭାବେ ଫୁଟି ଉଠିଛି । ସେହିପରି ଡକ୍ଟର ସିନ୍ଧୁ ସେନ୍, ଅରୁଣ କୁମାର ପଟ୍ଟନାୟକ, ଜୟନ୍ତୀ ସାହୁ ପ୍ରମୁଖଙ୍କ ଗଳ୍ପ ମନଛୁଆଁ ହୋଇଛି । ଅନ୍ୟାନ୍ୟ ନିୟମିତ ବିଭାଗର ଲେଖାଗୁଡ଼ିକ ମଧ୍ୟ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## କାଠଯୋଡ଼ି

### ସଂପାଦକ : ବାବାଜୀ ଚରଣ ଜେନା




କାଠଯୋଡ଼ି ସାହିତ୍ୟ ସଂସଦ
ପୋପରଡ଼ା, ନୂଆବଜାର
କଟକ-୪
ମୂଲ୍ୟ: ୨୦୦ ଟଙ୍କା

ବାବାଜୀ ଚରଣ ଜେନାଙ୍କ ସଂପାଦନାରେ 'କାଠଯୋଡ଼ି ସାହିତ୍ୟ ସଂସଦ'ର ବାର୍ଷିକ ବିଶେଷାଙ୍କ 'କାଠଯୋଡ଼ି' ପ୍ରକାଶ ପାଇଛି । ଓଡ଼ିଆ ସାହିତ୍ୟର ବହୁ ପ୍ରତିଷ୍ଠିତ ଓ ଯୁବ କବି, ଲେଖକଙ୍କ କବିତା, ଗଳ୍ପ, ପ୍ରବନ୍ଧ ଆଦିରେ ଋଦ୍ଧିମନ୍ତ ହୋଇଛି 'କାଠଯୋଡ଼ି'ର ଚଳିତ ସଂଖ୍ୟାଟି । 'ଗୀତି ଲହରୀ'ରେ ଗୌର ପଟ୍ଟନାୟକ, ଉମାକାନ୍ତ ନାୟକ, ହରିଶ୍ଚନ୍ଦ୍ର ବେହେରା, ଧନଞ୍ଜୟ ସ୍ୱାଇଁ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ପ୍ରସନ୍ନ କୁମାର ସ୍ୱାଇଁ, ହଂସନାଥ ମୁଦୁଲି, ଡକ୍ଟର ଲିଙ୍ଗରାଜ ରଥ ପ୍ରମୁଖଙ୍କ ଗୀତି କବିତାଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ସୁଶାନ୍ତ ଦାଶଙ୍କ 'ସ୍ୱର୍ଗଦ୍ୱାର', ନୃସିଂହ ତରାଇଙ୍କ 'ଜୀବନ ଯେମିତି', ପୀତାମ୍ବର ତରାଇଙ୍କ 'ଧାନତଳି', ରବି ଶତପଥୀଙ୍କ 'ନୂଆବର୍ଷ' ଆଦି କବିତା ସାଂପ୍ରତିକ ସମାଜର ପ୍ରତିନିଧିତ୍ୱ କରେ । ଇଂ. ସେବକ ଶ୍ରୀକାନ୍ତ, ରାଜକିଶୋର ମହାପାତ୍ର, ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେଭଳି ସୁନନ୍ଦା ମହାନ୍ତି, ସୁପ୍ରଭା ସାମଲ, ଶଶିକାନ୍ତ ରାଉତ ପ୍ରମୁଖଙ୍କ ଗଳ୍ପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'କାଠଯୋଡ଼ି'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■



ମୂଳ ହିନ୍ଦୀ : ସୁମନ କେଶରୀ
ଅନୁବାଦ : ଡ. ସଂଘମିତ୍ରା ରାଏଗୁରୁ

# ପ୍ରତିଶୋଧ

ପ୍ରତିଶୋଧ,
କ'ଣ କେବଳ ଗୋଟିଏ ହିଁ ରାସ୍ତା
ବାଲି ଉପରେ ଛଟପଟ ମାଛ ପରି
ଭାବୁଥାଏ ଅମ୍ବା

କୁରୁବଂଶର ନାଁ ଶୁଣି
ଲୋଭେଇଥିବା ମନ,
ଭୀଷ୍ମର ପରାକ୍ରମରେ
ମୋହିତ ମନ...
କ'ଣ ମିଛ ଥିଲା?

ସେ ସେଯାଏ
କହିପାରି ନଥିଲା ମନ କଥା
ଯେ ଯାଏ ଭୀଷ୍ମ ପ୍ରତିଜ୍ଞା
ରକ୍ତାକ୍ତ କରିନଥିଲା ତା' ତନ ଆଉ ମନ

ପ୍ରତିଶୋଧ!
କାହାର? କାହାଠୁ?

ଆଶ୍ଚର୍ଯ୍ୟ ଚକିତ ଅମ୍ବା
ଆଉ
ସେ ଜ୍ୱାଳାରେ ଦଗ୍ଧ
ପ୍ରଚଣ୍ଡ ଝଡ଼ -ତୋଫାନ
ଉଜାଡୁଥାଏ ଜୀବନ-ଉପବନ

ସତ,
ଯାହା କହିହୁଏନା ସତରେ
ତାହା ହିଁ ସହିବାକୁ ପଡ଼େ ତମାମ୍ ଜୀବନ ।। ■

# ଅମ୍ବାରୁ ଶିଖଣ୍ଡୀ



କଠୋର ତପସ୍ୟାରେ
ଅମ୍ବା ନଦୀ ଆଉ ନାରୀ
ଜନ୍ମ ପରେ ଜନ୍ମ
ଦି' ଭାଗରେ ଭାଗଉଥାଏ ଅମ୍ବା-
ଏଇ ତ ନିୟତି

ଭୀଷ୍ମ ବଧର ସଙ୍କଳ୍ପରେ
ସଂକଳ୍ପିତ ଅମ୍ବା-
ଅଧେ ପୁରୁଷ ଅଧେ ସ୍ତ୍ରୀ
ଶିଖଣ୍ଡୀରୁ ଶିଖଣ୍ଡିନୀ
ଶିଖଣ୍ଡିନୀରୁ ଶିଖଣ୍ଡୀ

ଅବସୋସ!
ଅସାଧ ତପ ବଳରେ
ଅମ୍ବା, ଭୀଷ୍ମ ମୃତ୍ୟୁର କାରଣ ହିଁ ସାଜିପାରେ
କାରକ ହୋଇପାରେନି ।। ■

ରାଞ୍ଚି, ଝାରଖଣ୍ଡ
ମୋ: ୭୬୯୩୮୮୬୩୫୫

# ତିରୁବଲ୍ଲୁଭରଙ୍କ ସାହିତ୍ୟରେ ମାନବାତ୍ମାର ସୌନ୍ଦର୍ଯ୍ୟ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମହତ୍ତର ଚେତନାର ଏକ କବି-ଆତ୍ମା ଯେକୌଣସି ଭୂମିରେ ଅବତୀର୍ଣ୍ଣ ହୋଇପାରନ୍ତି। ନିର୍ଦ୍ଦିଷ୍ଟ ଭାଷାରେ ତାଙ୍କ ମୌଳିକ ଅନୁଭବ ବ୍ୟକ୍ତ କରିପାରନ୍ତି। ମାତ୍ର ବାସ୍ତବରେ ତାଙ୍କ ରଚନା ଓ ବାଣୀ ସମଗ୍ର ମାନବ ଜାତି ପ୍ରତି ଅଭିପ୍ରେତ ବୋଲି ଉପଲବ୍ଧି କରିହୁଏ। ସନ୍ଥ କବି ତିରୁବଲ୍ଲୁଭର ସେଇ ଦୃଷ୍ଟିରୁ ହେଉଛନ୍ତି ସାରା ପୃଥିବୀ ପାଇଁ ଏକ ପବିତ୍ର ଆଶିଷଧାରା। ସେ ଖ୍ରୀଷ୍ଟପୂର୍ବ ନା ପରବର୍ତ୍ତୀ କାଳର ସାହିତ୍ୟ ସାଧକ ସେ ସମ୍ପର୍କରେ ଭିନ୍ନ ଭିନ୍ନ ଆକଳନ କରାଯାଇଛି। ତିରୁବଲ୍ଲୁଭରଙ୍କ ଜୀବନକାଳକୁ ନେଇ ଗବେଷକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ପ୍ରକାଶିତ । ସାଧାରଣତଃ ତାଙ୍କୁ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୬ଷ୍ଠ ଶତାବ୍ଦୀ ମଧ୍ୟରେ ଜଣେ ମହାପୁରୁଷ ଭାବେ ଗ୍ରହଣ କରାଯାଏ। ତାମିଲନାଡୁ ସରକାର ତାଙ୍କ ସ୍ମୃତିରେ 'ଭାଲ୍ଲୁଭର ବର୍ଷ' ପାଳନ କରନ୍ତି। ତାଙ୍କ ଦ୍ୱାରା ରଚିତ 'ତିରୁକୁରାଳ' ଗ୍ରନ୍ଥଟି ତାମିଲ ବେଦ ଭାବରେ ଲାଭ କରିଛି ଅପୂର୍ବ ଶ୍ରଦ୍ଧା ଓ ସମ୍ମାନ। ଯାହା ତାମିଲ ଭାଷାର ଗୌରବ, ତାହା ଯେ ଭାରତୀୟ ସାହିତ୍ୟର ପରମ ସମ୍ପଦ ଓ ବିଶ୍ୱ ସାହିତ୍ୟ ଜଗତର ମର୍ଯ୍ୟାଦାବନ୍ତ ଗ୍ରନ୍ଥ -ଏହା ଆଜିର ଅବିସମ୍ବାଦିତ ସତ୍ୟ। ଯେଉଁମାନେ ଉଚ୍ଚତର ଚେତନାର ସାହିତ୍ୟ ସାଧକ ସେମାନେ ବୈଦିକ ଋଷି-ମାନସର ସମକକ୍ଷ। ତିରୁବଲ୍ଲୁଭର ସେଇ ଦୃଷ୍ଟିରୁ ହେଉଛନ୍ତି ଜଣେ ମହାନ ତପସ୍ୱୀ। ମଣିଷର ଦୁର୍ଲଭ ଜୀବନଧାରା କିପରି ଅର୍ଥପୂର୍ଣ୍ଣ, ଶାନ୍ତିମୟ, ସାଧୁତା-ସ୍ନିଗ୍ଧ ଓ ସୌରଭମୟ ହୋଇ ପାରିବ -ସେ ସମ୍ପର୍କରେ ଲିଖିତ ତାଙ୍କ ବାଣୀ ପ୍ରତିଟି ଯୁଗ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା। ତାଙ୍କୁ ଭାରତବର୍ଷର ଜଣେ ମହାନ ଦାର୍ଶନିକ ବୋଲି ଆଖ୍ୟାୟିତ କରାଯାଇଛି। ତେବେ ତାଙ୍କ ଜୀବନ-ଦର୍ଶନରେ ଆଦୌ କୌଣସି ଜଟିଳତା ନାହିଁ। ନାହିଁ ମଧ୍ୟ ଦୁର୍ବୋଧ ତତ୍ତ୍ୱଜ୍ଞାନ। ଏଥିରେ ସନ୍ନିବିଷ୍ଟ ସର୍ବମୋଟ ୧୩୩୦ଟି କୁରାଳ। ଅର୍ଥାତ ସଂକ୍ଷିପ୍ତ ଦ୍ୱିପଦୀ କବିତା। ତାହା ପୁଣି ୧୩୩ଟି ଅଧ୍ୟାୟରେ ବିଭକ୍ତ। ଗ୍ରନ୍ଥଟି ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇଛି। ଅରାମ (Aram): ନୈତିକତା ଏବଂ ସାଧୁତା (ଧର୍ମ),ପୋରୁଲ ( Porul ): ଅର୍ଥନୀତି ଏବଂ ରାଜନୀତି (ଅର୍ଥ), ଇନବାମ (Inbam): ପ୍ରେମ ଏବଂ ପାରିବାରିକ ଜୀବନ (କାମ) । ତିରୁବଲ୍ଲୁଭରଙ୍କ ଦ୍ୱାରା ପ୍ରଦତ୍ତ ଏହି ଦିଗଦର୍ଶନ କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଜାତି ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ। ସୌଭାଗ୍ୟର ବିଷୟ ଯେ, 'ତିରୁକୁରାଳ' ବିଶ୍ୱର ପ୍ରାୟ ଅଧିକାଂଶ ପ୍ରମୁଖ ଭାଷାରେ ଅନୂଦିତ। ଯେଉଁମାନେ ସତ୍ୟ ଓ ସୌନ୍ଦର୍ଯ୍ୟ ସନ୍ଧାନୀ ସେମାନେ ଏହି ଗ୍ରନ୍ଥର ନିକଟତର ହେବା ସୁନିଶ୍ଚିତ। କାରଣ ପ୍ରତିଟି ନିଷ୍କପଟ ପାଠକ ଯେପରି ନିଜ ଜୀବନ ସକାଶେ ଏକ ଉପଯୁକ୍ତ ମାର୍ଗ ଅନ୍ୱେଷଣରେ ରହିଥାନ୍ତି ଅନୁବ୍ରତୀ ଓ ଅନ୍ତର୍ମୁଖୀ ଠିକ୍ ସେହିପରି ସତ୍ୟସିଦ୍ଧ କବି ଆତ୍ମା ମଧ୍ୟ ପୃଥିବୀର ଯେ କୌଣସି ପ୍ରାନ୍ତରେ ଥିବା ବିବର୍ତ୍ତନଶୀଳ ମଣିଷର ଚେତନାକୁ ପ୍ରବେଶ କରିବା ସକାଶେ ରହିଥାନ୍ତି ନିରନ୍ତର ଉନ୍ମୁଖ। ଚେତନା ଜଗତର ଏହି ନିଗୂଢ଼ ସତ୍ୟ ଯାହା ପାଇଁ ଯେତିକି ବିଶ୍ୱାସଯୋଗ୍ୟ ସିଏ ସେହି ପରିମାଣରେ ବିକଶିତ ହୋଇ ଉଠୁଥିବା ଏକ ନିରାଟ ବାସ୍ତବତା। କୁରାଳ ସନ୍ନିହିତ କେତୋଟି ପଦର ବ୍ୟାଖ୍ୟା ଦ୍ୱାରା ଅନୁଭୂତ ହେବ ତାହାର ପ୍ରାସଙ୍ଗିକତା ବର୍ତ୍ତମାନ ସମୟ ପାଇଁ ମଧ୍ୟ କେତେ ଉପଯୋଗୀ। କର୍ମ ଓ ସଫଳତା ବିଷୟରେ ସେ କହୁଛନ୍ତି: "ଉତ୍ସାହ ହିଁ ପ୍ରକୃତ ସମ୍ପତ୍ତି; ଅନ୍ୟ ସମସ୍ତ ବାହ୍ୟ ସମ୍ପତ୍ତି କ୍ଷଣସ୍ଥାୟୀ। ତାହା ଆଜି ଅଛି ତ କାଲି ନାହିଁ।" ଅର୍ଥାତ ମଣିଷର ଦୃଢ଼ ଇଚ୍ଛାଶକ୍ତି ଏବଂ ମାନସିକ ଉତ୍ସାହ ହିଁ ତାକୁ ଜୀବନରେ ସଫଳ କରାଏ। ସେହିପରି ବାଣୀର ମଧୁରତା ପ୍ରସଙ୍ଗରେ କି ହୃଦୟସ୍ପର୍ଶୀ ତାଙ୍କ ଉଚ୍ଚାରଣ!! ପାଖରେ ମିଠା ଫଳ ଥାଉ ଥାଉ କଞ୍ଚା ବା ପିତା ଫଳ ଖାଇବା ଯେପରି, ମଧୁର ଶବ୍ଦ ଥାଉ ଥାଉ କଠୋର ଶବ୍ଦ କହିବା ସେହିପରି ଅଟେ। ସର୍ବଦା ନମ୍ର ଏବଂ ମଧୁର ବଚନ କହିବା ଉଚିତ, କାରଣ ଏହି ଶବ୍ଦର ପ୍ରଭାବ ହେଉଛି ଅତି ଗଭୀର।

ତାମିଲ ସାହିତ୍ୟର ଅମୂଲ୍ୟ ରତ୍ନ 'ତିରୁକୁରାଳ' (Thirukkural) କେବଳ ଏକ ନୀତିଶାସ୍ତ୍ର ନୁହେଁ, ବରଂ ଏହା ସାହିତ୍ୟିକ ସୌନ୍ଦର୍ଯ୍ୟର ଏକ ଅପୂର୍ବ ସଙ୍ଗମ। ମହାକବି ତିରୁବଲ୍ଲୁଭରଙ୍କ ଦ୍ୱାରା ରଚିତ ଏହି ଗ୍ରନ୍ଥର ସାହିତ୍ୟିକ ବିଶେଷତ୍ୱ ଗଭୀର ଭାବରେ ଅନୁଧ୍ୟାନ କଲେ ବିସ୍ମିତ ହେବାକୁ ପଡ଼ିଥାଏ। 'ତିରୁକୁରାଳ'ର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଛନ୍ଦ। 'କୁରାଳ'ର ଅର୍ଥ ହେଉଛି 'ହ୍ରସ୍ୱ' ବା 'ଛୋଟ'। ଏହା ମାତ୍ର ଦୁଇଟି ଧାଡ଼ିର କବିତା (Couplet) । ପ୍ରଥମ ଧାଡ଼ିରେ ଚାରୋଟି ଶବ୍ଦ ଏବଂ ଦ୍ୱିତୀୟ ଧାଡ଼ିରେ ତିନୋଟି ଶବ୍ଦ ଥାଏ। କମ୍ ଶବ୍ଦରେ ଗଭୀର ଭାବ ବ୍ୟକ୍ତ କରିବାରେ ଏହା ବିଶ୍ୱ ସାହିତ୍ୟରେ ଅଦ୍ୱିତୀୟ। ଏହାକୁ "ସାଗରକୁ ଏକ ସୋରିଷ ଦାନା ଭିତରେ ଭରିବା" ସହିତ ତୁଳନା କରାଯାଏ। ସେହିପରି ତିରୁବଲ୍ଲୁଭର ଅତି ସରଳ ଶବ୍ଦ ବ୍ୟବହାର କରି ଜୀବନର ଜଟିଳ ଦର୍ଶନକୁ ବୁଝାଇଛନ୍ତି। ଏହାର ଶବ୍ଦ ଗାଥା ଏତେ ସୁନ୍ଦର ଯେ ଏହା ପଢ଼ିବା ମାତ୍ରେ ମନେ ରହିଯାଏ। ଏଥିରେ କୌଣସି ଅନାବଶ୍ୟକ ଶବ୍ଦର ପ୍ରୟୋଗ ନାହିଁ।

ସାହିତ୍ୟିକ ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ଏଥିରେ ଚମତ୍କାର ଉପମା (Simile) ବ୍ୟବହାର କରାଯାଇଛି। 'ତିରୁକୁରାଳ' କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ ବା ଦେଶ ପାଇଁ ସୀମିତ ନୁହେଁ। ଏହାର ସାହିତ୍ୟିକ ସୌନ୍ଦର୍ଯ୍ୟ, ଏହାର ଉଦାରବାଦୀ ଚିନ୍ତାଧାରା ମଧ୍ୟରେ ହିଁ ନିହିତ। ଏଥିପାଇଁ ଏହାକୁ 'ବିଶ୍ୱ-ବେଦ' (Universal Veda) ବୋଲି କୁହାଯାଏ। ସଂକ୍ଷେପରେ କହିବାକୁ ଗଲେ, 'ତିରୁକୁରାଳ'ର ସୌନ୍ଦର୍ଯ୍ୟ ଏହାର ସାହିତ୍ୟିକ ସଂକ୍ଷିପ୍ତତା, ଗଭୀର ଦାର୍ଶନିକତା ମଧ୍ୟରେ ପରିସ୍ଫୁଟିତ। ଯଦିଓ ଏହା ଏକ ମହାକାବ୍ୟ ନୁହେଁ, ମହାକାବ୍ୟିକ ଭାବଧାରାରେ ଏହା ଋଦ୍ଧିମନ୍ତ। ତିରୁବଲ୍ଲୁଭର ହେଉଛନ୍ତି ଏକାଧାରରେ ଜଣେ ଶ୍ରେଷ୍ଠ ସନ୍ଥ, ମହାକବି, ଦାର୍ଶନିକ ଓ ଭାବ-ତଲ୍ଲୀନ ମହାନ ତପସ୍ୱୀ।

ତିରୁଭାଲ୍ଲୁଭରଙ୍କ ଦର୍ଶନ ଆଜିର ସମାଜ ପାଇଁ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ପ୍ରତିପାଦନ କରିବା ନିଷ୍ପ୍ରୟୋଜନ। ସେ ମାନବିକତା, ଅହିଂସା ଏବଂ ସଚ୍ଚୋଟତାର ମାର୍ଗ ଦେଖାଇଛନ୍ତି। ■

ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର

**ରାମନବମୀ ଶୋଭାଯାତ୍ରାରେ ଟିଟିଲାଗଡ ବିଧାୟକଙ୍କ ଉନ୍ମତ୍ତକାଣ୍ଡ**

## ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର, ୨୮।୩(ସମିସ): ରାମନବମୀ ଶୋଭାଯାତ୍ରାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସର୍ବସାଧାରଣରେ ଫାଙ୍କା ଗୁଳିଚାଳନା କରିବା ଘଟଣା ଡବଲ୍ ଇଞ୍ଜିନ୍ ସରକାରରେ ବିଜେପି ବିଧାୟକଙ୍କ ଔଦ୍ଧତ୍ୟର ନଗ୍ନଚିତ୍ର ବୋଲି କହିଛି ବିଜେଡି। ଶଙ୍ଖଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ତଥା ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ଏବଂ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀମତୀ ସାହୁ କହିଥିଲେ ଯେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସରକାରୀ ଦଳର ବିଧାୟକ ହୋଇ ସରକାରୀ ନ୍ୟାୟ ବ୍ୟବସ୍ଥାର ସଂପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି। ଜଣେ ଜନପ୍ରତିନିଧି ହୋଇ ଟିଟିଲାଗଡ଼ ପରି ଶାନ୍ତିପୂର୍ଣ୍ଣ ଜାଗାରେ ସର୍ବସାଧାରଣରେ ଗୁଳି ଫୁଟାଇବା ଏକ ଧର୍ତ୍ତବ୍ୟ ଅପରାଧ। ତେଣୁ, ପୁଲିସ ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରୁ। ଏଭଳି ଅମାନବୀୟ ଘଟଣା ନବୀନ ଜୈନଙ୍କ ପାଇଁ ନୂଆ ନୁହେଁ; ପୂର୍ବରୁ ହୋଲି ଶୋଭାଯାତ୍ରାରେ ମଧ୍ୟ ନିଶାସକ୍ତ ଅବସ୍ଥାରେ ଜଣେ କର୍ମୀଙ୍କୁ ଏକ ଚଳନ୍ତା ଅଟୋରୁ ଠେଲି ଦେଇଥିଲେ। ତତ୍‌କ୍ଷଣାତ ସଂପୃକ୍ତ କର୍ମୀଜଣଙ୍କ ସେଠାରେ ପ୍ରାଣ ହରାଇଥିଲେ। କିନ୍ତୁ ସେ ସରକାରୀ ଦଳର ବିଧାୟକ ହୋଇଥିବାରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଫଳରେ ତାଙ୍କର ଅହଂକାର ଏବଂ ଔଦ୍ଧତ୍ୟ ଆହୁରି ବଢ଼ି ଭୟଙ୍କର ରୂପ ନେଉଛି। ଏହା ଟିଟିଲାଗଡ଼ ଏବଂ ରାଜ୍ୟବାସୀଙ୍କ ପାଇଁ ଶୁଭଙ୍କର ନୁହେଁ।

ଅନ୍ୟପଟେ ଡ. ମହାନ୍ତି କହିଛନ୍ତି ଯେ ବିଜେପି ସରକାରର ଅଧିକାଂଶ ମନ୍ତ୍ରୀ ଓ ବିଧାୟକ ଖୋଲାଖୋଲି ଆଇନଶୃଙ୍ଖଳା ବ୍ୟବସ୍ଥାର ଉଲ୍ଲଂଘନ କରୁଛନ୍ତି। କେଉଁଠି ବିଧାୟକ ସର୍ବସାଧାରଣରେ ଗୁଳି ଫୁଟେଇଲେଣି ତ ଆଉ କେଉଁଠି ସ୍ୱାସ୍ଥ୍ୟମନ୍ତ୍ରୀ ଆଇନକୁ ଫୁଁ' କରି ବିନା ହେଲମେଟରେ ବିଶୃଙ୍ଖଳିତ ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି। ସେହିଭଳି ରାଜଧାନୀର ରାଜରାସ୍ତାରେ ଏକ ଘରୋଇ ଗାଡ଼ିରେ ନାଲିବତି ଲଗାଇ ବିଜେପି କର୍ମୀମାନେ ବିଶୃଙ୍ଖଳା କରୁଥିଲା ବେଳେ କମିସନରେଟ୍ ପୁଲିସ ନିରବଦ୍ରଷ୍ଟା ସାଜିଛି। ଓଡ଼ିଶା ଇତିହାସର ସବୁଠାରୁ ଅପାରଗ ଓ ଦୁର୍ବଳ ଗୃହମନ୍ତ୍ରୀ ହେଉଛନ୍ତି ମୋହନ ଚରଣ ମାଝୀ। ଆଇନଶୃଙ୍ଖଳା ବ୍ୟବସ୍ଥା ଶୃଙ୍ଖଳିତ ନହେଲେ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

- ■ ଆଇନ ଶୃଙ୍ଖଳା ଅବ୍ୟବସ୍ଥାର ନଗ୍ନଚିତ୍ର
- ■ ପଦାରେ ପଡ଼ିଲା ବିଜେପି ବିଧାୟକଙ୍କ ଔଦ୍ଧତ୍ୟ



**■ ଜାଲ୍ ପ୍ରମାଣପତ୍ରରେ ଓଏଫ୍‌ଓଏସ୍ ଚାକିରି ଘଟଣା**

## କାର୍ଯ୍ୟାନୁଷ୍ଠାନ ବଦଳରେ ରେଞ୍ଜର ଟ୍ରେନିଂ ପାଇଁ ଡକରା

ଭୁବନେଶ୍ୱର, ୨୮।୩ (ସମିସ): ଜାଲ ମେଡିକାଲ୍ ସାର୍ଟିଫିକେଟ୍ ଦେଇ ଜଣେ ପ୍ରାର୍ଥୀ ଓଡ଼ିଶା ବନସେବା (ଓଏଫ୍‌ଓଏସ୍) ଚାକିରି ହାତେଇବା ଘଟଣା ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ରେ ସ୍ପଷ୍ଟ ହେବା ପରେ ମଧ୍ୟ ସଂପୃକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ ତାଙ୍କୁ ରେଞ୍ଜର୍ ଟ୍ରେନିଂ ପାଇଁ ଡାକରା ଆସିଛି। ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିରୁ, ଓପିଏସ୍‌ସି ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଥିବା ବେଳେ କାହା ଇଙ୍ଗିତରେ ସଂପୃକ୍ତ ଛାତ୍ରଙ୍କ ପ୍ରତି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



To
The Chairman
Odisha Public Service Commission (OPSC)
10, Dr. P.K. Parija Road
Cuttack – 753001
Odisha

Subject: Request to cancel my candidature for the post of Assistant Conservator of Forest and Forest Ranger

Respected Sir,

Thank you for your understanding and consideration.
Yours Sincerely,

Pradeep Kumar Swain



ସୂଚନାନୁସାରେ, ଓପିଏସ୍‌ସିର ୩୦୬୪୬୩ ରୋଲ୍ ନମ୍ବରରେ ପ୍ରଦୀପ କୁମାର ସ୍ୱାଇଁ ନାମକ ଜଣେ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲା। ଏହାପରେ ସେ ପୁନଃ ଶାରୀରିକ ପରୀକ୍ଷା ଦେବାକୁ ଷଡ଼ଯନ୍ତ୍ର ରଚିଥିଲେ। ପରୀକ୍ଷା ସମୟରେ ତାଙ୍କ ଦେହ ଅସୁସ୍ଥ ଥିବା ଏବଂ ଡାକ୍ତର ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିବା ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ସେ କ୍ୟାପିଟାଲ ହସ୍ପିଟାଲ୍‌ର ପ୍ରେସକ୍ରିପସନ୍‌ରେ ଜାଲିଆତି କରିଥିଲେ। ନିଜକୁ ସୁହାଇବା ପରି ପ୍ରେସକ୍ରିପସନ୍‌କୁ କମ୍ପ୍ୟୁଟର୍‌ରେ ଏଡିଟିଂ କରିଦେଇଥିଲେ। ତାଙ୍କ ସହ ପ୍ରିୟାଂଶୁ ବାରିକ ନାମକ ଆଉ ଜଣେ ପ୍ରାର୍ଥୀ ମଧ୍ୟ ଏହିପରି ଠକେଇ କରିଥିଲେ। ଉଭୟ ପ୍ରାର୍ଥୀ ଅଗଷ୍ଟ ୧୮ ତାରିଖ ରାତି ୧୨ଟା ୨୫ରେ ଓପିଡି ଟିକେଟ୍ କରିଥିଲେ ମଧ୍ୟ ତାକୁ ପରବର୍ତ୍ତୀ ସମୟରେ ଏଡିଟିଂ କରି ପରୀକ୍ଷା ସମୟ ଅର୍ଥାତ୍ ଜୁଲାଇ ୧୬ ଓ ୧୭ ତାରିଖ ଦର୍ଶାଇଥିଲେ। କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ତାଙ୍କ ରିପୋର୍ଟରେ ଏହା ଦର୍ଶାଇବା ପରେ ଉଭୟଙ୍କୁ କାର୍ଯ୍ୟାନୁଷ୍ଠାନ ସହ ଗିରଫଦାରୀ ଭୟ ଘାରିଥିଲା। ଏଣୁ, ଗତ ନଭେମ୍ବର ୨ ତାରିଖରେ ପ୍ରଦୀପ ଓପିଏସ୍‌ସିକୁ ଚିଠି ଲେଖି ସେ ଚାକିରି କରିବେ ନାହିଁ ଓ ତାଙ୍କ ପ୍ରାର୍ଥିତ୍ୱକୁ ମେଧା ତାଲିକାରୁ ବାଦ୍ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କ ବିରୋଧରେ ଓପିଏସ୍‌ସି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ।

ଅପରପକ୍ଷେ, ସବୁଠାରୁ ଚାଞ୍ଚଲ୍ୟକର ବିଷୟ ହେଲା ବହୁ ମେଧାବୀ ଆଶାୟୀ ଏନେଇ ସରକାରଙ୍କ ସମେତ ଓପିଏସ୍‌ସିକୁ ଅଭିଯୋଗ କରିଥିଲେ। ମାତ୍ର କେହି କର୍ଣ୍ଣପାତ କରୁନାହାନ୍ତି। କୋର୍ଟରେ ମାମଲା ଥିବା ବେଳେ ଓପିଏସ୍‌ସି ପକ୍ଷରୁ ମେଡିକାଲ୍ ପ୍ରମାଣପତ୍ର ଯାଞ୍ଚ କରିବାକୁ କାହିଁକି ଅପିଲ୍ କରାଗଲା ନାହିଁ ଓ ଠକେଇ ଧରା ପଡ଼ିଥିଲେ ମଧ୍ୟ ତଦନୁଯାୟୀ ହାଇକୋର୍ଟଙ୍କୁ ଅବଗତ କରି କଠୋର୍ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉନାହିଁ ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଏତେ ସବୁ ଘଟଣା ପରେ ମଧ୍ୟ ବନ ବିଭାଗ ପକ୍ଷରୁ ବିନା କୌଣସି ତଦନ୍ତରେ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ରେଞ୍ଜର ଟ୍ରେନିଂ ପାଇଁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ଡାକିଥିବାରୁ ତାଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଠକେଇ କରିଥିବା ପ୍ରାର୍ଥୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପରୀକ୍ଷା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

**ସପରିବାର ମହାପ୍ରଭୁଙ୍କୁ ଦର୍ଶନ କଲେ ସ୍ଥଳସେନା ମୁଖ୍ୟ**

## ସେନାକୁ ଶକ୍ତିଶାଳୀ କରିବା ପାଇଁ ପ୍ରାର୍ଥନା କଲେ

ପୁରୀ,୨୮।୩(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତର ସ୍ଥଳ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ। ଏହି ଅବସରରେ ଭାରତୀୟ ସେନା କିଭଳି ଆହୁରି ଅଧିକ ଶକ୍ତିଶାଳୀ ହେବ ସେ ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସ୍ଥଳ ସେନା ମୁଖ୍ୟ ଶ୍ରୀ ଦ୍ୱିବେଦୀ ଶନିବାର ସକାଳେ ସପରିବାର ପୁରୀ ଗସ୍ତରେ ଆସିଥିଲେ। ତାଳବଣିଆ ହେଲିପ୍ୟାଡ୍‌ରେ ଅବତରଣ



କରିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଶ୍ରୀ ଦ୍ୱିବେଦୀ ସପରିବାର କଡ଼ା ସୁରକ୍ଷା ବଳୟରେ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ସେବାୟତ ସେମାନଙ୍କୁ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।

ରତ୍ନ ସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ମା' ବିମଳା, ମା' ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ସିଂହଦ୍ୱାରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ ସ୍ଥଳ ସେନା ମୁଖ୍ୟ। ସେ କହିଥିଲେ, 'ପୁରୀ ନଗରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ଆଗାମୀ ଦିନରେ ଯେକୌଣସି ପରିସ୍ଥିତି ଆସୁ ଭାରତୀୟ ସେନା ତା'କୁ କିଭଳି ସାମ୍ନା କରିବେ ଏବଂ ଭାରତୀୟ ସେନାର ଶକ୍ତି କିଭଳି ଅଧିକ ବୃଦ୍ଧି ପାଇବ ସେ ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି।

ବିଶେଷକରି ପୁରୀ ଓ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇବା ସହ ଦେଶର ମଙ୍ଗଳ କାମନା ନେଇ ମହାପ୍ରଭୁଙ୍କ ନିକଟରେ ମଧ୍ୟ ପ୍ରାର୍ଥନା କରିଛନ୍ତି ଶ୍ରୀ ଦ୍ୱିବେଦୀ। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ସ୍ଥଳସେନା ମୁଖ୍ୟ ବଳିଆପଣ୍ଡାସ୍ଥିତ ପୁରୀ ସୈନିକ ସଦନରେ କିଛି ସମୟ ଅତିବାହିତ କରିଥିଲେ। ଏହାପରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଳବଣିଆ ହେଲିପ୍ୟାଡ୍ ଯାଇ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଗୋପାଳପୁରର ମିଲିଟାରୀ ଷ୍ଟେସନ ଅଭିମୁଖେ ଯାତ୍ରା କରିଥିଲେ।

## ଦେହରେ କିରାସିନ ଢାଳି ନିଆଁ ଲଗାଇଦେଲେ ଛାତ୍ରୀ

ଆସିକା,୨୮।୩(ସମିସ): କୋଟିନଡ଼ା ଥାନା ଅଞ୍ଚଳର ଜଣେ ଛାତ୍ରୀ ପ୍ରେମରେ ବିଫଳ ହୋଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାରଲୋକେ ତାଙ୍କୁ ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ତାଙ୍କୁ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ, ଛାତ୍ରୀଜଣଙ୍କ ଯୁକ୍ତ ୩ରେ ପଢୁଥିବା ବେଳେ କୋଦଳା ଅଞ୍ଚଳର ଜଣେ ପୁଅକୁ ଭଲ ପାଉଥିଲେ। ଏହା ଜାଣିବା ପରେ ଛାତ୍ରୀଙ୍କ ପରିବାରଲୋକେ ତାଙ୍କ ପାଠପଢ଼ା ବନ୍ଦ କରିଦେଇଥିଲେ। ଏଭଳି ସ୍ଥିତିରେ, ଗତ ୩ ଦିନ ତଳେ ପ୍ରେମିକ ନାମରେ ଛାତ୍ରୀଙ୍କ ପରିବାର ଲୋକେ କୋଟିନଡ଼ା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଯୁବକକୁ ଅଟକ ରଖି ପଚରାଉଚରା କରିଥିଲା। ତେବେ ଏହି ଘଟଣାକୁ ନେଇ ଛାତ୍ରୀଜଣଙ୍କ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହିଥିଲେ। ଶନିବାର ସେ ନିଜ ଦେହରେ କିରାସିନି ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ କିରୋସିନ କେଉଁଠୁ ଆଣିଥିଲେ ଏବଂ ତାଙ୍କ ମା'ଙ୍କ ଉପସ୍ଥିତିରେ ସେ କିପରି ଏପରି ଉଦ୍ୟମ କଲେ, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି।

## ପ୍ରେମ ପାଇଁ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ବାଙ୍କୀ, ୨୮।୩ (ସମିସ): ବାଙ୍କୀ ଥାନା ଅନ୍ତର୍ଗତ ବିଲିପଡ଼ା-ତାଳବସ୍ତ ରାସ୍ତାର ତାରିଣୀ ମନ୍ଦିର ନିକଟରେ ଆଜି ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଆଜି ସକାଳ ପ୍ରାୟ ୧୧ଟାରେ ତାଳବସ୍ତ ଗ୍ରାମର ସୌମ୍ୟରଞ୍ଜନ ବାରିକ ନାମକ ଜଣେ ଯୁବକ ତାରିଣୀ ମନ୍ଦିର ନିକଟରେ ହଠାତ୍ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଙ୍କୀ ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଡାକ୍ତରଙ୍କ ସୂଚନା ମୁତାବକ, ସୌମ୍ୟଙ୍କ ଶରୀରର ପ୍ରାୟ ୩୬ପ୍ରତିଶତ ଅଂଶ ପୋଡ଼ି ଯାଇଛି। ବର୍ତ୍ତମାନ ଏସ୍‌ସିବିର ବର୍ଣ୍ଣ ୟୁନିଟ୍‌ରେ ତାଙ୍କର ଚିକିତ୍ସା ଜାରି ରହିଛି। ଆତ୍ମାହୁତି ଉଦ୍ୟମର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ହେଁ ପ୍ରେମସମ୍ପର୍କକୁ ନେଇ ଯୁବକଜଣଙ୍କ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଯୁବକଙ୍କ ପରିବାର ଲୋକଙ୍କ ପ୍ରତିକ୍ରିୟା ଏପର୍ଯ୍ୟନ୍ତ ମିଳିପାରି ନାହିଁ।

**■ ରାମନବମୀ ଶୋଭଯାତ୍ରା ଡିଜେ ହେଲା କାଳ**

## ପୂର୍ବତନ ରଣଜୀ କ୍ରିକେଟ ଖେଳାଳି ଗୁରତର

ବାରିପଦା, ୨୮।୩(ସମିସ):"ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରରେ ରାମ ନବମୀ ଶୋଭଯାତ୍ରା ଡିଜେ ଶବ୍ଦରେ ମୟୂରଭଞ୍ଜ ଜିଲ୍ଲାର"ବରିଷ୍ଠ ତଥା ପୁରାତନ ରଣଜୀ କ୍ରିକେଟ ଖେଳାଳୀ ତଥା ବିଜେଡି ଜିଲ୍ଲା ସମ୍ପାଦକ ଲଲାଟେନ୍ଦୁ ବେହେରା ହୃଦଘାତ ଜନିତ ଗୁରୁତର ଅସୁସ୍ଥ ହୋଇଛନ୍ତି। ସେ ବଡଦାଣ୍ଡ କଲେଜ ଛକରେ ସାଙ୍ଗ ମାନଙ୍କ ଗହଣରେ ବସିଥିବା ବେଳେ ଗୋଟାଏ ପରେ ଗୋଟାଏ ଏପରି ୩ଟି ରାବନବମୀ ଶୋଭଯାତ୍ରା ଅତିକ୍ରମ କରିଥିଲା। ଶୋଭଯାତ୍ରାରେ ସାମିଲ ଡିଜେଗୁଡିକର ଅତ୍ୟଧିକ ଶବ୍ଦ ପାଇଁ ଶ୍ରୀ ବେହେରା ହୃଦଘାତରେ ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରନ୍ତୁ ଶନିବାର ସ୍ୱାସ୍ଥାବସ୍ଥାରେ ଅବନତି ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଶଂସକ ମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ସମସ୍ତଙ୍କୁ ଉଚ୍ଚଶବ୍ଦ ଡିଜେ ବ୍ୟବହାର ବନ୍ଦ ପାଇଁ ଅନୁରୋଧ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIBBS 2026015, ତା.19.03.2026ରିଖ

କାର୍ଯ୍ୟର ନାମ : EPC ମୋଡ୍‌ରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ କଟକ ରେଳ ଷ୍ଟେସନରେ ୟାର୍ଡ R1, R2, R4 ଓ R5 ନିମନ୍ତେ ବାଲାଷ୍ଟ ବିହୀନ (Ballast Less) ଟ୍ରାକ୍‌ର ନିର୍ମାଣ ଏବଂ ପ୍ଲାଟଫର୍ମ ମଧ୍ୟରେ ଜଳକ୍ଷେପଣ ନଳ (Water Hydrant)ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1614.64 ଲକ୍ଷ, EMD : ₹ 8,07,400/-, କାର୍ଯ୍ୟ ଶେଷ ହେବା ଅବଧି : 365 (ତିନିଶହ ପଞ୍ଚଷଠି) ଦିନ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.05.2026ରିଖ 1200 ଘଡିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୁରିୟର/ଫାକ୍ସ କରିଥିବା ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-327/CI/25-26


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆତଙ୍କ ଖେଳାଇଲେ...

ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଦିବସରେ ସର୍ବସାଧାରଣରେ ଜଣେ ବିଧାୟକ ଫାଙ୍କା ଗୁଳିଚାଳନା କରିବା କି' ପ୍ରକାର ମାନସିକତା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁଯାୟୀ, ରାମନବମୀ ଉପଲକ୍ଷେ ଗତକାଲି ଦିନ ବେଳା ଟିଟିଲାଗଡ଼ ସହରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମେତ ବିଜେପି ନେତା, କର୍ମୀ ଓ ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ। ପୁଲିସ ଉପସ୍ଥିତିରେ ଶୋଭାଯାତ୍ରାଟି ଆଗକୁ ଆଗକୁ ମାଡ଼ି ଚାଲିଥିଲା। ଶାସ୍ତ୍ରୀ ଛକ ନିକଟରେ ପହଞ୍ଚିବା ପରେ ବିଧାୟକ ନବୀନ ଜୈନ ଫାଙ୍କା ଗୁଳିଚାଳନା କରିଥିଲେ। ଭାଇରାଲ ଭିଡିଓରେ ଦେଖାଯାଉଛି, କ୍ୟାମେରାକୁ ପଛ କରି ବିଧାୟକ ଶ୍ରୀ ଜୈନଙ୍କୁ ତାଙ୍କ ପିଏସ୍‌ଓ ଏକ ପିସ୍ତଲ ଧରାଉଛନ୍ତି। ଶ୍ରୀ ଜୈନ ଉକ୍ତ ପିସ୍ତଲକୁ ଉପରକୁ ଟେକି ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା କରୁଛନ୍ତି। ପରେ ସେହି ପିସ୍ତଲକୁ ବିଧାୟକ ଶ୍ରୀ ଜୈନ ସିନେମା ଷ୍ଟାଇଲରେ ନିଜ ଅଣ୍ଟାରେ ଖୋସୁଥିବା ଦେଖିବାକୁ ମିଳିଛି। ବିଧାୟକ ଶ୍ରୀ ଜୈନ ବ୍ୟାଙ୍କ ଛକ ନିକଟରେ ମଧ୍ୟ ଆଉ ଏକ ରାଉଣ୍ଡ ଗୁଳି ଚାଳନା କରିଛନ୍ତି ବୋଲି କୁହାଯାଉଛି। ବିଧାୟକ ସର୍ବସାଧାରଣରେ ଏଭଳି କାଣ୍ଡ ଭିଆଇଥିଲେ ହେଁ ପୁଲିସ କେବଳ ନିରବଦ୍ରଷ୍ଟା ସାଜିଥିଲା। ଅପରପକ୍ଷେ, ଏହି ଘଟଣାକୁ ନେଇ ଶ୍ରୀ ଜୈନ କହିଛନ୍ତି ଯେ ତାହା ଏକ ଖେଳଣା ବନ୍ଧୁକ ଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ, କିଛି ମାସ ତଳେ ବିଧାୟକ ଶ୍ରୀ ଜୈନଙ୍କ ଜଣେ ସହଯୋଗୀ ଜଣେ ବ୍ୟବସାୟୀଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରି ଜେଲ୍ ଯାଇଥିଲେ। ସେହି ମାମଲାକୁ ଚପାଇବା ପାଇଁ ସେତେବେଳେ ବିଧାୟକ ଶ୍ରୀ ଜୈନ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଥିଲା।

### ପିଏସ୍‌ଓ ନିଲମ୍ବିତ...

ପରେ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନୀତିରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାକୁ ନେଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଜେରା କରିବା ପରେ ସମ୍ପୃକ୍ତ ପିଏସ୍‌ଓଙ୍କୁ ନିଲମ୍ବନ କରାଯାଇଥିବା ଏସ୍‌ପି ଅଭିଲାଷ ଜୀ ସୂଚନା ଦେଇଛନ୍ତି।

ତେବେ ଯେଉଁ ବିଧାୟକ ସର୍ବସାଧାରଣରେ ଗୁଳି ଫୁଟାଇ ଆତଙ୍କ ସୃଷ୍ଟି କଲେ, ତାଙ୍କୁ ଗିରଫ କରା ନଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ପିଏସ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ବିଧାୟକଙ୍କୁ ତୁରନ୍ତ ଗିରଫ କରିବା ଲାଗି ବିଭିନ୍ନ ମହଲରେ ଦାବି ହେଉଛି।

### ଯୁଦ୍ଧକୁ ଡେଇଁଲେ...

ଯନ୍ତ୍ରାଂଶ ତିଆରି କରୁଥିବା ତିନୋଟି ସାମରିକ କାରଖାନାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦିଆଯାଇଛି।

ଇରାନ ମଧ୍ୟ ଏହାର ପାଲଟା ଜବାବ ଦେଇଛି। ଇସ୍ରାଏଲ ଆକ୍ରମଣରେ କ୍ଷୁବ୍ଧ ହୋଇ ସାଉଦି ଆରବରେ ଥିବା ଆମେରିକୀୟ ବାୟୁସେନା ଘାଟି ପ୍ରିନ୍ସ ସୁଲତାନ ଏୟାର ବେସ ଉପରକୁ ୬ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ୨୯ଟି ଡ୍ରୋନ ମାଡ଼ କରିଛି। ଆକ୍ରମଣରେ ଘାଟି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଅନେକ ଆମେରିକୀୟ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଅଛି। ସେଠାରେ କିଛି ଇନ୍ଧନ ଭରୁଥିବା ବିମାନ ମଧ୍ୟ ନଷ୍ଟ ହୋଇଛି। ସାଉଦି ଆରବ ସହିତ ୟୁଏଇ ଏବଂ କତର ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ଇରାନ। ଗୋଟିଏ କ୍ଷେପଣାସ୍ତ୍ର କୁଏତ ବିମାନବନ୍ଦରରେ ପଡ଼ିଥିବା କୁହାଯାଉଛି। ଇରାନ ରାଷ୍ଟ୍ରପତି ଆଜି ଧମକ ଦେଇଛନ୍ତି ଯେ ଉପସାଗରରେ ଯେଉଁ ଦେଶ ଇରାନ ଆକ୍ରମଣରେ ଆମେରିକାକୁ ସମର୍ଥନ କରିବେ ସେମାନଙ୍କୁ କଡ଼ା ଜବାବ ଦେବ।

ଇତିମଧ୍ୟରେ ଇରାନ ଯୁଦ୍ଧରେ ଏବେ ୟେମେନର ହୁତି ବିଦ୍ରୋହୀ ସାମିଲ ହୋଇଛନ୍ତି। ସେମାନେ ଦକ୍ଷିଣ ଇସ୍ରାଏଲର ସମ୍ବେଦନଶୀଳ ସାମରିକ ଅଞ୍ଚଳକୁ ଲକ୍ଷ୍ୟ କରି କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଆକ୍ରମଣରେ ଇସ୍ରାଲଏର ବିୟରଶେବା ଅଞ୍ଚଳରେ କ୍ଷୟକ୍ଷତି ହୋଇଛି। ଜେରୁଜେଲମ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ି କରିଥିବାର ଖବର ମିଳିଛି।

ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଜେରାଲ୍ଡ ଆର ଫର୍ଡ ଉପରେ ଇରାନ ଆକ୍ରମଣ କରିଥିବା ଦାବି କରିଛି। ଏହି ଜାହାଜ ଉପରକୁ ୧୭ଟି ଭିନ୍ନ କୋଣରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ତେବେ ପେଣ୍ଟାଗନ ଏହାକୁ ଖଣ୍ଡନ କରିଛି। କୌଣସି ଆକ୍ରମଣ ହୋଇ ନାହିଁ ବୋଲି ପେଣ୍ଟାଗନ କହିଛି। ଜାହଜର ଲଣ୍ଡ୍ରିରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନିଆଁ ଲାଗିଥିଲା ବୋଲି କୁହାଯାଇଛି। ଏବେ ଏହି ଜାହାଜ ମରାମତି ପାଇଁ କ୍ରୋଏସିଆରେ ପହଞ୍ଚିଛି ବୋଲି ରଏଟର୍ସ ସୂଚନା ଦେଇଛି।

### ସମୂହ ଇସ୍ତଫା ପରେ...

ଚରଣ ମାଝୀ ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ କରିପାରି ନାହାନ୍ତି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କ୍ଷମତା, ଦକ୍ଷତା ତଥା ନିଷ୍ପତ୍ତି ନେବାର ସାମର୍ଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତଏବ ଆସନ୍ତା ଏପ୍ରିଲ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏକ ପ୍ରକାର ନିଶ୍ଚିତ ବୋଲି ବିଜେପିର ଜଣେ ବରିଷ୍ଠ ନେତାଙ୍କ ସୂତ୍ରରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ଏକାଧିକବାର ଉଭୟ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଜେପି ସଭାପତି ଦିଲ୍ଲୀ ଗସ୍ତ କରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଆଲୋଚନା କରିଛନ୍ତି। ଏନେଇ ବାରମ୍ବାର ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ତେବେ ଶେଷ ମୁହୂର୍ତ୍ତରେ କେତେକ କାରଣ ପାଇଁ ସମ୍ପ୍ରସାରଣ ନିଷ୍ପତ୍ତିକୁ ବାତିଲ କରାଯାଇଛି। ରାଜ୍ୟ ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଗୋଷ୍ଠୀକନ୍ଦଳ ତଥା ପତିଆରା ଲଢ଼େଇ ପାଇଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନ ଥିବା ରାଜନୈତିକ ମହଲରେ ବିଭିନ୍ନ ସମୟରେ ଆଲୋଚନା କରାଯାଇଛି। ଅପରପକ୍ଷେ ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ରହୁଥିବାରୁ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ଏହା ପ୍ରଭାବିତ କରୁଛି। ସେହିପରି ନିକଟ ଅତୀତରେ ୫ରୁ ୬ଜଣ ମନ୍ତ୍ରୀ ବିଭିନ୍ନ କାରଣ ପାଇଁ ବାରମ୍ବାର ଲୋକଙ୍କ ସମାଲୋଚନାର ଶିକାର ହେଉଥିବା ବେଳେ ଏଥିପାଇଁ ସରକାରଙ୍କୁ ଖୁବ୍ ବଦ୍‌ନାମ ମୁଣ୍ଡାଇବାକୁ ପଡ଼ିଲାଣି। ବିଶେଷକରି ବିରୋଧୀ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ମାଗୁଥିବା ବେଳେ ସରକାର ଏଥିପାଇଁ ବେଶ୍ ଅସହଜ ପରିସ୍ଥିତିର ସାମ୍ନା କରୁଛନ୍ତି। ତେଣୁ ବର୍ତ୍ତମାନର ସୁଯୋଗର ସଦୁପଯୋଗ କରିବାକୁ ଯାଇ ଏହି ମଉକାରେ ମୁଖ୍ୟମନ୍ତ୍ରୀ କେତେକ ମନ୍ତ୍ରୀଙ୍କୁ ବିଦା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ବିବାଦରେ ଥିବା କିଛି ମନ୍ତ୍ରୀଙ୍କ ଠାରୁ ବଡ଼ ବଡ଼ ବିଭାଗ କାଢ଼ି ନିଆଯାଇ ସେମାନଙ୍କୁ ଅପେକ୍ଷାକୃତ କମ୍ ଗୁରୁତ୍ୱ ରଖୁଥିବା ବିଭାଗ ଦିଆଯାଇପାରେ ବୋଲି ଆଲୋଚନା ହେଉଛି। ଦଳୀୟ ଗୋଷ୍ଠୀ କନ୍ଦଳକୁ ପ୍ରଶମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିବେ ଏବଂ ସମୂହ ଇସ୍ତଫା ପରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ରାଜ୍ୟ ମନ୍ତ୍ରିମଣ୍ଡଳରେ ଏବେ ୬ଟି ସ୍ଥାନ ଖାଲି ପଡ଼ିଥିବା ବେଳେ ନୂଆ ମନ୍ତ୍ରିପଦ ପାଇଁ ୮ରୁ ୧୦ ନାମ ସାମ୍ନାକୁ ଆସୁଛି। ବିଧାୟକ ଜୟ ନାରାୟଣ ମିଶ୍ର, ବାବୁ ସିଂ, ସିଦ୍ଧାନ୍ତ ମହାପାତ୍ର, ସନାତନ ବିଜୁଳି, ଭାସ୍କର ମଢ଼େଇ, ସଞ୍ଜଲି ମୁର୍ମୁ, ଅମର ନାୟକ, ଦୁର୍ଗାପ୍ରସନ୍ନ ନାୟକ, ଅଗସ୍ତି ବେହେରା ଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କର ନାମ ଆଗରେ ରହିଛି। ମନ-ମୋହନ ଯୋଡ଼ି ଆସନ୍ତାକାଲି(ରବିବାର) ଏନେଇ ଦିଲ୍ଲୀ ନେତୃତ୍ୱଙ୍କ ସହ ବିଶଦ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ମନ୍ତ୍ରିମଣ୍ଡଳକୁ ଚୂଡ଼ାନ୍ତ ସ୍ପର୍ଶ ଦିଆଯିବ ସହ ତାଲିକା ଧରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଓଡ଼ିଶା ଫେରିପାରନ୍ତି ବୋଲି ବିଜେପି କ୍ଷମତା ଅଳିନ୍ଦରେ ଆଲୋଚନା ଜୋର୍ ଧରିଛି।

### ବସ୍ ଓଲଟି...

ପ୍ରବୀଣ କୁମାର ସାହୁ। ଶୁକ୍ରବାର ସଂଧ୍ୟାରେ ୫୫ ତୀର୍ଥଯାତ୍ରୀଙ୍କୁ ନେଇ ବ୍ରହ୍ମପୁରରୁ ହରିଶଙ୍କର, ନୃସିଂହନାଥ ଅଭିମୁଖେ ବାହାରିଥିଲା ଅନିଲ ନାମକ ଘରୋଇ ବସ୍। ରାତି ପ୍ରାୟ ୧୨ଟାରେ ଦଶପଲ୍ଲା ଥାନା ଟାକରା ନିକଟସ୍ଥ ପିଠାଖାଇ ଘାଟିରେ ବୁଲାଣି ବୁଲୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ବସ୍‌ଟି ଖାଇକୁ ଓଲଟି ପଡ଼ିଥିଲା। ଖବର ପାଇ ଦଶପଲ୍ଲା ଓ ବାଣୀଗୋଛା ଥାନା ପୁଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଗ୍ୟାସ୍ କଟର୍ ସାହାଯ୍ୟରେ ବସ୍‌କୁ କାଟି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ବସ୍ ଭିତରେ ଚାପି ହୋଇ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତମାନେ ହେଲେ, ଗଞ୍ଜାମ ବୈଦ୍ୟନାଥପୁରର ସୁଜାତା ବେହେରା, ଗୌତମ ବେହେରା, ସୁଧାଂଶୁ ବେହେରା, ପୀତାମ୍ବର ବେହେରା, ପ୍ରିୟତମା ବେହେରା, ସରୋଜିନୀ ଜେନା, ପୁଷ୍ପାଞ୍ଜଳି ସାହୁ, ରିଙ୍କି ପଣ୍ଡା, ମନୀଷା ବେହେରା, ସ୍ମିତାଞ୍ଜଳି ସାହୁ, କୃଷ୍ଣଚନ୍ଦ୍ର ସାହୁ, ଲିଲି ସାହୁ, ଶୁଭାଂଶୁ ନାୟକ, ମାନିନୀ ସାହୁ, ଝୁନୁ ଦେ, ସୁବାସିନୀ ସାହୁ, ମୋହିନୀ ଦାଶ, ପ୍ରମିଳା ସାବତ, ରୀନା ସାମଲ, ନର୍ମଦା ଦାଶ, ବବୁଲୁ ପଟ୍ଟନାୟକ, ସନ୍ତୋଷ ପ୍ରଧାନ, ପପୁ ସାହୁ, ଦିଗପହଣ୍ଡିର ନରସିଂହ ସାହୁ, ଲିପି ଦଳାଇ, ବଡ଼ଗଡ଼ର ସୁଦାମ ମହାରଣା, ସସ୍ମିତା ସାହୁ, ଚିନ୍ତା ବେହେରା, ସାରଦା ପ୍ରସାଦ ସାହୁ, ସଂଯୁକ୍ତା ମହାରଣା, ଭଞ୍ଜନଗର କୁଲାଡ଼ର ଅଜିତ ଗୌଡ଼, ଛତ୍ରପୁରର ଝୁନୁ ବେହେରା, ବୈଦ୍ୟନାଥପୁରର ଲିଜା ସାହୁ।

ପ୍ରାଥମିକ ଚିକିତ୍ସା ପରେ ଗୁରୁତରମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦଶପଲ୍ଲା ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


**OFFICE OF THE MUNICIPAL COUNCIL: RAYAGADA**

DIST-RAYAGADAPIN CODE-765001, ODISHA
E-mail ID - rayagada.hud@od.gov.in
web-www.rayagadamunicipality.in, Phone- 06856-235052
Letter No. 1423 Date: 24.03.2026

13001/820/2526

**CORRIGENDUM**

This is to inform all that the Bid identification No. RGDA-MUN-09/2025-26, has been published vide "e"-tender notice no.- 1110 dated 12.03.2026 for the 2 nos of work. Due to a typographical error, the uploaded BoQ for the work titled "Beautification of Gandi Park Rayagada Municipality" was inadvertently uploaded with incorrect content mentioning "Renovation of SDBC & BM at Gandhi nagar School towards Kasturi nagar 10th lane in ward no-17 & 18". Therefore the correct BoQ for the work "Beautification of Gandi Park Rayagada Municipality" has now been uploaded in the tender portal. All other terms and conditions of the tender shall remain unchanged.

OIPR-13001/13150/1/25-26/0007

Executive Officer
Rayagada Municipality

**AFFIDAVIT**

I, Paramananda Jain, aged about 51 years, S/o- Sripal Jain, resident of At- Flat No-201, Shree Homes Appantment, Co-Oprative Colony, Ps-Rayagada, Dist-Rayagada, Pin- 765001, Odisha do hereby declare by this affidavit No.655, dtd- 27/03/2026, that now onwards I shall be known as **PARMANANDA JAIN** for all future purposes.

**AFFIDAVIT**

Mrs Rebati Nayak wife of Bilasa Kumar Panigrahi, Army Number 10260859K resident of Village Harisinghpur, Tehsil Tihidi, District Bhadrak, respectfully states that in my husband's army records, my name has been mistakenly recorded as Rebati Panigrahi, whereas in all my documents my name is Rebti Nayak. Therefore, it is requested that my name in my husband's army records be corrected to **Rebati Nayak**, which is the correct name.

**AFFIDAVIT**

By virtue of an affidavit sworn before the Notary Public, Gunupur, dated 28-03-2026 I, Sasmita Nayak, W/o. Manash Nayak aged about 33 years, now resides at Village: Serema, Po: Bhamini, PS: Gumuda, Dt. Rayagada (Odisha) PIN: 765024 hereby declare that I have changed the name of my daughter from Smita Jali Nayak to SMITANJALI NAYAK. Henceforth, she shall be known as **SMITANJALI NAYAK** for all purposes.

Sasmita Nayak

ସକାଳ THE SAKALA



www.sakalaepaper.com

## ଚାଲିଛି ବାଲି ଚୋରା ଚାଲାଣ

# ସାମ୍ବାଦିକଙ୍କୁ ବାଲି ମାଫିଆଙ୍କ ଧମକ

ବୀରମହାରାଜପୁର,୨୮ ।୩(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌ରେ ସାମ୍ବାଦିକଙ୍କୁ ବାଲି ମାଫିଆ ଧମକାଉଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ କିନ୍ତୁ ଚୁପ୍ ବସିଛି।

ପିତାମହୁଲ ପଞ୍ଚାୟତ ଦୁରଦୁରା ଓ ଦେଶୀ ମଦଭାଟି ବାଲିଘାଟରୁ ବେଆଇନ୍ ଭାବେ ବାଲି ଚୋରା ଚାଲାଣ ଚାଲିଛି। ସରକାରଙ୍କ ତରଫରୁ ଦୁରଦୁରା ମହାନଦୀ ବାଲିଘାଟ 'ଏ' ଓ 'ବି' ନିଲାମ ଡକାଯାଇଥିଲା। ବାଲିଘାଟ "ଏ'କୁ ୨୨।୨୦୨୧ରୁ ୨୩।୨।୨୦୨୬ ପର୍ଯ୍ୟନ୍ତ ସତ୍ୟନାରାୟଣ ପଧାନ ନିଲାମ ନେଇଛନ୍ତି। 'ବି' ବାଲିଘାଟକୁ ରଞ୍ଜିତ ଜେନା ନିଲାମ ନେଇଥିଲେ। ଜିଲ୍ଲା ଖଣି ବିଭାଗର ପତ୍ର ସଂଖ୍ୟା -୯୬୯ ୨୮।୨।୨୦୨୬ରେ ଦୁରଦୁର ମହାନଦୀ ବାଲି ଖାଦାନ "ଏ'ଘାଟର ଅବଧି ୨୨।୨।୨୦୨୬ରୁ ଶେଷ ହୋଇଯାଇଛି। ତେଣୁ ସୁବର୍ଣ୍ଣପୁର ଏସ୍‌ପି ବୀରମହାରାଜପୁର ତହସିଲଦାରଙ୍କୁ ଅଫିସ ମେମୋ ନଂ -୯୭୦/୨୬ରେ ବେଆଇନ୍ ଭାବେ ବାଲି ଚୋରା ଚାଲାଣ କରୁଥିବା ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲେଖିଛନ୍ତି; ମାତ୍ର ଖଣି ବିଭାଗ, ପୁଲିସ ଓ ତହସିଲ କାର୍ଯ୍ୟାଳୟର ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଓ ନୀରବ ଯୋଗୁଁ ବୀରମହାରାଜପୁର ତହସିଲ ଅଞ୍ଚଳରେ ବାଲି ମାଫିଆମାନଙ୍କ ରାଜ ଦିନକୁ ଦିନ ବଢ଼ି ଚାଲିଛି। ଦୁରଦୁରା ବାଲିଘାଟ "ଏ'ର ଅବଧି ଶେଷ ହୋଇଥିଲେ ହେଁ ବେଆଇନ୍ ଭାବେ ଶହ ଶହ ଟ୍ରିପ୍ ବାଲି ହାଇୱାରେ ବାହାର ଜିଲ୍ଲାକୁ ଚୋରା ଚାଲାଣ ହେଉଛି। କେବଳ ଏତିକି ନୁହେଁ; ପିତାମହୁଲ ଦେଶୀ ମଦଭାଟି ପଛ ମହାନଦୀ ବାଲିଘାଟରୁ ମଧ୍ୟ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ବାଲି ମାଫିଆମାନେ ଚଢ଼ା ଦରରେ ବାହାର ଜିଲ୍ଲାକୁ ହାଇୱା ସାହାଯ୍ୟରେ ଚାଲାଣ କରୁଛନ୍ତି। ଏ ନେଇ ଅନେକ ଥର ଆମ୍ ଆଦମୀ ପାର୍ଟିର ସୁବର୍ଣ୍ଣପୁର ଜିଲ୍ଲା ସଭାପତି ପୃଥିରାଜ ଜଗଦଳା, ଅନେକ ସମାଜସେବୀ, ଗ୍ରାମବାସୀ ଓ ବୁଦ୍ଧିଜୀବୀ ଅଭିଯୋଗ କରି ଆସୁଛନ୍ତି। ଜିଲ୍ଲା ଖଣି ବିଭାଗ, ପୁଲିସ, ରାଜସ୍ୱ ଅଧିକାରୀ, ତହସିଲ ଅଧିକାରୀ ଓ ପରିବହନ ବିଭାଗ କିନ୍ତୁ ଚୁପ୍। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବଡ଼ ବଡ଼ ହାଇୱାରେ ବାଲି ବୋଝେଇ କରି ଗାଁ ରାସ୍ତା ଦେଇ ପରିବହନ କରାଯାଉଛି। ଏଣୁ ଗାଁ ରାସ୍ତା ବିପର୍ଯ୍ୟସ୍ତ ହୋଇ ଗଲାଣି। ରାସ୍ତା ଖରାପ୍ ହେବାଯୋଗୁଁ ବିଭିନ୍ନ ସମୟରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। କିଛି ଲୋକଙ୍କ ଜୀବନ ଯିବାର ମଧ୍ୟ ନଜିର ରହିଛି। ଏ ନେଇ ଅନେକ ଥର ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଅଧିକାରୀ ଓ ପୁଲିସ ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ସରକାରୀସ୍ତରରେ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସାମ୍ବାଦିକମାନେ ଏହି ବାଲି ଚୋରା ଚାଲାଣକୁ ନେଇ ସମ୍ବାଦ ପରିବେଷଣ କଲେ ବାଲି ମାଫିଆମାନେ ଧମକ ଦେଉଛନ୍ତି। ସାମ୍ବାଦିକ ସଦାନନ୍ଦ ମହାନନ୍ଦଙ୍କୁ ନାଲି ଆଖି ଦେଖାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଧମକ ଦିଆଯାଇଛି। ଏନେଇ ସାମ୍ବାଦିକ ଶ୍ରୀ ମହାନନ୍ଦ ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ କିନ୍ତୁ ଚୁପ୍ ବସିଛନ୍ତି। ତେବେ ଏହି ବେଆଇନ୍ ବାଲି ଚୋରା ଚାଲାଣ ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେବା ସହ ମହାନଦୀରେ ପ୍ରକୃତି ନଷ୍ଟ ହେଉଛି।

**ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ୍**

## ପୋଲ ନିର୍ମାଣ ସୂଚନା ଫଳକରେ ଷ୍ଟିକର ପେଷ୍ଟ

କନ୍ଧମାଳ,୨୮ ।୩(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ବରଗାଁ ପଞ୍ଚାୟତ ପାର୍ବତିପୁର ଗ୍ରାମରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି। ବରଗାଁ ଓ ଘଣ୍ଟାପଡା ପଞ୍ଚାୟତବାସୀ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଲୋକଙ୍କ ଦୀର୍ଘଦିନର ଦାବି ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗୋଟିଏ ଛୋଟ ପୋଲ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଛି; ହେଲେ ଏଥି ପାଇଁ ତିଆରି ହୋଇଥିବା ସୂଚନା ଫଳକରେ ଷ୍ଟିକର ପେଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି। ନିମ୍ନମାନର କାମ କରାଯାଉଥିବା ଅଞ୍ଚଳବାସୀ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରୁଛନ୍ତି। ଏହି ଫଳକରେ କେଉଁ କାରଣ ଯୋଗୁଁ ଷ୍ଟିକର ଲଗାଯାଇଛି, କେତେ ଟଙ୍କା ମଞ୍ଜୁର ହୋଇଛି ଓ କେଉଁ ଠିକାଦାର ଏହି କାମ କରୁଛନ୍ତି ତାହା ଜଣାପଡୁନାହିଁ। ଏଣୁ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ଦେଉଛି।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଖଗେଶ୍ୱର



ଶଗଡା,୨୮ ।୩ (ସମିସ): ଓଡ଼ିଶାରେ ନୂତନ ସରକାର ଆସିଛି। ନୂଆଁ ନୂଆଁ ଯୋଜନା ଆରମ୍ଭ ହୋଇଛି। କିନ୍ତୁ ଯୋଜନାର ବାସ୍ତବତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରକୃତ ହିତାଧିକାରୀଙ୍କ ନିକଟରେ ଯୋଜନା ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ କନ୍ଧମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋଛାପଡା ଗ୍ରାମର ୮୧ ବର୍ଷୀୟ ବୃଦ୍ଧ ଖଗେଶ୍ୱର ଗରିଆଙ୍କୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି। ସେ ବର୍ତ୍ତମାନ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି। ରାଜ୍ୟ ସରକାରଙ୍କ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ଘୋଷଣା ଅନୁଯାୟୀ ସେ ଜଣେ ଯୋଗ୍ୟ ହିତାଧିକାରୀ। ସେ ତାଙ୍କ ଆବଶ୍ୟକୀୟ ସମସ୍ତ କାଗଜପତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଖଗେଶ୍ୱର ଏ ନେଇ ଅନେକ ଥର ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉପରୁ ଅର୍ଡର ଆସିଲା ପରେ ମିଳିବ କହି ସମସ୍ତେ ଫେରାଇ ଦେଉଥିବା ସେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଖଗେଶ୍ୱର ଭତ୍ତା ଟଙ୍କା ଉପରେ ନିର୍ଭର କରି ନିଜର ଔଷଧ ସହ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇଥାନ୍ତି। ଏତିକି କମ୍ ଟଙ୍କାରେ ଚଳିବା ତାଙ୍କ ପାଇଁ କଷ୍ଟକର ହୋଇ ପଡୁଛି।

## କାର୍‌ରୁ ୭୬ କେଜି ଗଞ୍ଜେଇ ଜବତ

ବୌଦ୍ଧ,୨୮ ।୩(ସମିସ): ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ପୁଲିସ ମାଧପୁର ଛକ ନିକଟରୁ ଏକ କାର ସହ ୭୬ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢଉ କରିଥିଲା। ଫୁଲବାଣୀ ପଟୁ ଆସୁଥିବା ଏକ କାରକୁ ଅଟକାଇବାରୁ କାର ଛାଡ଼ି ଚାଳକ ଫେରାର ମାରିଥିଲା। କାରକୁ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରି ଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯାଇଥିଲା ଏ ନେଇ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ବେଳେ ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି।

## ପିଏନ୍‌ବି ପକ୍ଷରୁ ବିଦ୍ୟାଳୟକୁ ୱାଟର କୁଲର ପ୍ରଦାନ



ମନମୁଣ୍ଡା,୨୮ ।୩(ସମିସ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏକ ୱାଟର କୁଲର ପ୍ରଦାନ କରିଛି। ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ୱାଟର କୁଲର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କେଟିଂ ଅଫିସର ଲିଙ୍କନ ସାହୁ, ସ୍ୱତନ୍ତ୍ର ସହଯୋଗୀ ନରେଶ କର୍ଣ୍ଣ, ସହଯୋଗୀ ପିଙ୍କୁ ବେହେରା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକ ସଭାରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ସମ୍ବିତ ମିଶ୍ର ସଂଯୋଜନା କରିଥିଲେ। ଅନ୍ତର୍ଯ୍ୟାମୀ ନାଏକ, ଖେଳ ଶିକ୍ଷକ ଜିତେନ୍ଦ୍ରିୟ ହୋତା, ସହକାରୀ ଶିକ୍ଷୟିତ୍ରୀ ମମତା ନାୟକ, ଶ୍ରଦ୍ଧାଞ୍ଜଳି ମହାକୁଡ, ରେଣୁବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍ସ ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ



ବୀରମହାରାଜପୁର,୨୮ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଲଡୁରପେଟଠାରେ ଥିବା ଏମ୍ସ ପବ୍ଲକ ସ୍କୁଲର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବରିଷ୍ଠ ପରିବେଶବିତ ଋଷିନାଥ ମହାକୁର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡ ମନୋଜ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଶୁଚିସ୍ମିତା ପଧାନ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପୂଝରୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ମିଶ୍ର, ଛାତ୍ର ଆୟୁଷମାନ ମହାକୁର ଏବଂ ସ୍ୱରୂପରାଜ ପୂଝରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## କମସରାରେ ଶ୍ରୀରାମ ନବମୀ

ତରଭା,୨୮ ।୩(ସମିସ): ତରଭା ବ୍ଲକ୍‌ର ଐତିହ୍ୟ ସମ୍ପନ୍ନ ଗାଁ କମସରାର ଐତିହାସିକ ରାଣୀ ଝୁଲା ପାହାଡ ଶୀର୍ଷରେ ଥିବା ଶ୍ରୀ ରାମଚନ୍ଦ୍ରଙ୍କ ବିଗ୍ରହରେ ପୂଜାର୍ଚ୍ଚନା କରାଯାଇଛି। ଏଥିରେ କର୍ତ୍ତା ଭାବେ ଗଣେଶ୍ୱର ଭୋଇ ଦାୟିତ୍ୱ ତୁଲାଇଥିବା ବେଳେ ଜୟ ସିଂ କୁଅଁର, ବିଶ୍ୱାମିତ୍ର କୁଅଁର, ଲୋକନାଥ ମହଲା,ପଦ୍ମ କିଶୋର ମାଝୀ ସହଯୋଗ କରିଥିଲେ। ପରେ ଗାଁର ରାମଲୀଳା ମଣ୍ଡପରେ ୬୭ତମ ରାମଲୀଳା ମହୋତ୍ସବ ପାଳନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଦୁର୍ବାଦଳ ସାହୁ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ପୂଜକ ନିରଞ୍ଜନ ପୂଜାରୀ ପୂଜାର୍ଚ୍ଚନା ତଥା ଜୟ ସିଂ, ରିକୁ, ଯୋଗେଶ, ଆକାଶ ଓ ଅନ୍ୟ ମାନେ ସହଯୋଗ କରିଥିଲେ। ୧୪ ଦିନ ହେବାକୁ ଥିବା ଶ୍ରୀରାମ ଲୀଳାରେ ୬୪ ଜଣ ଉପବାସ ରହି ରାତିରେ ରାମଲୀଳା ନାଟକ ପରିବେଷଣ କରୁଛନ୍ତି। ଏହି ନାଟକରେ ନାଟ୍ୟ ଗୁରୁ ଦୁଃଖିଶ୍ୟାମ ପଣ୍ଡା ନିର୍ଦ୍ଦେଶନା ଦେଉଥିବାବେଳେ ବାଦ୍ୟ ଯନ୍ତ୍ରରେ ସନୋଷ ଥାନାପତି, ପ୍ରବୀଣ ଗରିଆ ସହଯୋଗ କରୁଛନ୍ତି।

## ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ



ତରଭା,୨୮ ।୩(ସମିସ): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗ ନିର୍ଦ୍ଦେଶ କ୍ରମେ ଶନିବାର ସୋନପୁର ପୌର ପରିଷଦ କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୋନପୁର ପୌର ପରିଷଦର ସମସ୍ତ କାଉନସିଲର, ଜିଲ୍ଲା ବଣିକ ସଂଘ ସଭାପତି, ଚେମ୍ବର୍ସ ଅଫ କମର୍ସ, ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ପୌର ପରିଷଦର କର୍ମଚାରୀ, ପୁଲିସ ଅଧିକାରୀ, କର୍ମଚାରୀ, ଜିଲ୍ଲା କାର୍ଯ୍ୟାଳୟ ଜରୁରୀ ଶାଖାର ଅଧିକାରୀ, କର୍ମଚାରୀ, ସୋନପୁର ସହରର ଅନେକ ଦୋକାନୀ, ଜନସାଧାରଣ ଯୋଗ ଦେଇଥିଲେ। ଏହି ତାଲିମ ଓ ସଚେତନତା କାର୍ଯ୍ୟକ୍ରମକୁ ଅତିରିକ୍ତ ଅଗ୍ନିଶମ ଅଧିକାରୀ ଧୀରେନ୍ଦ୍ର ନାଥ ଦେ ପରିଚାଳନା କରିଥିଲେ। ଅଗ୍ନିକାଣ୍ଡର କାରଣ, ଅଗ୍ନିକାଣ୍ଡ ରକ୍ଷା ପାଇବା ପାଇଁ ପୂର୍ବ ସତର୍କତା, ପ୍ରତିକାର ଓ ପ୍ରତିଷେଧକ ମୂଳକ କାର୍ଯ୍ୟ ହାତକୁ ନେବା, ଅଗ୍ନିକାଣ୍ଡ ଘଟିଲେ ଅଗ୍ନି ନିର୍ବାପନ ପାଇଁ ଆଶୁ ପଦକ୍ଷେପ, ୧୧୨ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଅଗ୍ନିଶମ ବିଭାଗ, ଡାକ୍ତରଖାନା ଓ ପୁଲିସକୁ ତୁରନ୍ତ ଜଣାଇବା, ଅଗ୍ନିକାଣ୍ଡ ସମୟରେ ଓ ଅଗ୍ନିକାଣ୍ଡ ପରେ ଉଦ୍ଧାର କାର୍ଯ୍ୟ, ଅଗ୍ନିକାଣ୍ଡରେ ପୀଡ଼ିତ ଲୋକଙ୍କ ଚିକିତ୍ସା ଓ ଥଇଥାନ ଉପରେ ସେ ସଚେତନ କରାଇ ଥିଲେ। ବିଭିନ୍ନ ଅଗ୍ନିଶମ ଯନ୍ତ୍ରପାତି ଯଥା ଅଗ୍ନି ନିର୍ବାପକ ଯନ୍ତ୍ର ଗୁଡିକର ପ୍ରକାର ଭେଦ, ସେଗୁଡ଼ିକର ବ୍ୟବହାର ପଦ୍ଧତି, ହାଇଡ୍ରୋଲିକ କଟର, ଧୂଆଁ ନିଷ୍କାସନ ଯନ୍ତ୍ର, ଅନେକ ଅଗ୍ନିଶମ ଯନ୍ତ୍ରପାତିର ବ୍ୟବହାରିକ ପ୍ରଦର୍ଶନ ସହଜ କୌଶଳ ତାଲିମ୍ ମାଧ୍ୟମରେ ଶିଖାଇ ଥିଲେ। ଦମକଳର ବ୍ୟବହାର ଉପରେ ମଧ୍ୟ ସଚେତନ କରାଇଥିଲେ। ଘର, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନରେ ମହଜୁଦ ଥିବା ଦହନୀୟ ସାମଗ୍ରୀ ଓ ପଦାର୍ଥଗୁଡିକୁ ତିନୋଟି ଶ୍ରେଣୀ ଭୁକ୍ତ କରିଥିଲେ ଯଥା, କଠିନ ଦହନୀୟ, ତରଳ ଦହନୀୟ ଓ ଗ୍ୟାସ ଜାତୀୟ ଦହନୀୟ ସାମଗ୍ରୀ ବା ପଦାର୍ଥ। ଏହି ୩ଟି ପ୍ରକାରରେ ଲାଗିଥିବା ନିଆଁକୁ କିପରି ନିୟନ୍ତ୍ରଣ ଓ ନିର୍ବାପନ କରାଯିବ ସେ ବିଷୟରେ ଉଦାହରଣ ସହିତ ପ୍ରଦର୍ଶନ ମାଧ୍ୟମରେ କୌଶଳ ଶିଖାଇବା ସହିତ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ସମୟରେ କର୍ମଚାରୀମାନେ ସହଯୋଗ କରିଥିଲେ। ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ସତର୍କତା, ପ୍ରତିକାର ଓ ପ୍ରତିଷେଧକ ମୂଳକ ପଦକ୍ଷେପ ନିଆଁ ବା ଅଗ୍ନି ନିର୍ବାପନ୍ ସଂକ୍ରାନ୍ତୀୟ ଆବଶ୍ୟକୀୟ ଘରୋଇ ସାମଗ୍ରୀ ଯଥା ପାଣି, ବାଲି, ଆଖବସ୍ତା ରଖିବା ସହ ପ୍ରତ୍ୟେକ ଘରେ ପ୍ରବେଶ ଓ ପ୍ରସ୍ଥାନ ବା ନିଷ୍କାସନ ପାଇଁ ବାଟ ରଖିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

## ତରଭା ବରିଷ୍ଠ ନାଗରିକ ସଂଘର ବୈଠକ

ତରଭା,୨୮ ।୩(ସମିସ): ସ୍ଥାନୀୟ ଏଫଆରସିସି ସଭାଗୃହରେ ତରଭା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବେନ୍ଦ୍ର ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୧୯ ତାରିଖ ନୂତନ କମିଟି ଗଠନ ପରେ ଆହୂତ ଏହି ବୈଠକ ପ୍ରାରମ୍ଭରେ ସଭାପତି ଶ୍ରୀ ସାହୁ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସଂଘର ସଭ୍ୟଭୁକ୍ତ ହେବା ପାଇଁ ଆବେଦନ କରିଥିବା ୪୪ ଜଣଙ୍କ ଆବେଦନପତ୍ରକୁ ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ନୂତନ ସଭ୍ୟ ଗ୍ରହଣ ପ୍ରକ୍ରିୟାକୁ ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁଙ୍କ ଦ୍ୱାରା ଆସନ୍ତା ୬ ମାସ ପାଇଁ ପ୍ରସ୍ତୁତ ହୋଇଥିବା କାର୍ଯ୍ୟ ଖସଡ଼ାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ୬୦ ବର୍ଷ ହେବାପରେ ମଧ ତରଭାର ଯେଉଁ ନଗରିକମାନେ ବରିଷ୍ଠ ନାଗରିକ ପରିଚୟପତ୍ର ପାଇ ନାହାନ୍ତି ସେମାନଙ୍କୁ ପରିଚୟପତ୍ର ପ୍ରଦାନରେ ସହଯୋଗ କରିବା ସହ ବରିଷ୍ଠ ନାଗରିକଙ୍କ ପେନସନ, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ମିଳିବାରେ ସଂଘ ସାହାଯ୍ୟ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରୁ ବଞ୍ଚିତ ଥିବା ବରିଷ୍ଠ ନାଗରିକମାନେ ଦେବେନ୍ଦ୍ର ବିଜୟ ସାହୁ, ଅଶୋକ କୁମାର ସାହୁ, ଶୈଳେନ୍ଦ୍ର କୁମାର ସାହୁ କିମ୍ବା ଜୟକିଶୋର ସାହୁଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଏପ୍ରିଲ ଶେଷ ସପ୍ତାହରେ ହେବାକୁ ଥିବା ବୈଠକରେ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ବଜେଟ ଉପରେ ଆଲୋଚନା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଜୟପ୍ରକାଶ ନାରାୟଣ ସାହୁ, ଧୀରେନ୍ଦ୍ର ବିଜୟ ସାହୁ, ଆନନ୍ଦ ପ୍ରକାଶ ଅଗ୍ରୱାଲ, ଉପେନ୍ଦ୍ର ପଣ୍ଡା, ଅକ୍ଷୟ କୁମାର ବାଘ, ରାଜକିଶୋର ସାହୁ, କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡୁଙ୍ଗୁରିପାଲି ଓକିଲ ସଂଘ ନିର୍ବାଚନ

## ରାଜେନ୍ଦ୍ର ଭୋଇ ସଭାପତି, ପରମେଶ୍ୱର ଦେହେରି ସମ୍ପାଦକ





ଡୁଙ୍ଗୁରିପାଲି,୨୮ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଓ ସମ୍ପାଦକ ପଦ ପାଇଁ ନିର୍ବାଚନ ହୋଇଥିଲା। ସୁବାଷ ଚନ୍ଦ୍ର ଭୋଇଙ୍କୁ ହରାଇ ରାଜେନ୍ଦ୍ର ପ୍ରସାଦ ଭୋଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦ ପାଇଁ ମିତେନ୍ଦୁ ଅବିନାଶ ଗୌତମ, ବୀରେନ୍ଦ୍ର ଦଣ୍ଡସେନା ଓ ପରମେଶ୍ୱର ଦେହେରୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପରମେଶ୍ୱର ବାଜି ମାରିନେଇଛନ୍ତି। ଉପ ସଭାପତି ପଦବୀରେ ପ୍ରମୋଦ ହୋତା ଓ ଯୁଗ୍ମ ସମ୍ପାଦକ ପଦବୀରେ ହରେକୃଷ୍ଣ ବେହେରା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଓକିଲ ଲକ୍ଷ୍ମଣ ନାଏକ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିଲେ।

## ତରଭା ଅଞ୍ଚଳରେ କାଳ ବୈଶାଖୀ



ତରଭା,୨୮ ।୩(ସମିସ): ତରଭା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରବଳ ପବନ ଓ ବର୍ଷାରେ ଅନେକ ଗଛ ଭାଙ୍ଗି ପଡିଥିବାବେଳେ ଘରଦ୍ୱାର ମଧ୍ୟ ଭାଙ୍ଗିଛି। ପବନ ଯୋଗୁଁ ଆମ୍ବଚାଷୀଙ୍କ ବ୍ୟାପକ କ୍ଷତି ହୋଇଛି। ତୁଲୁଣ୍ଡା ଗ୍ରାମରେ ଏକ ଗଛ ପଡିଯିବାରୁ ରାସ୍ତା ଅବରୋଧ ହୋଇ ଜନସାଧାରଣଙ୍କ ଯିବାଆସିବାରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ଅଗ୍ନିଶମ ବାହନୀ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟିବା ପରେ ରାସ୍ତା ଅବରୋଧ ହଟିଥିଲା। ସେହିପରି ତରଭା-ଚାରଭଟା ରାସ୍ତାର ତୁଲୁଣ୍ଡାକୁ ପ୍ରବେଶ ପଥରେ ଏକ ଗଛ ଡାଳ ପଡିଥିବାରୁ ରାସ୍ତା ଅବରୋଧ ହୋଇଥିଲା। ତାକୁ ମଧ୍ୟ ଅଗ୍ନିଶମ ବାହିନୀ ହଟାଇଥିଲେ। ମାଙ୍କଡ଼ଚୁଆଁ ବାଘପାଲିର କିଶୋର ବାଘ ଓ ବାଞ୍ଛା ବାଘଙ୍କ ଘର ଉପରେ ଏକ ଗଛ ଭାଙ୍ଗି ପଡିଥିବାର ଜଣା ପଡିବା ପରେ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଗଛକୁ କାଟି ତଳକୁ ଆଣିଥିଲେ। ତରଭା ଫାୟାର ଅଫିସର ଅନିଲ ମିଶ୍ର, ପ୍ରଶାନ୍ତ ସାହୁ, ଲକ୍ଷ୍ମୀକାନ୍ତ ବାଘ, ସତ୍ୟମ ପଧାନ ପ୍ରମୁଖ ଗଛଗୁଡିକୁ ହଟାଇଥିଲେ।

## ମାଧପୁର ରେଞ୍ଜରୁ ପୁରୀ ଗଲା ରଥ କାଠ



ହରଭଙ୍ଗା,୨୮ ।୩(ସମିସ): ବୌଦ୍ଧ ବନଖଣ୍ଡ ହରଭଙ୍ଗା ବ୍ଲକ୍‌ର ମାଧପୁର ରେଞ୍ଜରୁ ପୁରୀ ରଥଯାତ୍ରାରେ ରଥ ନିର୍ମାଣ ପାଇଁ କାଠ ପଠାଯାଇଛି। ଆଜି ୨ଟି ଟ୍ରକରେ ୫୪ଟି ଧଉରା କାଠ ପୁରୀ ପଠାଯାଇଛି। ଲେଙ୍ଗରପାଳୁ ଗ୍ରାମର ପୂଜାରୀ (ଦେହୁରୀ) ଜୟଦ୍ରଥ ମଲ୍ଲିକ ଓ ତାଙ୍କ ପତ୍ନୀ ଉଭୟ ରଥ କାଠ ଗାଡି ଦ୍ୱୟକୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବନାଞ୍ଚଳ ଅଧିକାରୀ ଆସିକ ଦିଗାଲ, ବନପାଳ ଭକ୍ତବତ୍ସଲ ମଲ୍ଲିକ, ବନରକ୍ଷୀ ଗୀତା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀରାଧାକୃଷ୍ଣ ବିଗ୍ରହ ସ୍ଥାପନ

ମନମୁଣ୍ଡା,୨୮ ।୩(ସମିସ): ବାସୁଦେବପାଲି (ମନମୁଣ୍ଡା)ଠାରେ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀ ରାଧାକୃଷ୍ଣ ବିଗ୍ରହ ସ୍ଥାପନ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଗତ ୨୦ ତାରିଖରୁ ଅଙ୍କୁର ରୋପଣ ସହ ଶୁଭାରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆଜି ଅଷ୍ଟାଦଶ ମହାପୁରାଣ ଗାୟନ ସହ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ବିଶିଷ୍ଟ ବ୍ୟକ୍ତି ଉଦୟନାଥ ମେହେର ଏଥିରେ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ହରେକୃଷ୍ଣ ମେହେର ତାଙ୍କ ପତ୍ନୀ ଅଞ୍ଜନି, ନବକୃଷ୍ଣ ମେହେର ଏବଂ ତାଙ୍କ ପତ୍ନୀ ବାସନ୍ତୀ, ବାଳକୃଷ୍ଣ ମେହେର ଓ ତାଙ୍କ ପତ୍ନୀ ପ୍ରେମଶିଳାଙ୍କ ଉଦ୍ୟମରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ପ୍ରାୟ ୨୦୦ ଜଣ ବ୍ରାହ୍ମଣଙ୍କୁ ପଦ ଧୌତ ପୂର୍ବକ ବରଣ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ନିମନ୍ତ୍ରିତ ୧୮୦ ଜଣ ବ୍ରାହ୍ମଣ ଅଷ୍ଟାଦଶ ମହାପୁରାଣ ଗାନ କରିଥିଲେ। ପ୍ରତିଦିନ କଂସ ଦରବାର ମୁଖ୍ୟ ଆକର୍ଷଣ ଥିଲା। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ପୂର୍ବତନ କଣ୍ଟାମାଳ ବିଧାୟକ ମହିଧର ରଣା, ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ସୁମିତ୍ରା ସାହୁ, ଯୁବ ଉଦ୍ୟୋଗ ପତି ଆଶିଷ ସାହୁ, ବିଜେପି ନେତା ଶିବ ନାରାୟଣ ଚୋଉଳିଆ, ଶିକ୍ଷାବିତ କିଶୋର ମେହେର, ସମାଜସେବୀ ସୁଧୀର ମହାକୁଡ, ସୋନପୁରର ପୂର୍ବତନ ନଗରପାଳ ପ୍ରକାଶ ସାହୁ, ବରିଷ୍ଠ ବିଜେପି ନେତା ଓମ୍ ପ୍ରକାଶ ମିଶ୍ର, ଯୁବ ନେତା ରବି ନାରାୟଣ ପଣ୍ଡା, ଶିକ୍ଷାବିତ ନିଳାଞ୍ଚଳ ଭୋଇ ପ୍ରମୁଖ ବିଭିନ୍ନ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଚୁମକି ପାଢ଼ୀ ସଙ୍ଗୀତ ପରିବେଷଣ କରିଥିବାବେଳେ ଅଭିନେତ୍ରୀ ଶୁଭଶ୍ରୀ ବାରିକ ଅଭିନୟ କରିଥିଲେ। ଗାୟିକା ବିଜେଜସୀ ବାରିକ ପାରାୟଣ ଗାନ କରିଥିଲେ। ମନ୍ଦିର କମିଟି ସଭାପତି ଲଳିତ ମେହେର, ସମ୍ପାଦକ ଆଶୁତୋଷ ନାୟକ, କୋଷାଧ୍ୟକ୍ଷ ଶୁକଦେବ ପ୍ରଧାନ, ଗ୍ରାମ ମୁଖିଆ ବିଷ୍ଣୁ ପ୍ରସାଦ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।



## ଭଙ୍ଗା ଘରେ ବେଲପଦର ପ୍ରାଥମିକ ବିଦ୍ୟାଳୟ

ହରଭଙ୍ଗା,୨୮ ।୩(ସମିସ)



ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବେଲପଦର ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ଭଙ୍ଗା ଘରେ ପାଣି ଗଳୁଛି। ଶ୍ରେଣୀଗୃହ ଓ ଶିକ୍ଷକ ଅଭାବ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପାଠପଢା ଚାଲିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପଢୁଛନ୍ତି; କିନ୍ତୁ ଦୁଃଖର କଥା ହେଲା ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ସମସ୍ତ ପାଠପଢା ନିର୍ଭର କରୁଛି। ସବୁଠାରୁ ବଡ଼ ସମସ୍ୟା ହେଲା ୫ଟି ଶ୍ରେଣୀ ପାଇଁ ମାତ୍ର ୨ଟି ଶ୍ରେଣୀଗୃହ ରହିଛି। ସେଥିରୁ ଗୋଟିଏ ଘରର ଉପର ଆଜବେଷ୍ଟ ଭଙ୍ଗି ଯାଇଥିବାରୁ ଦିନରେ ସୂର୍ଯ୍ୟାଲୋକ ସିଧାସଳଖ ଶ୍ରେଣୀ ଗୃହ ଭିତରକୁ ପଡୁଛି। ବର୍ଷା ଦିନେ ଏହି ଘରେ ପାଣି ଗଳୁଥିବାରୁ ଛାତ୍ରଛାତ୍ରୀଙ୍କ ବସିବା ପାଇଁ ସମ୍ଭବ ହେଉ ନ ଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପଟେ ଗୋଟିଏ କୋଠରୀରେ ଅଫିସ କାର୍ଯ୍ୟ ସହିତ ମଧ୍ୟାହ୍ନ ଭୋଜନ ଗୋଦାମ ମଧ୍ୟ ହୋଇଛି। କୋଠରୀର ଉପର ଛାତ ଭାଙ୍ଗି ଛଡ ଦେଖାଯିବା ସହ ବର୍ଷା ହେଲେ ପାଣି ଗଳୁଛି। କାନ୍ଥ ଫାଟି ଗଲାଣି। ଗ୍ରାମବାସୀ କହିଛନ୍ତି ଯେ, ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ଷା ଋତୁ ଆସିବା ପୂର୍ବରୁ ଯଦି ପ୍ରଶାସନ ସଚେତନ ହୋଇ ସ୍ଥାୟୀ ସମାଧାନ ନ କରେ ତେବେ ଏହି ପିଲାମାନଙ୍କ ଶିକ୍ଷା ଭବିଷ୍ୟତରେ ଗଭୀର ସଙ୍କଟରେ ପଡିପାରେ।

# ଭୁକ୍ତା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ପାଇଁ ଦାବି

ଅମ୍ବାଭୋନା,୨୮।୩(ସମିସ)

ଅମ୍ବାଭୋନା ବ୍ଲକ୍ ଅଧୀନ ପ୍ରକାଶପୁର-ଭୁକ୍ତା ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ ଦାବି ଜୋର ଧରିଛି। ସରପଞ୍ଚ ବଳରାମ ବିସରଙ୍କ ନେତୃତ୍ୱରେ ଶତାଧିକ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଏହି ଦାବି ଉଠାଇ ପଦକ୍ଷେପ ଦାବି କରିଛନ୍ତି। ଭୁକ୍ତା ଅଞ୍ଚଳର ପ୍ରାୟ ୭୩ ହଜାର ଜନସଂଖ୍ୟା ରହିଛି। ଅଞ୍ଚଳରେ ବିଭିନ୍ନ ବ୍ୟାଙ୍କ, ଓମଫେଡ ଦୁଗ୍ଧ ସୋସାଇଟି, ଆରଏମସି ମାର୍କେଟ ୟାର୍ଡ ସହ ପୁରାତନ ସାପ୍ତାହିକ



ବଜାର ରହିଛି। ଏହି ଅଞ୍ଚଳ ବରଗଡ଼, ସୋହେଲା ସହିତ ଛତିଶଗଡର ରାୟଗଡ, ସାରଙ୍ଗଡ ଓ ଝାରସୁଗୁଡ଼ା ଜିଲ୍ଲାର କନକତୁରା ଅଞ୍ଚଳ ସହିତ ପ୍ରାୟ ୪୦ କିମି ଦୂରତାରେ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସ୍ଥଳ ରହିଛି।

କିନ୍ତୁ ମୁଖ୍ୟ ରାସ୍ତା ସଙ୍କୁଚିତ ଥିବାରୁ ପ୍ରତିଦିନ ଭାରୀ ଯାନବାହନ ଚଳାଚଳ ବେଳେ ଦୁର୍ଘଟଣା ଘଟିବା ସହିତ ପ୍ରତ୍ୟହ ଟ୍ରାଫିକ ସମସ୍ୟା ହେଉଛି। ରାସ୍ତାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିବା ସହିତ ଶିକ୍ଷାର୍ଥୀମାନେ ଯାତାୟାତରେ ଗୁରୁତର ସମସ୍ୟା ଭୋଗୁଛନ୍ତି। ଅଭିଯୋଗ ଅନୁସାରେ ରାସ୍ତାର ଦୁଇ ପାର୍ଶ୍ୱରେ ସରକାରୀ ଜମି ଅବୈଧ ଦଖଲ, କେତେକ ସ୍ଥାନରେ ଖୋଲା ନାଳ ଏବଂ ବ୍ୟକ୍ତିଗତ ଦଖଲ ଯୋଗୁଁ ରାସ୍ତା ଆହୁରି ସଙ୍କୁଚିତ ହୋଇପଡିଛି। ଭୁକ୍ତା ସ୍ଥିତ ଯୁକ୍ତ ଦୁଇ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରୁ ପ୍ରକାଶପୁର ମଦଭାଟି ପର୍ଯ୍ୟନ୍ତ ସରକାରୀ ଜମିରୁ ଅବୈଧ ଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତୀକରଣ କରାଗଲେ ଅଞ୍ଚଳବାସୀ ସୁବିଧା ପାଇବେ ବୋଲି ଦାବି ଉଠିଛି। ଏହି ସମ୍ପର୍କରେ ଅମ୍ବାଭୋନା ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଦାବିପତ୍ର ଦାଖଲ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଆଦର୍ଶ ବିଦ୍ୟାଳୟ ପାଇଁ ୫ ଛାତ୍ରଛାତ୍ରୀଙ୍କ ଚୟନ



ଝାରବନ୍ଧ,୨୮।୩(ସମିସ): ଝାରବନ୍ଧ ବ୍ଲକ୍ ଅଧୀନ ସକ୍ରି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଛି। ବିଦ୍ୟାଳୟରେ ସମୁଦାୟ ୫ ଜଣ ମେଧାବୀ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓଏଭିରେ ଭର୍ତ୍ତି ପାଇଁ ଚୟନ ହୋଇଛନ୍ତି। ସକ୍ରି ସେବାଶ୍ରମ ବିଦ୍ୟାଳୟର କ୍ଷୀରୋଦିନି ଭୋଇ, ପ୍ରେରଣା ଭୁଏ ଏବଂ ପିଙ୍କୁ ରଣା ଓଏଭି, ବଳିଡ଼ିପା (ଝାରବନ୍ଧ) ପାଇଁ ଚୟନ ହୋଇଛନ୍ତି। ସେହିପରି ସକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଲିସା ନାଏକ ମଧ ବଳିଡ଼ିପା ଓଏଭି ପାଇଁ ଏବଂ ବିନି ଭୋଇ ଓଏଭି, ଫ୍ରେଜରପୁର (ପାଇକମାଲ) ପାଇଁ ଚୟନ ହୋଇଛନ୍ତି। ସିଆରସିସି ଦିବସ ସାହୁ ଓ ସ୍ଥାନୀୟ ସରପଞ୍ଚ ଲକ୍ଷେ ସିଂ ଥପା ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସଭାରେ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକ ଓ ଲଳିତ ମଲ୍ଲିକ ସହିତ ସହାୟକ ଶିକ୍ଷକ-ଶିକ୍ଷୟିତ୍ରୀ ସବିତ ମହାଲିଙ୍ଗ, ସୂର୍ଯ୍ୟ ବରିହା, ନିରଞ୍ଜନ ଦେବତା, ଜୋହନ ବାଗ, ଶର୍ମିଷ୍ଠା ସ୍ୱାଇଁ, ଅମିତା ନାୟକ, ପୁଷ୍ପାଞ୍ଜଳି ମହାକୁର, ସେବତୀ ପାଣ୍ଡେଓ ଚିନ୍ତାମଣି ନାଏକ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିରରେ ଶ୍ରୀରାମ ନବମୀ

ବରଗଡ଼,୨୮।୩(ସମିସ): ବରଗଡ଼ ସହର ଉପକଣ୍ଠରେ ଅବସ୍ଥିତ ସୟାଁ ଗାଁର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀ ମହାସମାରୋହରେ ଅନୁଷ୍ଠିତ ହୋଇଛି। ବିଧି ମୁତାବକ ମନ୍ଦିରର ମୁଖ୍ୟ ପୂଜକ ଅଶ୍ୱିନୀ ଦେବତାଙ୍କ ଉପସ୍ଥିତିରେ ପୂଜା କାର୍ଯ୍ୟରେ ପଣ୍ଡିତ ଗିରିଧାରୀ ମିଶ୍ର ଏବଂ ପଣ୍ଡିତ ରାଜେଶ ପଣ୍ଡା ପୌରୋହିତ୍ୟ କରିଥିଲେ। କର୍ତ୍ତା ଭାବେ: ଖାରବେଳ ଖମାରୀ ସରିତା ଓ ଆକୁଳ ସେପାଲ, ଚୋଳଗଙ୍ଗ ଖମାରୀ ନିଷ୍ଠାର ସହ ସମସ୍ତ ବିଧି ସମ୍ପନ୍ନ କରିବା ସହ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଏହି ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ବରିଷ୍ଠ ପଣ୍ଡିତ ଜଗଦାନନ୍ଦ ମିଶ୍ରଙ୍କ ଦ୍ୱାରା ପରିବେଷିତ ରାମାୟଣ ପାରାୟଣ। ସୟାଁ ଗାଁର ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

## ଶକ୍ତି ନଗରରେ ଶ୍ରୀରାମ ନବମୀ



ବରଗଡ଼,୨୮।୩(ସମିସ): ବରଗଡ଼ ଶକ୍ତି ନଗର ୟୁଥ୍ ଆସୋସିଏସନ୍ ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭକ୍ତ ବିଭୂତି ଭୂଷଣ ଦାଶ ସପତ୍ନୀକ କର୍ତ୍ତା ଭାବେ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। ପ୍ରଭୁ ଶ୍ରୀରାମ ରୂପରେ ଶୁଭ୍ରାଂଶୁ ରଥ, ଲକ୍ଷ୍ମଣ ରୂପରେ ସୁଧାଂଶୁ ରଥ ଓ ମାତା ସୀତା ରୂପରେ ଆରାଧ୍ୟା ଶର୍ମା ଅବତୀର୍ଣ୍ଣ ହୋଇ ନୁନିଆଁ ଜାମପାଲି ସଙ୍କୀର୍ତ୍ତନ ଦଳ ସହ ନଗର ପରିକ୍ରମା କରିଥିଲେ। ଏଥିରେ ଶକ୍ତି ନଗର ୟୁଥ୍ ଆସୋସିଏସନ୍‌ର ସମସ୍ତ ସଦସ୍ୟ ଓ ଅଭିପ୍ସା ମହିଳା ସମିତିର ସମସ୍ତ ସଦସ୍ୟା ଯୋଗଦେଇ ସହଯୋଗ କରିଥିଲେ। କାଉନସିଲର ସୁନନ୍ଦା ପଣ୍ଡା, ସଭାପତି ମାନସରଞ୍ଜନ ଚାନ୍ଦ, ଉପଦେଷ୍ଟା ବିଶିଷ୍ଟ ସମାଜସେବୀ ସତ୍ୟ ନାରାୟଣ ପଣ୍ଡା, ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଣ୍ଡି ଓ ବସ୍‌ଷ୍ଟାଣ୍ଡ ଦାବି ନେଇ ଅଞ୍ଚଳବାସୀ ବିଧାୟକ ଓ ସାଂସଦଙ୍କ ଦ୍ୱାରସ୍ଥ

ଅମ୍ବାଭୋନା,୨୮।୩(ସମିସ): ଅମ୍ବାଭୋନା ବ୍ଲକ୍ ଅଧୀନ ଭୁକ୍ତା-ପ୍ରକାଶପୁର ଅଞ୍ଚଳରେ ଦୀର୍ଘଦିନ



ଧରି ଦୁଇଟି ପ୍ରମୁଖ ଦାବି ପ୍ରକାଶପୁରରେ ପୁଲିସ ଫାଣ୍ଡି ସ୍ଥାପନ ଏବଂ ଭୁକ୍ତାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣନେଇ ଅଞ୍ଚଳବାସୀଙ୍କ ଆନ୍ଦୋଳନ ଓ ଦାବି ଜୋର ଧରିଛି। ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଓ ବରିଷ୍ଠ ନାଗରିକ ଠାକୁରରାମ ପଟେଲଙ୍କ ନେତୃତ୍ୱରେ ସଚେତନ ନାଗରିକ, ଶିକ୍ଷାବିତ୍, ବିଭିନ୍ନ ସଂଗଠନର ସଦସ୍ୟ ଓ ସ୍ଥାନୀୟ କର୍ମକର୍ତ୍ତାମାନେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଏବଂ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ୧୯୬୧ରୁ ଭୁକ୍ତା-ପ୍ରକାଶପୁର ଅମ୍ବାଭୋନା ପଞ୍ଚାୟତ ସମିତିର କେନ୍ଦ୍ରସ୍ଥଳ ଭାବେ ରହିଆସିଛି। ବ୍ଲକ୍ କାର୍ଯ୍ୟାଳୟ ସହିତ ବିଭିନ୍ନ ପଞ୍ଚାୟତ ୫ରୁ ୧୫ କିମି ଦୂରତାରେ ଥିବାରୁ ଲୋକମାନଙ୍କ ଯାତାୟାତ ସୁବିଧା ପାଇଁ ଭୁକ୍ତା ପୁରୁଣା ବଜାର ପ୍ରାଙ୍ଗଣରେ ଏକ ବସ୍‌ଷ୍ଟାଣ୍ଡ ସହ ଯାତ୍ରୀନିବାସ ନିର୍ମାଣ ଅତ୍ୟନ୍ତ ଆବଶ୍ୟକ ବୋଲି ଦାବି କରାଯାଇଛି। ବିଶେଷକରି ୨୦୨୦ରେ ସାପ୍ତାହିକ ବଜାରକୁ ମାର୍କେଟ ୟାର୍ଡକୁ ସ୍ଥାନାନ୍ତର କରାଯିବା ପରେ ପ୍ରତି ବୁଧବାର ଭୁକ୍ତାରେ ଭିଡ ବହୁତ ବଢ଼ିଯାଉଛି। ଅନ୍ୟପଟେ, ପ୍ରକାଶପୁର ବ୍ଲକ୍ କାର୍ଯ୍ୟାଳୟ ଆଖପାଖରେ ଦେଶୀ ଓ ବିଦେଶୀ ମଦ ଦୋକାନ ରହିଥିବାରୁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହାର ଫଳସ୍ୱରୂପ ଛୋଟ ବଡ ଅଘଟଣ ଘଟୁଥିବା ସହ ଆଇନଶୃଙ୍ଖଳା ପରିସ୍ଥିତି ବିଗଡୁଛି। ଏପରି ସ୍ଥିତିରେ ପ୍ରକାଶପୁରରେ ଏକ ପୁଲିସ ଆଉଟପୋଷ୍ଟ କିମ୍ବା ଫାଣ୍ଡି ସ୍ଥାପନ ଅତ୍ୟନ୍ତ ଆବଶ୍ୟକ ବୋଲି ଅଞ୍ଚଳବାସୀ ଦୃଢ଼ ଦାବି ଜଣାଇଛନ୍ତି।

## ବୋଡାସମ୍ବରରେ ଜାତୀୟ ଡାଲଖାଇ ଏକାଡେମୀ ସ୍ଥାପନ ଦାବି

ବରଗଡ଼,୨୮।୩(ସମିସ): ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସଂସଦରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ 'ଡାଲଖାଇ' ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ସେ ପାର୍ଲିଆମେଣ୍ଟରେ ବୋଡାସମ୍ବର ପଦ୍ମପୁରରେ ଏକ ଜାତୀୟ ଡାଲଖାଇ ଏକାଡେମୀ ସ୍ଥାପନ କରିବା ପାଇଁ ଦାବି କରିଛନ୍ତି। ଏହାଦ୍ୱାରା ଏହି ଲୋକକଳାର ସଠିକ୍ ଗବେଷଣା ଓ ପ୍ରଶିକ୍ଷଣ ହୋଇପାରିବ ବୋଲି ସେ କହିଛନ୍ତି। ଡାଲଖାଇ ନୃତ୍ୟର ସମୃଦ୍ଧ ସଂସ୍କୃତି ଓ ଇତିହାସକୁ ଦୃଷ୍ଟିରେ ରଖି ଏହାକୁ ଶାସ୍ତ୍ରୀୟ ନୃତ୍ୟ ମାନ୍ୟତା ଦେବା ପାଇଁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପଶ୍ଚିମ ଓଡ଼ିଶାର କଳାକାରମାନଙ୍କୁ ଜାତୀୟସ୍ତରରେ ପରିଚୟ ଦେବା ଏବଂ ସେମାନଙ୍କ ଆର୍ଥିକ ସହାୟତା ପାଇଁ ସେ ସଂସଦରେ ପ୍ରସ୍ତାବ ରଖିଛନ୍ତି। ନିକଟରେ ସେ ନିଜେ ବୋଡାସମ୍ବର ଡାଲଖାଇ ମହୋତ୍ସବରେ ନାଚିଥିବା ଭିଡିଓ ସୋସିଆଲ ମିଡିଆରେ ବହୁତ ଚର୍ଚ୍ଚିତ ହୋଇଥିଲା।

## ଦହିତା ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ; ରୋଗୀଙ୍କ ସୁବିଧା ଦାବି




ଦହିତା,୨୮।୩(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଦହିତା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୪୦ ବର୍ଷ ପୂରଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆବଶ୍ୟକୀୟ ସୁବିଧାରୁ ବଞ୍ଚିତ ରହିଛି। ଫଳରେ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ଶୋଚନୀୟ ଅବସ୍ଥାରେ ରହିଛି। ୧୯୮୬ରେ ଉଦ୍‌ଘାଟିତ ସ୍ୱାସ୍ଥ୍ୟକେନ୍ଦ୍ରରେ ମୌଳିକ ସୁବିଧାର ଭୀଷଣ ଅଭାବ ରହିଛି। ଏଠାରେ ଷ୍ଟାଫ୍ କ୍ୱାର୍ଟର ନଥିବାରୁ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ନିୟମିତ ରହୁ ନାହାନ୍ତି। ଜରୁରୀ ସମୟରେ ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି।

ବିଶେଷକରି ଗର୍ଭବତୀ ମହିଳାଙ୍କ ପାଇଁ ଏହି ପରିସ୍ଥିତି ଗୁରୁତର ଆକାର ନେଇଛି। ପ୍ରସୂତୀ ସେବା ନ ମିଳିବାରୁ ଅନେକ ସମୟରେ ସେମାନେ ଜୀବନ ବିପନ୍ନ କରି ଦୂରସ୍ଥ ପଦ୍ମପୁରକୁ ଯିବାକୁ ବାଧ ହେଉଛନ୍ତି। ଏହା ସହିତ ରକ୍ତ, ମଳ ଓ ମୂତ୍ର ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଲୋକେ ୧୦ କିମି ଦୂର ପଦ୍ମପୁରକୁ ଯାଇ ଅତିରିକ୍ତ ଖର୍ଚ୍ଚାନ୍ତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦହିତା ସହ ପାଖାପାଖି ପ୍ରାୟ ୧୭ଟି ଗାଁର ହଜାର ହଜାର ଲୋକ ଏହି କେନ୍ଦ୍ର ଉପରେ ନିର୍ଭର କରୁଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ସେବାର ଏପରି ଅବସ୍ଥା ଗ୍ରାମ୍ୟ ଚିକିତ୍ସା ବ୍ୟବସ୍ଥାର ଦୂରାବସ୍ଥାକୁ ପ୍ରକାଶ କରୁଛି। ଏଣୁ ଦହିତା ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତି କରି ସମସ୍ତ ଆବଶ୍ୟକ ସୁବିଧା ଯୋଗାଇବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଶୀଘ୍ର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବାର ସମ୍ଭାବନା ରହିଛି।

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଅମ୍ବାଭୋନା,୨୮।୩(ସମିସ): ଅମ୍ବାଭୋନା ବ୍ଲକ୍ ଅଧୀନ ଗଣ୍ଡିଆପାଲି ଗାଁରେ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଲୁଦୁପାଲି ଗାଁର ରାମେଶ୍ୱର ପାତିକାର (୩୩) ତାଙ୍କ ବାଇକ (ଓଆର୧୭ଇ୩୧୮୯)ରେ ଚିଖିଲିରୁ ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ ଗଣ୍ଡିଆପାଲି ନିକଟରେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ଗାଡି (ଓଡି୦୮୧୧୫୩) ତାଙ୍କୁ ଧକ୍କା ଦେଇଥିଲା। ଘଟଣାରେ ରାମେଶ୍ୱର ରାସ୍ତାରେ ଛିଟିକି ପଡି ମୁଣ୍ଡରେ ଗୁରୁତର ଆଘାତ ପାଇଥିଲେ ଓ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁକ୍ତା ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚାଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ଖେଦାପାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ, ଅମ୍ବାଭୋନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ ଗାଡିକୁ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

## କଟାପାଲିରେ ହାଇସ୍କୁଲସ୍ତରୀୟ କ୍ରିକେଟ ପ୍ରତିଯୋଗିତା

ବରପାଲି/ମହଦା,୨୮।୩(ସମିସ): ପିଏମଶ୍ରୀ କଟାପାଲି ବିଶାଖା ଦାଶ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଆନ୍ତଃ ବ୍ଲକ୍ ହାଇସ୍କୁଲ ସ୍ତରୀୟ କ୍ରିକେଟ ପ୍ରତିଯୋଗିତା ହୋଇଯାଇଛି। ଦୁଇଦିନିଆ ପ୍ରତିଯୋଗିତାର ଶ୍ରେଷ୍ଠ ଦଳ ଭାବେ ଚିକିନିପାଲି ହାଇସ୍କୁଲ ଏବଂ କଟାପାଲି ବିଶାଖା ଦାଶ ହାଇସ୍କୁଲ ଉପ ବିଜେତା ଦଳ ଭାବେ ପୁରସ୍କୃତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟାପାଲି ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ତ୍ରିପାଠୀ ଯୋଗ ଦେଇଥିଲେ। ଅତିଥି ଭାବେ କମିଟି ସଦସ୍ୟ ଜେମସ୍ ସା ଓ ମୋହନ ନାଗ ଉପସ୍ଥିତ ଥିଲେ। ପରିଚାଳନାରେ କ୍ରୀଡା ଶିକ୍ଷକ ସୁଦାମ ପଧାନ, କିଶୋର ବର୍ଗେ, ଗୌରାଙ୍ଗ ପାଣ୍ଡେ, ମଣ୍ଟୁ ପୁଝାରୀ, ତୀର୍ଥବାସୀ ସାହୁ, ତାରାକାନ୍ତ ସାହୁ, ଠାକୁରାମ ପଧାନ, ମନୋରମା ନାଏକ, ଲିପି ଭୁଏ, ପ୍ରଜ୍ଞାଶ୍ରୀ ବେହେରା, ଭାବେସ, ରଞ୍ଜନ ସାହୁ, ରୋଦନ, ଦୁଷ୍ମନ୍ତ ବାରିକ ପ୍ରମୁଖ ସହାୟତା କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ସିପିଆର୍ ଟ୍ରେନିଂ

ବରଗଡ଼,୨୮।୩(ସମିସ): ସ୍ଥାନୀୟ ରୋଟାରୀ ପବ୍ଲିକ୍ ସ୍କୁଲ୍ ଏବଂ କିଶୋରୀ ନର୍ସିଂ ହୋମର ମିଳିତ ଆନୁକୂଲ୍ୟରେ ଏକ ସିପିଆର୍ ଟ୍ରେନିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନାସ୍ଥେସିୟା ବିଭାଗର ମୁଖ୍ୟ ଡାକ୍ତର ସୌରଭ ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କୁ ଟ୍ରେନିଂ ଦେଇଥିଲେ। କିଶୋରୀ ଡାକ୍ତରଖାନାର ବାଣିଜ୍ୟ ଅଧିକାରୀ ହିମାଂଶୁ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ରୋଟାରୀ କ୍ଲବ୍‌ର ସଭାପତି ଗଙ୍ଗା ସାଗର ପତି ତଥା ସମ୍ପାଦକ ଆନନ୍ଦ ଭୂଟାଦା ସହଯୋଗ କରିଥିଲେ। ଟ୍ରେନିଂ ପାଇଁ ୧୩୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବରଗଡ଼ ଓକିଲ ସଂଘ ନିର୍ବାଚନ ଫଳାଫଳ

## ଭୀଷ୍ମଦେବ ସରାଫ ଚତୁର୍ଥ ଥର ପାଇଁ ସଭାପତି



ବରଗଡ଼,୨୮।୩(ସମିସ): ବରଗଡ଼ ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୀରେନ୍ଦ୍ର ହାତୀଙ୍କୁ ୪୩ ଟି ଭୋଟରେ ପରାଜୟ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ହରିହର ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀକୁ ୧୧୩ ଟି ଭୋଟରେ ପରାଜୟ କରିଛନ୍ତି ଏବଂ ସହ ସମ୍ପାଦକ ଭାବେ ବୈକୁଣ୍ଠ ଷଡଙ୍ଗୀ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ କିଶୋର ଦାଶ, ସନ୍ତୋଷ ଦାଶ, ଲିପ୍ସିତ ମିଶ୍ର, ସନକ ଦାଶ, ଅମିତ ନାଏକ ଓ ଅଧିକାରୀ ପଧାନ ବିଜୟୀ ହୋଇଛନ୍ତି। ତାଙ୍କର ଏହି ବିଜୟରେ ବରଗଡ଼ ନାଗରିକ ମଞ୍ଚ, ପୂର୍ବତନ କନେଷ୍ଟବଳ ମହାସଂଘ ବରଗଡ଼ ଜିଲ୍ଲା ସଭାପତି ସୁବାସ ଦାଶ, ନିଷ୍ଠା ପରିବାର ମୁଖ୍ୟ ଅଶ୍ୱିନୀ ତ୍ରିପାଠୀ, ସଙ୍କଳ୍ପ ପରିବାର ମୁଖ୍ୟ ବିକାଶ ଅଗ୍ରୱାଲ, ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ଡିଷ୍ଟ୍ରିକ୍ଟ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ସଭାପତି ସତ୍ୟଜିତ୍ ଦାଶ, ଜାବ ସଭାପତି ରବି ପଣ୍ଡା, ବରଗଡ଼ ଜିଲ୍ଲା ହକର ସଂଘ ସଭାପତି ଯୋଗେନ୍ଦ୍ର ସାହୁ, ସହ ବିଭିନ୍ନ ସଂଗଠନ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ନିଧୁ ବନ ବିହାରୀ ପ୍ରସାଦ ପଣ୍ଡା, ହୀରାରାମ ଭୋଇ, କାଳୀଚରଣ ଦାଶ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ।

## ଅତାବିରାରେ ନିରୋଦ ସଭାପତି, ହିତେନ୍ଦ୍ରୀୟ ସମ୍ପାଦକ





ଅତାବିରା: ଶନିବାର ଅତାବିରା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରୋଦ ଚନ୍ଦ୍ର ମହାକୁର ସଭାପତି, ତ୍ରିପୁରାରୀ ଚାନ୍ଦ ଉପସଭାପତି, ହିତେନ୍ଦ୍ରୀୟ ପ୍ରଧାନ ସମ୍ପାଦକ, ଧନପତି ବାଦୀ ଯୁଗ୍ମ ସମ୍ପାଦକ, ଭାସା ୟାପି ଜଗନ୍ନାଥ ରାଓ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ୪ଟି ପଦ ବିଶିଷ୍ଟ କାର୍ଯ୍ୟକାରୀ କମିଟିରେ ୬ ଜଣ ଛିଡ଼ା ହୋଇଥିଲେ। ଏଥିରେ ମାନସ ରଞ୍ଜନ ତ୍ରିପାଠୀ, ଋଷି ଶୃଙ୍ଗ ବଘାର, ଅମୀୟ ମହାନ୍ତି ଓ ଦୁର୍ଯ୍ୟୋଧନ ଛତର ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଦିବ୍ୟ କିଶୋର ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ।

## ପଦ୍ମପୁରରେ ଆନନ୍ଦ ସଭାପତି, ହରିଶଙ୍କର ସମ୍ପାଦକ




ପଦ୍ମପୁର: ପଦ୍ମପୁର ଓକିଲ ସଂଘର ନିର୍ବାଚନ ମନୋନୟନ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ଏହି ନିର୍ବାଚନରେ ସମସ୍ତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱୀତାରେ ମନୋନୀତ ହୋଇଥିଲେ। ଚଳିତ ବର୍ଷ ପାଇଁ ନୂତନ ଭାବେ ସର୍ବସମ୍ମତି କ୍ରମେ ବରିଷ୍ଠ ଆଇନଜୀବୀ ଆନନ୍ଦ ଚନ୍ଦ୍ର ପଣ୍ଡା ସଭାପତି, ହରିଶଙ୍କର ସିଂହଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ସହ ସମ୍ପାଦକ ଆଦିତ୍ୟ ରଥ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଅଜିତ ଶତପଥୀ, ଗୌନ୍ତିଆ ସାହୁ, କେଶବ ସାହୁ ଓ ପ୍ରଦୀପ ସାହୁ ନିର୍ବିରୋଧରେ ମନୋନୀତ ହୋଇଥିଲେ। ଚଳିତ ବର୍ଷ ପାଇଁ ହୋଇଥିବା ଏହି ନୂତନ ଚୟନ ପ୍ରକ୍ରିୟା ସମୟରେ ବହୁ ସଂଖ୍ୟାରେ ଆଇନଜୀବୀ ଉପସ୍ଥିତ ଥିଲେ। ନବନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଭେଡେନରେ ଅଶ୍ୱିନୀ ସଭାପତି ଓ ସୁରେନ୍ଦ୍ର ସମ୍ପାଦକ




ଭେଡେନ: ଓଡ଼ିଶା ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ କ୍ରମେ ଭେଡେନ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କେବଳ ସଭାପତି ପଦ ପାଇଁ ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ କାର୍ତ୍ତିକ ରଣା ଓ ଲଳିତ ବଘାର ରହିଥିଲେ। ନିର୍ବାଚନରେ ଅଶ୍ୱନୀ ଦାଶ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ କିଶୋର ପାଇକ, ସମ୍ପାଦକ ଭାବେ ସୁରେନ୍ଦ୍ର ହୋତା, ସହ ସମ୍ପଦକ ଭାବେ ପାଣ୍ଡବ ସୁନା ଓ କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ ନାଏକ ମନୋନୀତ ହୋଇଛନ୍ତି। ସେହିପରି ଓକିଲ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ, ହିମାଂଶୁ ଦୋରା, ରକ୍ଷାକାରୀ ଠେଲା, ସରୋଜ ମିଶ୍ର, ଲିଙ୍ଗରାଜ ବିଶି, ନରେନ୍ଦ୍ର ଭୋଇ, ଜଦୁରାମ ତ୍ରିପାଠୀ ମନୋନୀତ ହୋଇଛନ୍ତି।

## ବରପାଲିରେ ହିମାଂଶୁ ସଭାପତି, ଦେବେନ୍ଦ୍ର ସାଧାରଣ ସମ୍ପାଦକ




ବରପାଲି: ବରପାଲି ଓକିଲ ସଂଘର ନୂତନ କାର୍ଯ୍ୟକାରି କମିଟି ଗଠିତ ହୋଇଯାଇଛି। ନୂତନ ସଭାପତି ଭାବେ ହିମାଂଶୁ ସାହୁ ମନୋନିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଦେବେନ୍ଦ୍ର ସାହୁ, ଉପ ସଭାପତି ସୁଧିର ମେହେର, ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାଶ, ସହ ସମ୍ପାଦକ ମହେନ୍ଦ୍ର ଗହିର, ଲାଇବ୍ରେରୀ ସମ୍ପାଦକ ପରିତୋଷ ମେହେର ଓ କୋଷାଧ୍ୟକ୍ଷ ଭାବେ ଅଞ୍ଜନ ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ରୂପେ ଗୋକୁଳାନନ୍ଦ ସ୍ୱାଇଁ ଏବଂ ରାମେଶ୍ୱର କୋଟା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସେହିପରି କମିଟି ପରିଚାଳନା ଦିଗରେ ସହାୟକ ନିମନ୍ତେ ଏକ ପାଞ୍ଚ ଜଣିଆ ସଦସ୍ୟ ମଣ୍ଡଳି ମନୋଜ ପଟ୍ଟନାୟକ, ଅଚ୍ୟୁତାନନ୍ଦ ଦାଶ, ଲାଲ ବିକ୍ରମ ସିଂଦେଓ, ଆନନ୍ଦ ଚନ୍ଦ୍ର ସାହୁ ଓ ଈଶ୍ୱର ନାଗ ସାମିଲ ଥିଲେ।

## ପବନରେ ଉଡ଼ି ବିଦ୍ୟୁତ୍ ତାରରେ ଓହଳିଲା ଆଜବେଷ୍ଟ

ବିଜେପୁର,୨୮।୩(ସମିସ): ଜିଲ୍ଲା ବୁଡାପାଲି ପଞ୍ଚାୟତ ଅଧୀନ ଲେମଧର ଗାଁରେ ଝଡ଼ ପବନରେ ଗାଁର ବୀମା ସାହୁଙ୍କ ଘର ଛାତ ଉପର ଆଜବେଷ୍ଟ ପବନରେ ଉଡିଯାଇଛି। ଆଜବେଷ୍ଟ ଉଡ଼ିଯାଇ ସାମ୍ନାରେ ଥିବା ୧୧୦୦ ଭୋଲ୍ଟ ବିଦ୍ୟୁତ ତାରରେ ଲାଗି ବିପଦସଙ୍କୁଳ ଅବସ୍ଥାରେ ଓହଳି ରହିଛି। ଫଳରେ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ବିଦ୍ୟୁତ ତାରରେ ଓହଳି ରହିଥିବାରୁ ଯେକୌଣସି ସମୟରେ ବଡ ଦୁର୍ଘଟଣା ଘଟିପାରେ ବୋଲି ଭୟ ରହିଛି। ଏହିରାସ୍ତାରେ ଅନେକ ଲୋକ ଓ ଯାନବାହନ ଯାତାୟାତ କରୁଥିବାରୁ ସ୍ଥିତି ଅଧିକ ସଙ୍କଟପୂର୍ଣ୍ଣ ହୋଇଛି। ଏହି ଘଟଣାରେ ବୀମା ସାହୁଙ୍କ ଘରର ପ୍ରାୟ ୨ ଲକ୍ଷ ଟଙ୍କାର କ୍ଷତି ଘଟିଥିବା ଅନୁମାନ କରାଯାଇଛି। ଛାତ ଭାଙ୍ଗିଯାଇଥିବା ସହିତ ଘରର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସମ୍ପର୍କରେ ବିଜେପୁର ବିଦ୍ୟୁତ ବିଭାଗକୁ ସୂଚନା ଦିଆଯାଇଥିଲେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବିଦ୍ୟୁତ ବିଭାଗର ଜୁନିୟର ଇଞ୍ଜିନିୟରଙ୍କ ସହିତ ଯୋଗାଯୋଗ କରିବାରୁ ଏହାକୁ ହଟାଇବା ପାଇଁ ହାଇଡ୍ରା ମେସିନ୍ ଆଣାଯିବ ଏବଂ ଆସନ୍ତାକାଲି ମଧ୍ୟରେ ଏହାକୁ ସୁରକ୍ଷିତ ଭାବେ ହଟାଇ ଦିଆଯିବ ବୋଲି କହିଛନ୍ତି।

ସକାଳ THE SAKALA



## ବମ୍ପରଡା ଗ୍ରାମରେ କାଳବୈଶାଖୀ ପ୍ରଭାବ

# ବ୍ୟାପକ କ୍ଷତି, ୪ ଆହତ

ଦେବଗଡ଼, ୨୮।୩(ସମିସ)




ବାରକୋଟ ବ୍ଲକ ବମ୍ପରଡା ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘର ଉପରେ ବିରାଟକାୟ ଗଛ ମାଡି ବସିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଆହତ ହୋଇଥିବା ସୂଚନା ମିଳିଛି। ବମ୍ପରଡାଗ୍ରାମର ମୁରଲୀ ନାୟକଙ୍କ ପରିବାର ଲୋକେ ଖାଇ ସାରି ଘର ଭିତରେ ଶୋଇଥିବା ବେଳେ ରାତ୍ରି ପ୍ରାୟ ୯ଟା ସମୟରେ ହଠାତ ପ୍ରବଳ ବେଗରେ ପବନ ସହିତ ବର୍ଷା ମାଡି ଆସିଥିଲା। ଏହାର ପ୍ରଭାବରେ ଏକ ବିରାଟକାୟ ତେନ୍ତୁଳିଗଛ ଭାଙ୍ଗିଯିବା ସହ ମୁରଲୀଙ୍କ ଘର ଉପରେ ପଡ଼ିଯାଇଥିଲା। ଫଳରେ ଘରର କାନ୍ଥ ଭାଙ୍ଗି ଯାଇଥିବା ବେଳେ ମୁରଲୀଙ୍କ ସମେତ ତାଙ୍କ ପରିବାରର ବର୍ଷା ନାୟକ, ବିଷ୍ଣୁ ନାୟକ ଏବଂ ତାଙ୍କ ମାମୁଁଙ୍କ ଉପରେ କାନ୍ଥ ମାଡି ବସିବାରୁ ସେମାନେ ଆହତ ହୋଇଥିଲେ। ପରିବାରର ଅନ୍ୟ ସଦସ୍ୟ ଏବଂ ସାହି ପଡ଼ିଶା ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାରକୋଟ ଏବଂ ପରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସା ଜାରୀ ରହିଛି। ଅନ୍ୟପକ୍ଷରେ ଗଛ ମାଡି ବସିବାରୁ ଗୋଟିଏ ଅଟୋ ରିକ୍ସା ସମେତ ୨ଟି ବାଇକ୍ ମଧ୍ୟ ଭାଙ୍ଗିରୁଜି ଯାଇଛି। କାଳବୈଶାଖି ଯୋଗୁଁ ସେମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି। ଶନିବାର ସକାଳେ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଟୋ ରିକ୍ସା ସମେତ ଘର ଉପରେ ମାଡି ବସିଥିବା ତେନ୍ତୁଳି ଗଛକୁ ହଠାଇଥିବା ଜଣାପଡ଼ିଛି। ସେହିପରି ତିଲେଇବଣି ବ୍ଲକ ଟାଇଁସର ଗ୍ରାମରେ ମଧ୍ୟ ବହୁ ସଂଖ୍ୟ ଗଛବୃକ୍ଷ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି।ଉକ୍ତ ଗ୍ରାମର ଅଜିତ ବେହେରା ଓ ମାୟାବତୀ ରଣାଙ୍କ ଘରର ଆଜବେଷ୍ଟସ ଛାତ ମଧ୍ୟ ଉଡିଯାଇଛି। ରାଜସ୍ୱ ବିଭାଗ ଏବଂ ଜିଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରିବାସହ ଅବିଳମ୍ବେ ସହାୟତା ପ୍ରଦାନ କରିବାକୁ ସେମାନେ ଦାବି ଜଣାଇଛନ୍ତି। ସୂଚନା ଯୋଗ୍ୟ କାଳବୈଶାଖି ପ୍ରଭାବରେ ଉପରୋକ୍ତ ୨ ଜଣଙ୍କ ସମେତ ଆହୁରୀ ଅନେକ ଘରର ଛପର, ଟାଇଲ ଏବଂ ଆଜବେଷ୍ଟସ ଛାତ ଅଳ୍ପେ ବହୁତେ ଉଡିଯାଇଥିବା ସୂଚନା ମିଳିଛି।

## ରେଳ ବିଭାଗର ଜମି ଅଧିଗ୍ରହଣ

# ବିନା କ୍ଷତିପୂରଣରେ ଜବରଦସ୍ତ କାମକୁ ଗ୍ରାମବାସୀଙ୍କ ବିରୋଧ

**ଝାରସୁଗୁଡ଼ା, ୨୮।୩(ସମିସ):** ଦକ୍ଷିଣପୂର୍ବ ହାୱାଡା ବମ୍ବେ ମୁଖ୍ୟ ରେଳପଥରେ ରେଳ ବିଭାଗ ପକ୍ଷରୁ ଚତୁର୍ଥ ରେଳ ଲାଇନ୍ ସହ ୟାର୍ଡ ତଥା ଅନ୍ୟକାର୍ଯ୍ୟ ପାଇଁ ଧୁତରା, ଚମ୍ପାପଡ଼ା, ସାରସମାଳ, କହରପଡ଼ା, ସାରସପାଳି



ଅଞ୍ଚଳର ଅନେକ ଗୁଡିଏ ଜମି ଅଧିଗ୍ରହଣ ହେଉଛି। ଯାହାଫଳରେ ଧୁତରା ଷ୍ଟେସନ ନିକଟସ୍ଥ ବହୁ ଅଞ୍ଚଳ ତଥା ଅନେକ ଗ୍ରାମବାସୀ ଚାଷ ଜମିମାଟିରୁ ବିସ୍ଥାପିତ ହେଉଛନ୍ତି। ଅଞ୍ଚଳ ଲୋକଙ୍କ ଶେଷ ଆଶା ଜମିମାଟିକୁ ନିଜର ଭାବି ଚାଷବାସ କରି ଜିବନଜୀବିକା ଚଳାଇ ଆସୁଥିବା ବେଳେ ରେଳ ବିଭାଗ ଠାରୁ ବିନା କ୍ଷତିପୂରଣ ପାଉଣାରେ ଜୀବିକା ହରାଇବେ ବୋଲି ଗ୍ରାମବାସୀଙ୍କ ଅଭିଯୋଗ ହୋଇଛି। ପ୍ରଥମ ଥର ରେଳ ବିଭାଗ ଦ୍ୱାରା ଅପ୍ ରେଳ ଲାଇନ କଡରେ ପ୍ରାୟ ତିନି ଚାରି କିଲୋମିଟର କଙ୍କ୍ରିଟ ରାସ୍ତାର ଲୋକଙ୍କୁ କ୍ଷତିପୂରଣ ଦେଇ ନ ଥିବା ବେଳେ ପୁଣି ଅଞ୍ଚଳର ଆଦିବାସୀ ହରିଜନ ତଥା ଅନ୍ୟାନ୍ୟ ନିରିହ ଶ୍ରେଣୀର ଲୋକଙ୍କ ଚାଷଜମିକୁ ଯୋରଜବରଦସ୍ତ ବଡବଡ ମେସିନରେ ସମତୁଳ କରିବା ସହ ହାଇୱା, ଡମ୍ଫରରେ ମାଟି ସ୍ଥାନାନ୍ତର କରାଯାଉଛି। କାମ କରୁଥିବା କମ୍ପାନୀର ଯୋରଜବରଦସ୍ତ କାମକୁ ଅଞ୍ଚଳବାସୀ ପ୍ରବଳ ବିରୋଧ କରିଛନ୍ତି। ଶନିବାର ଦିନ ମାଧାହ୍ନରେ କେତେକ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ବୁଝାମଣା, ଜମିର କ୍ଷତିପୁରଣ ନଦେବା ପର୍ଯ୍ୟନ୍ତ କାମ ଅଟକ ରହିବାର ପ୍ରତିଶ୍ରୁତି ଦେବା ପରେ ପରିବେଶ ଶାନ୍ତ ପଡ଼ିଥିଲା।

## ବାହା ହେବାକୁ କହି ପ୍ରତାରଣା, ଅଭିଯୁକ୍ତ ଗିରଫ

**କୋଲାବିରା, ୨୮।୩(ସମିସ):**ଜଣେ ଯୁବତୀକୁ ପ୍ରେମଜାଲରେ ଫସେଇ ବାହା ହେବାର ପ୍ରତିଶ୍ରୁତି ଦେଇ ବାରମ୍ବାର ସମ୍ପର୍କ ସ୍ଥାପନ କରି ପ୍ରତାରଣାକରି ଫେରାର ଥିବା ବ୍ୟକ୍ତିକୁ କୋଲାବିରା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ କୁଚିଣ୍ଡା ମହୁଲପାଲି ଥାନା ଲାଙ୍ଗପସଗାଁର ରାଜେଶ କିଷାନ(୩୪)। ସେ ବିବାହିତ ହୋଇ ମଧ୍ୟ କୋଲାବିରା ଥାନା ସନ୍ୟାସୀପାଲି ଅଞ୍ଚଳର ଜନୈକା ଯୁବତୀକୁ ପ୍ରେମଜାଲରେ ଫସେଇ ପରେ ବାହା ହେବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିଲେ। ଯୁବତୀ ଜଣକ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ ଓ ବ୍ୟକ୍ତି ଜଣକ ଝାରସୁଗୁଡ଼ା ଠାରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଇତିମଧ୍ୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା, ଯାହାକି ପରବର୍ତ୍ତି ସମୟରେ ବାହାହେବା ପର୍ଯ୍ୟନ୍ତ କଥା ପହଞ୍ଚିଥିଲା। ଅଭିଯୁକ୍ତ ରାଜେଶ ବାହା ହେବାକୁ ପ୍ରତିଶ୍ରୁତି ଦେଇ ମଧ୍ୟ ସେ ବିବାହିତ ହୋଇଥିବାରୁ ଯୁବତୀକୁ ପ୍ରତାରଣା କରିଥିଲେ। ଇତି ମଧ୍ୟରେ ଯୁବତୀ ଜଣକ ଅନ୍ତସତ୍ତ୍ୱା ହୋଇଥିଲେ। ଗର୍ଭବତୀ ହେବା ଘଟଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ରାଜେଶ ଧରାଛୁଆଁ ନଦେବାରୁ ଯୁବତୀ ଜଣକ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୋଲାବିରା ଥାନାରେ କେସ ନଂ ୬୯ ରେ ମାମଲା ରୁଜୁ କରାଯାଇଛି।ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରାଜେଶକୁ ଗିରଫ କରିବା ସହ ଉଭୟଙ୍କ ଡାକ୍ତରୀମାଇନା କରାଇବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

**କୋଲାବିରା, ୨୮।୩(ସମିସ):** କୋଲାବିରା ଥାନା ଏନ୍‌ଏଚ ୪୯ ପତ୍ରାପାଲି ପେଟ୍ରୋଲ ପମ୍ପ ସମାନରେ ଜଣେ ବ୍ୟକ୍ତି ରାସ୍ତା ପାରି ହୋଉଥିବା ସମୟରେ ବାଇକ୍ ଆରୋହୀ ଧକ୍କା ଦେଇ ଫେରାର ମାରିଛି। ଦୁର୍ଘଟଣାରେ ଆହତ ବ୍ୟକ୍ତି ବାରକୋଟ ବାହାଡାପୋଷି ଖିଲେଇ ଗାଁର ଦୁତିଆ ଗଡ଼ନାୟକ(୪୨) ବୋଲି ଜଣାପଡ଼ିଛି। ସେ ସନ୍ଧ୍ୟା ସମୟରେ ପେଟ୍ରୋଲ ପମ୍ପ ସାମନାରେ ରାସ୍ତା ପାରି ହେଉଥିବା ସମୟରେ ଝାରସୁଗୁଡ଼ା ପଟୁ କୋଲାବିରା ଆଡକୁ ଆସୁଥିବା ବାଇକ୍ ଆରୋହୀ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ତାଙ୍କ ଗୋଡ ୨-୩ ଜାଗାରୁ ଭାଙ୍ଗି ଯାଇଥିଲା ଏବଂ ସେ ସଞ୍ଜ୍ଞାହୀନ ଅବସ୍ଥାରେ ପଡ଼ିଥିଲେ।ସୂଚନା ପାଇ କୋଲାବିରା ଅଗ୍ନୀଶମ ବାହିନୀର କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଦୁର୍ଘଟଣା ଘଟାଇ ଫେରାର ମାରିଥିବା ବଇକ୍‌ର ସନ୍ଧାନ ମିଳିପାରିନାହିଁ।ଘଟଣା ନିକଟରେ ଉପସ୍ଥିତ ଥିବା ଲୋକେ ବାଇକ୍‌ଚାଳକ କୋଲାବିରା ବସ୍ତି ବୋଲି କହୁଛନ୍ତି।

## ୧୩୩ ବୋତଲ ମଦ ଜବତ, ବେପାରୀ ଗିରଫ



**କୋଲାବିରା, ୨୮।୩(ସମିସ):** କୋଲାବିରା ଥାନା ମାଲିଡିହି ଗାଁରୁ ବିପୁଳ ପରିମାଣରେ ମଦ ଜବତ ହୋଇଛି। କୋଲାବିରା ପୁଲିସ ସୂଚନା ପାଇ ମାଲିଡିହି ଗାଁର ଚନ୍ଦନ ସାହୁଙ୍କ ଘରେ ଚଢ଼ାଉ କରି ଘରେ ବେଆଇନ ଭାବେ ମହଜୁଦ ଥିବା ଶହେ ବୋତଲ ବିୟର ସାଙ୍ଗକୁ ୨୦ରୁ ୨୫ ବୋଟଲ ଅନ୍ୟାନ୍ୟ ବ୍ରାଣ୍ଡର ମଦ ଜବତ କରିବା ସହିର ଚନ୍ଦନ ସାହୁ(୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚନ୍ଦନ ନିଜ ଘରେ ବିଦେଶି ମଦ ମହଜୁଦ ରଖି ବିଭିନ୍ନ ସ୍ଥାନକୁ ହୋମ ଡେଲିଭରି କରୁଥିଲା।ପୁଲିସ ସୂଚନା ପାଇବା ପରେ ଉକ୍ତ ସ୍ଥାନରେ ଚଢ଼ଉ କରି ମଦ ଜବତ କରିବା ସହିତ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଥିଲା।ଥାନାରେ ଅବକାରୀ ମାମଲା ରଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ମନରେଗା କାର୍ଯ୍ୟର ପ୍ରାପ୍ୟ ପ୍ରଦାନରେ ଅବହେଳା

# ଶ୍ରମିକ ବିଡିଓଙ୍କ ଦ୍ୱାରସ୍ଥ



**କୋଲାବିରା, ୨୮।୩(ସମିସ):** ମନରେଗା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ଶ୍ରମ ପ୍ରାପ୍ୟ ନିର୍ଦ୍ଧରିତ ସମୟରେ ମିଳିନଥିବା କୋଲାବିରା ପଞ୍ଚାୟତ ତରେଇଖେଲା ଗାଁର ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ସଦର ପଞ୍ଚାୟତରେ ସରକାରୀ ନିୟମର ଉଲ୍ଲଂଘନ କରି ମନରେଗା ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ୭ ଦିନ ମଧ୍ୟରେ ଶ୍ରମ ପ୍ରାପ୍ୟ ଦେବା ବଦଳରେ ଦୀର୍ଘ ୨ମାସରୁ ଉର୍ଦ୍ଧ୍ୱ ସମୟ ହେଲା ପ୍ରାପ୍ୟ ପ୍ରଦାନରେ ଅବହେଳା ପ୍ରଦର୍ଶନ କରାଯାଇଛି। ଏସମ୍ପର୍କରେ ନିୟୋଜିତ ଶ୍ରମିକମାନେ କୋଲାବିରା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ତରେଇଖେଲା ରାଜସ୍ୱ ଗାଁର ୬୦ରୁ ଅଧିକ ମହିଳା ଓ ପୁରୁଷ ଶ୍ରମିକ ତରେଇଖେଲାରୁ ପଟ୍ଟାପଡ଼ା ଧର୍ଶାରାସ୍ତାର ଉନ୍ନତିକରଣ କାର୍ଯ୍ୟରେ ମାଟି କାମ କରି ଆସୁଛନ୍ତି। ଗତ ୧୩ ଜାନୁଆରୀରୁ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ୭ଦିନରେ ଥରେ ଶ୍ରମିକମାନଙ୍କ ମଷ୍ଟରରୋଲ ବାହାର କରି ଶ୍ରମିକମାନଙ୍କ ବ୍ୟାଙ୍କ ଖାତାରେ ପ୍ରାପ୍ୟ ଦେବାର ନିୟମରହିଛି। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥବା ଗାଁ ସାଥି ସିନ୍ଧୁ ବିଶି ଶ୍ରମିକଙ୍କ ହାଜିରା ପକାଇ ପ୍ରତ୍ୟେକ ସପ୍ତାହରେ ମଷ୍ଟରରୋଲ ତିଆରି କରୁଛନ୍ତି। ମାତ୍ର କାର୍ଯ୍ୟ ଆରମ୍ଭର ଅଢ଼େଇ ମାସ ବିତି ଗଲାଣି ୬୦ରୁ ଉର୍ଦ୍ଧ୍ୱ ଶ୍ରମିକ ବିଲକୁଲ ଶ୍ରମ ପ୍ରାପ୍ୟ ପାଇନଥିବା ଅଭିଯୋଗ କରିଛନ୍ତି। ଏନେଇ ଉକ୍ତ କାର୍ଯ୍ୟରେ ନିୟୋଜିତ ଶ୍ରମିକ ସୁଶାନ୍ତ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ବିଶେଶ୍ୱର ପ୍ରଧାନ, ହରିପ୍ରିୟା ଲୁହା, ମୋତିରାମ ଲୁହ.ଦୁବରାଜ ଦେହେରିଆ, ମୋହନ ଲୁହା, ସୁଦାମ ଲୁହା, ଚନ୍ଦ୍ରକାନ୍ତି ପେଣ୍ଟେଇ, ତପସ୍ୱିନୀ ଦେହେରିଆ ପ୍ରମୁଖଙ୍କ ସହ ୬୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଶ୍ରମିକ କୋଲାବିରା ବିଡିଓଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ୭ଦିନ ମଧ୍ୟରେ ଶ୍ରମିକଙ୍କ ପାଉଣା ପ୍ରଦାନ କରାଯିବ ବୋଲି ବିଡିଓ ଅଶୋକ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

# ଜିଲ୍ଲା ଓକିଲ ସଂଘ ନିର୍ବାଚନ

## ରଘୁମଣୀ ସଭାପତି, ନୀଳାଦ୍ରି ସମ୍ପାଦକ

**ଝାରସୁଗୁଡ଼ା, ୨୮।୩(ସମିସ):** ଶନିବାର ଦିନ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ରଘୁମଣୀ ପଟେଲ ଓ ସମ୍ପାଦକ ଭାବେ ନୀଳାଦ୍ରି ବିହାରୀ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଶନିବାର




ସକାଳୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଓକିଲ ସଂଘର ସଦସ୍ୟମାନେ ଅପରାହ୍ନ ସାଢ଼େ ତିନିଟା ପର୍ଯ୍ୟନ୍ତ ମତଦାନ କରିଥିଲେ। ଏହାପରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ସଭାପତି ପଦ ପାଇଁ ରଘୁମଣି ପଟେଲ ମୋଟ ୧୮୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ଜିଲ୍ଲା ଓକିଲ ସଂଘର ଅନ୍ୟାନ୍ୟ ପଦ ପାଇଁ ନିର୍ବାଚନ ହୋଇଥିଲା। ସାଧାରଣ ସମ୍ପାଦକ ଭାବେ ନୀଳାଦ୍ରି ବିହାରୀ ବିଜୟୀ ହୋଇଥିବା ଜଣାପଡ଼ିଛି। ଆଗରୁ ଅନ୍ୟ ପଦବୀ ଗୁଡିକରେ ନିଦ୍ୱନ୍ଦ୍ୱରେ ସମସ୍ତେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରମଥେଶ ସଭାପତି ଓ ସିଦ୍ଧେଶ୍ୱର ସମ୍ପାଦକ

**ଦେବଗଡ଼, ୨୮।୩(ସମିସ):** ଦେବଗଡ଼ ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି।।ପୂର୍ବରୁ ସଂଘର ଉପ ସଭାପତି ଓ ସମ୍ପାଦକ ସମେତ ସମସ୍ତ ପଦବୀ ଲାଗି ପ୍ରାର୍ଥୀମାନେ ନିଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଶନିବାର କେବଳ ସଂଘର ସଭାପତି ପଦ ଲାଗି ନିର୍ବାଚନ ହୋଇଥିଲା। ନିର୍ବାଚନରେ ସଂଘର ମୋଟ ୯୧ ଜଣ ସଦସ୍ୟ ମତଦାନ କରିଥିବା ବେଳେ ପ୍ରମଥେଶ ଗୁରୁଙ୍କୁ ୪୬ଟି ଭୋଟ ପାଇ ବିଜୟୀ ହୋଇଛନ୍ତି।



ନିର୍ବାଚନକୁ ନିର୍ବାଚନ ଅଧିକାରୀଣି ଭାବେ ଜିଲା ଓକିଲ ସଂଘର ସଦସ୍ୟା ବିଜ୍ଞାବିନମ୍ରତା ଦ୍ୱିବେଦୀ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ, ପୂର୍ବରୁ ସଂଘର ନୂତନ ଉପସଭାପତି ଭାବେ ପ୍ରଣବ କୁମାର ସ୍ୱାଇଁ, ସମ୍ପାଦକ ଭାବେ ସିଦ୍ଧେଶ୍ୱର ଗୁରୁ, ସହ ସମ୍ପାଦକ ଭାବେ ବିକାଶ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ରାଜକିଶୋର ପ୍ରଧାନ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।ସେହିପରି କାର୍ଯ୍ୟକାରୀ କମିଟୀ ସଦସ୍ୟ ସଦସ୍ୟା ଭାବେ ଜଗନ୍ନାଥ ଦାସ, ଜନ୍ମାଜୟ ପ୍ରଧାନ, ମମତା ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବୁଡା ଓ ସୁନିଶ୍ଚିତା ପାଢ଼ୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀଣି ସୁଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।

## ଅଷ୍ଟପ୍ରହର ନାମଯଜ୍ଞ

**ଝାରସୁଗୁଡ଼ା, ୨୮।୩ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମଣ୍ଡଳିଆସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି।ଭିକାରୀ ଚରଣ ବେରିହା ଓ ତାଙ୍କର ଧର୍ମପତ୍ନୀ ରିନା ବେରୀହା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ବିନୋଦ ଜେନା, ଶିବ ଛଛାନ, ଦଶରଥ ବେରିହା, ବଳରାମ ପ୍ରଧାନ, ମୃତ୍ୟୁଞ୍ଜୟ ଖମାରୀ, ରାଜଦେବ ପ୍ରସାଦ, ସଡ ବୈଷ୍ଣବ ଭାବେ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ କିରିତ ମାଲର ଭବାନୀ ମିଶ୍ର ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ କନକତୋରା, ସୁନ୍ଦରଗଡ଼ ଛାଟେନ ପାଲି, ଗୁଲଠା, ସୁନ୍ଦରଗଡ଼କୁଡୋମାଲ, ସୁନ୍ଦରଗଡ଼ ଭୁଗ୍ରାପଡ଼ା ପ୍ରମୁଖ ସଙ୍କୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲେ।

## ଜମିର କିସମ ପରିବର୍ତ୍ତନ କରି ଲିଜ୍ ପ୍ରଦାନକୁ ବିରୋଧ

# ଆଦିବାସୀ ସମାଜ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କୋଲାବିରା, ୨୮।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ସୋଢ଼ାମାଲ ମୌଜାର ଖାତା ନଂ ୪୮୮ ପ୍ଲଟ ନଂ ୧୦୯୧/୧୦୯୪ ମୋଟ ୯୦.୪୧ ଡିସମିଲ ଜମିରୁ ୭୮.୭୨ ଡିସମିଲ ଜମିକୁ ପ୍ରସ୍ତାବିତ କାଜୁ ବଗିଚା କରାଯିବା ଉଦ୍ଦେଶ୍ୟରେ ଜମିର କିସମ ପରିବର୍ତ୍ତନ କରି ଲିଜ୍ ପ୍ରଦାନକୁ ବିରୋଧ କରି ସୋଢ଼ାମାଲ ସମ୍ମିଳିତ ଆଦିବାସୀ ସମାଜ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସୋଢ଼ାମାଲ ମୌଜାର ୭ଟି ୱାର୍ଡ ମଧ୍ୟରେ ଥିବା ଭୀମେୟାର, ଆମ୍ବଝରନ ଓରେଙ୍ଗାଲପାଲି ଗାଁଗୁଡିକ ରାଜସ୍ୱ ଗାଁ ପାଇଁ ଆବଶ୍ୟକ ସମସ୍ତ ସରକାରୀ ମାନଦଣ୍ଡ ପୂରଣ କରୁଥିବା ବେଳେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଅଥଚ କୋଲାବିରା ତହସିଲଦାରଙ୍କ କୋର୍ଟରେ ଚାଲିଥିବା ଡିଆର କେସ୍ ନଂ ୪୦/୨୦୨୫ ମାଧ୍ୟମରେ ସ୍ଥାନୀୟ ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ଉଦ୍ୟମ କରାଯାଉଛି। ଏହାଦ୍ୱାରା ଆଦିବାସୀ ବହୁଳ ଏହି ଅଞ୍ଚଳର ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ୱାର୍ଥ ବାଧାପ୍ରାପ୍ତ ହେବ ବୋଲି ଆଦିବାସୀ ସମାଜ ଅଭିଯୋଗ କରିଛି। ପେସା ଆଇନ ଅନୁଯାୟୀ ଆଦିବାସୀ ଅଞ୍ଚଳର ଯେ କୌଣସି ନିଷ୍ପତ୍ତି ପୂର୍ବରୁ ଗାଁସଭା ବା ପଲ୍ଲୀସଭାରେ ସମ୍ମତି ଆବଶ୍ୟକ।ହେଲେ ସ୍ଥାନୀୟ ଲୋକଙ୍କ ସହ କୌଣସି ଆଲୋଚନା ନକରି ପ୍ରଶାସନ ନିଜଆଡୁ ନିଷ୍ପତ୍ତି ନେଉଥିବା ଅଭିଯୋଗ ହୋଇଛି। ଏହି ଜମିକୁ କାଜୁ ବଗିଚା କିମ୍ବା ଅନ୍ୟାନ୍ୟ ପ୍ରକଳ୍ପ ନାମରେ କିସମ ପରିବର୍ତ୍ତନ କରାଗଲେ ଶତାଧିକ ପରିବାର ନିଜ ଜୀବିକା ହରାଇବେ। ତେଣୁ ସୋଢ଼ାମାଲ ପଞ୍ଚାୟ ସମନ୍ୱିତ ଆଦିବାସୀ ସୋସାଇଟି ଏବଂ ସୋଢ଼ାମାଲ ଅଞ୍ଚଳବାସୀ ଏହି ଘଟଣାରେ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ



ହସ୍ତକ୍ଷେପ ଲୋଡିଛନ୍ତି। ତହସିଲଦାର ଉକ୍ତ ଲିଜ୍ ପ୍ରକ୍ରିୟାକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଏହାକୁ ମନରେଗା ମାଧ୍ୟମରେ ପଞ୍ଚାୟତବା ଗ୍ରାମବାସୀଙ୍କ ସହାୟତାରେ କାଜୁ ବଗିଚା କରିବାକୁ ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମନ୍ୱିତ ଆଦିବାସୀ ସମାଜର ସଭାପତି ପଦ୍ମିନୀ ମୁଣ୍ଡା, ସମ୍ପାଦକ ତପନ କାଲୋ, ଉପସଭାପତି ନିଳାଦ୍ରି କାଲୋ, ଉପଦେଷ୍ଟା ବୀର ଧୁରୁଆ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ମାମୁଁ ଘରକୁ ଯିବା ବାଟରେ ଅଘଟଣ

# ପୁଅ ମୃତ, ମାଆ ଗୁରୁତର

**କୋଲାବିରା, ୨୮।୩(ସମିସ):** ଏକ ସଡକ ଦୁର୍ଘଟଣାରେ ମାମୁଁ ଘରକୁ ଯାଉଥିବା ବାଟରେ ସଡକ ଦୁର୍ଘଟଣାରେ ଜଣେ ନାବାଳକର ମୃତ୍ୟୁ ହୋଇଥିବା ବେଳେ ମାଆ ଗୁରୁତର ହୋଇ ବୁର୍ଲାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ଏୟାରପୋର୍ଟ ଥାନା ତାଲମାଲ(ଅର୍ଡା)ଗାଁର କବିତା ପଟେଲ ଓଡି୨୩କ୍ୟୁ ୧୪୬୯ ନମ୍ବର ବିଶିଷ୍ଟ ସ୍କୁଟି ଯୋଗେ ପୁଅକୁ ନେଇ କୁଚିଣ୍ଡା ଥାନା ଜୁନାନୀସ୍ଥିତ ବାପ ଘରକୁ ଯାଉଥିଲେ। କୋଲାବିରା ଥାନା କୁଣ୍ଡରୁସିଂହା ଗାଁ ମଝି ଏନ୍‌ଏଚ ୪୯ରେ ଯାଉଥିବା ଭାରିଯାନକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ବାଇକ୍ ଚଳାଉଥିବା ବ୍ୟକ୍ତି ରାସ୍ତା କଡକୁ ଛିଟିକି ପଡ଼ିଥିବା ବେଳେ ମାଁ ପୁଅ ଦୁହେଁ ଅତିକ୍ରମ କରୁଥିବା ଟ୍ରକ୍ ନିକଟକୁ ଛିଟିକି ପଡ଼ିଥିଲେ। ମାଆ କବିତା ପଟେଲ ଗୁରୁତର ହୋଇଥିଲେ ମାତ୍ର ୮ ବର୍ଷର ପୁଅ ଅକସିତ ପଟେଲ ଟ୍ରକ୍‌ର ଚକ ତଳକୁ ଛିଟିକି ପଡ଼ି ଚକା ତଳେ ପଡ଼ି ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ କୋଲାବିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ କବିତାଙ୍କୁ ଉଦ୍ଧାର କରି ପ୍ରଥମେ କୋଲାବିରା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୁରୁତର ଥିବାରୁ ପରେ ବୁର୍ଲାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଆରଜେ୦୧୭ଜିଏ-୯୯୨୮ ନଂ ବିଶିଷ୍ଟ ଟ୍ରକ୍ ପଳାଇଯାଉଥିବା ବେଳେ ଲୋକେ ଗାଡିର ପିଛା କରି ଲରିଆପାଲି ନିକଟରେ ଅଟକାଇ ପୁଲିସକୁ ହସ୍ତାନ୍ତର କରିଥିଲେ। କୋଲାବିରା ଥାନାରେ ୨୮୧/୧୨୫(ଏ)/୧୨୫(ବି)ରେ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ କରୁଛି।

# କୋଲାବିରା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**କୋଲାବିରା, ୨୮।୩(ସମିସ):** କୋଲାବିରା ବ୍ଲକର କୋଲାବିରା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ.କୀର୍ତ୍ତିର୍ ଚନ୍ଦ୍ର ବହିଦାରଙ୍କ ସଭାପତିତ୍ୱରେ ସାହ୍ଲେପାଲି ଆମ୍ବତୋଟା ଠାରେ



ଆୟୋଜିତ ବୈଠକରେ କୋଲାବିରା ସେବାସମବାୟ ସମିତି ଅଧିନର ବହୁ ସଭ୍ୟ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଦେବରାଜକୁମୁରା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସଭାପତି ଶ୍ରୀ ବହିଦାର ଚାଷୀଙ୍କୁ ସମବାୟ ସମିତିର ଉପାଦେୟତା, ଚାଷୀଙ୍କର ସମସ୍ୟା ଦୂରିକରଣ ବିଷୟକୁ ଉପସ୍ଥାପନା କରିଥିଲେ। ଝାରସୁଗୁଡ଼ା ସହ ନିବନ୍ଧକ ବନମାଳୀ ନାଏକ, ଲଇକେରା ବ୍ୟାଙ୍କ ନିରୀକ୍ଷକ ଗଣନାଥ ଖର୍ସେଲ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ କ୍ରପ କଟିଂ ସମସ୍ୟା, ନିକୃଷ୍ଟ ଧାନ ବିହନ, ସାରର ଅଭାବି ଯୋଗାଣ ଆଦି ସମସ୍ୟା ବିଷୟରେ ଅଲୋଚନା କରାଯିବା ସହିତ ଋଣ ଖିଲାପିଙ୍କ ବୋରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ସମିତି ଉପସଭାପତି ଦୀନବନ୍ଧୁ ଛତ୍ରିଆ, ନିର୍ଦ୍ଦେଶକ ହୃଦାନନ୍ଦ ପଟେଲ, ଭିଖାରୀ ଚରଣ ନାଏକ, ଅକ୍ଷୟ ନାଏକ, କମଲ ଧୁରୁଆ, ରମେଶ ଚନ୍ଦ୍ର ସାହୁ, ଗୌତମକୁମରୁରା.ଗୋପାଲ ନାୟକଙ୍କ ସମେତ ଅଞ୍ଚଳର ବହୁ ଅଗ୍ରଣୀ ଚାଷୀ ତଥା ସଭ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ସଠିକ ସମୟରେ ଋଣ ପରିଶୋଧ କରୁଥିବା ଚାଷୀ ଦୁଃଖଃବନ୍ଧୁ ସାହୁ, ରମେଶ ଚନ୍ଦ୍ର ସାହୁ, ମଦନ ସୁନ୍ଦର ପଟେଲପ୍ରଦୀପ ପଟେଲ, ଅଲିସ ପଟେଲ, ଆୟୁଷ ପଟେଲ ଓ ଅନାଦି ପଧାନ ଏବଂ ସମିତି ଅଧିନ ମିନି ବ୍ୟଙ୍କର ଉତମ ଉପଭୋକ୍ତା ଭାବେ ଡୋଲାମଣି ବେହେରା, ଘାହୀରଥି ପଧାନ, କମଳ ଧୁରୁଆ, ଦୁଷ୍ମନ୍ତ ନାୟକ, ରାଜୀ ନାୟକ, ଭିଷ୍ମଦେବ ନାୟକ ଓ ସ୍ୱର୍ଣ୍ଣ ପିଙ୍କଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେବାସମବାୟ ସମିତର ଶିବକୁମୁରା, ଭୁଜ ମହାନନ୍ଦିଆ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

## ରାମ ନବମୀ ଶୋଭାଯାତ୍ରାକୁ ନେଇ ଆରୋପ ପ୍ରତ୍ୟାରୋପ

# ବିଧାୟକ ଶସ୍ତା ରାଜନୀତି କରୁଛନ୍ତି: ଦୀପାଳି

ଝାରସୁଗୁଡ଼ା, ୨୮।୩(ସମିସ)

ଝାରସୁଗୁଡ଼ା ସହରରେ ବିଭିନ୍ନ ଆଖଡା କମିଟି ପକ୍ଷରୁ ଆୟୋଜିତ ଶୋଭାଯାତ୍ରାକୁ ନେଇ ପୂର୍ବତନ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ଏବଂ ବର୍ତ୍ତମାନ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମଧ୍ୟରେ ଆରୋପ ପ୍ରତିଆରୋପ ଦେଖିବାକୁ ମିଳିଛି। ଏହାକୁ ନେଇ ଝାରସୁଗୁଡ଼ା ରାଜନୀତି ସରଗରମ ହେବାରେ ଲାଗିଛି। ଝାରସୁଗୁଡ଼ାର ପ୍ରସିଦ୍ଧ ଶ୍ରୀରାମ ନବମୀ ଶୋଭାଯାତ୍ରା ସମୟରେ ବିଭିନ୍ନ ବିଶୃଙ୍ଖଳାକୁ ନେଇ ପୂର୍ବତନ ବିଧାୟିକା ଦୀପାଳୀ ଦାସ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଏକ ସାମ୍ବାଦିକ ସମ୍ମିଳନୀରେ ସମାଲୋଚନା କରିଛନ୍ତି। ନିଜର ଶସ୍ତା ଲୋକପ୍ରିୟତା ଓ ଶକ୍ତି ପ୍ରଦର୍ଶନ ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ାର ବର୍ଷ ବର୍ଷର ସାଂସ୍କୃତିକ ପରମ୍ପରାରେ ବିଶୃଙ୍ଖଳା ସୃଷ୍ଟି କରିଥିବା ଦୀପାଳୀ କହିଛନ୍ତି। ବିଧାୟକଙ୍କ ଶୋଭାଯାତ୍ରା ଯୋଗୁଁ ବିଭିନ୍ନ ଆଖଡା ଦଳ ନିଜର ପ୍ରଦର୍ଶନ ସମ୍ପୂର୍ଣ୍ଣ କରିପାରିଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଯାହାଫଳରେ ଅଞ୍ଚଳବାସୀ ଶୋଭାଯାତ୍ରାକୁ ଉପଭୋଗ କରିପାରିଲେ ନାହିଁ ଓ ଏପରିକି ଜନସାଧାରଣ ବିଧାୟକଙ୍କୁ ଦେଖିବାକୁ ଆସିନଥିଲେ ରାମନବମୀ ଶୋଭାଯାତ୍ରା ଦେଖିବାକୁ ଆସିଥିଲେ ବୋଲି ଦୀପାଳି କହିଛନ୍ତି। ଶୋଭାଯାତ୍ରା ସମୟରେ ହନୁମାନ ଅଭିନୟ କରୁଥିବା ଯୁବକଙ୍କୁ ତଳେ ବସାଇ ନିଜେ ଉପରେ ରହି ଧାର୍ମିକ ମନୋଭାବକୁ ବିଧାୟକ ତ୍ରିପାଠୀ କ୍ଷୁର୍ଣ୍ଣ କରୁଥିଲେ। ଏହା ସହିତ ତାଙ୍କର ଶୋଭାଯାତ୍ରାର ଆଗରେ ଯଥେଷ୍ଟ ଖାଲି ଥିବା ବେଳେ ସେ ନିଜେ ଜାଣିଶୁଣି



ପଛରେ ଥିବା ଶୋଭାଯାତ୍ରା ବା ଆଖଡା ଦଳକୁ ଆଗକୁ ଆସି ଦେଉ ନ ଥିଲେ ବୋଲି ଅଭିଯୋଗ କରିଛନ୍ତି। ବିଧାୟକ ତ୍ରିପାଠୀଙ୍କ ଏପରି ହୀନମାନ୍ୟତା ଆଚରଣର ଜବାବ ଝାରସୁଗୁଡ଼ା ବାସୀ ଆଗାମୀ ଦିନରେ ନିଶ୍ଚିତ ଭାବେ ଦେବେ ଦୀପାଳୀ କହିଛନ୍ତି। ସେହିପରି ରାମ ନବମୀ ଶୋଭାଯାତ୍ରାକୁ ନେଇ ପୂର୍ବତନ ବିଧାୟିକା ଦୀପାଳୀ ଦାସ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ବଦନାମ କରିବା ଭିତ୍ତିହୀନ ଏବଂ ମୂଲ୍ୟହୀନ ଅଟେ ବୋଲି ବିଭିନ୍ନ ଆଖଡା ଓ ସଂଗଠନର କର୍ମକର୍ତ୍ତାମାନେ ଶନିବାର ଅପରାହ୍ନରେ ଏକ ଘରୋଇ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଞ୍ଚମୁଖୀ ଆଖଡାରରାଜୁ ଗୁପ୍ତା, ଶାନ୍ତନୁ ସାହୁ, ସଙ୍କଟ ମୋଚନ ଆଖଡା ତେଲିଭଟାର ଲାଲବାବୁ ସାହୁ, ଚୌକି ପଡ଼ା ଆଖଡାର ଅକ୍ଷୟ ମିଶ୍ର, ଯାଦବ ଆଖଡାର ବିକେଶ ଯାଦବ, ନିର୍ମଳ ଯାଦବ ବିଟିଏମ ଆଖଡାର ସନ୍ତୋଷ ସାହୁ, ରାମଦୂତ ଆଖଡାର ପିଣ୍ଟୁ ସିଂ, ପ୍ରଗତି କ୍ଲବ୍‌ର ମାନୁ ସିନ୍ଦିରିଆ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦଣ୍ଡକାଳୀ'ର ପୋଷ୍ଟର ରିଲିଜ୍






'ରାଜଶ୍ରୀ ସିନେ କ୍ରାଫ୍ଟ' ନିବେଦିତ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'ର ଇତିମଧ୍ୟରେ ପୋଷ୍ଟର ରିଲିଜ୍ ହୋଇଛି । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନାରେ ରାଜଶ୍ରୀ ଘୋଷ ଅଛନ୍ତି । ସିନେମାର କାହାଣୀ ଅଭିସିକ୍ତ ମିଶ୍ର ଲେଖିବା ଥିବା ବେଳେ ଏହାର ଚିତ୍ରନାଟ୍ୟ ଓ ସଂଳାପରେ ଅଛନ୍ତି ଦିଲ୍ଲୀପ ଚୌଧୁରୀ । ଗୀତ ରଚନାରେ ଡ. ନିର୍ମଳ ନାୟକ ଓ ବାବୁ ଗୋସ୍ୱାମୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ । ସିନେମାର ବିଭିନ୍ନ ଚରିତ୍ରରେ ସିଦ୍ଧାନ୍ତ ମହାପାତ୍ର, ଉଷସୀ ମିଶ୍ର, ସୂର୍ଯ୍ୟମୟୀ, କେକେ, ଏଲି, ତୃପ୍ତି ପ୍ରମୁଖ ଅନ୍ୟାନ୍ୟ କଳାକାର ଅଛନ୍ତି । ଏହି ବର୍ଷ ସିନେମାଟି ପ୍ରେକ୍ଷାଳୟକୁ ଆସିବ । ଏହାର କାହାଣୀ ସମ୍ପୂର୍ଣ୍ଣ ଭିନ୍ନଧରଣର ହୋଇଥିବାରୁ ଦର୍ଶକଙ୍କ ମନକୁ ଛୁଇଁବା ଆଶା କରାଯାଉଛି । ■

# ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଗ୍ରାଣ୍ଡ ଫିନାଲେ



ଜୀ ସାର୍ଥକରେ ଓଡ଼ିଶାର ସବୁଠାରୁ ବଡ଼ ଡ୍ୟାନ୍ସ ରିଆଲିଟି ଶୋ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ନୂତନ ସିଜିନ ସଫଳତାର ସହ ଗ୍ରାଣ୍ଡ ଫିନାଲେରେ ପହଞ୍ଚିଛି । ଆଜି ସନ୍ଧ୍ୟା ୬ଟା ୩୦ରେ ଏହାର ଗ୍ରାଣ୍ଡ ଫିନାଲେ ପ୍ରସାରିତ ହେବ । ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରେଟିମାନେ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ି ହୋଇଥିଲେ । ଟିମ୍ ରଙ୍ଗବତୀ ୨.୦ ଓ ଲଚକମଣି ୨.୦ ଟିମ୍ ନିଜର ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଡ୍ୟାନ୍ସ ମାଧ୍ୟମରେ ଦର୍ଶକଙ୍କ ମନ ଜିତିଛନ୍ତି । କେବଳ ଡ୍ୟାନ୍ସ ନୁହେଁ, ଏଥରର ବିଶେଷ ଆକର୍ଷଣ ଭାବରେ ନିଜ କଣ୍ଠର ଯାଦୁରେ ଝୁମାଇବେ ସତ୍ୟଜିତ, ସ୍ୱୟଂ ପାଢ଼ୀ, ବିଷ୍ଣୁମୋହନ ଓ ତାରିକ ଅଜିଜ୍ ପ୍ରମୁଖ ଓଡ଼ିଶାର ଲୋକପ୍ରିୟ ଗାୟକମାନେ । ବିଚାରକ ପ୍ୟାନେଲର ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ରଙ୍କ ପ୍ରଦର୍ଶନ ମଧ୍ୟ ସମ୍ପୂର୍ଣ୍ଣ ବିଶେଷ ଓ ଉଚ୍ଚକୋଟୀର ହେବ ବୋଲି ଟିମ୍ କହିଛି । ସେଲିବ୍ରେଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତୈସା ଓ ମାନସୀ ପ୍ରତ୍ୟେକ ଅଧ୍ୟାୟରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ ଯୋଡ଼ିମାନଙ୍କ ସହ ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିଥିଲେ ଏକ ନିଆରା ଅନୁଭୂତି । ତେଣୁ ଏହି ଡ୍ୟାନ୍ସ ରିଆଲିଟି ଶୋ'ର ଗ୍ରାଣ୍ଡ ଫିନାଲେ ବି ଆହୁରି ଦମ୍‌ଦାର୍ ଓ ରୋମାଞ୍ଚକର ହେବ । ■

# ନିରବୀ ଗଲା କାବୁଲି ରଥଙ୍କ ଗିଟାର୍‌ର ସ୍ୱର

ସଙ୍ଗୀତ ଜଗତ ହରାଇଛି ଆଉ ଜଣେ ପ୍ରତିଭାଙ୍କୁ । ସୁପ୍ରସିଦ୍ଧ ଗିଟାର୍ ବାଦକ ସ୍ୱର୍ଗତ ଦେବାଂଶୁ (କାବୁଲି) ରଥଙ୍କ ବିୟୋଗ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । କାବୁଲି ରଥ ଜଣେ ଅସାଧାରଣ ପ୍ରତିଭାଶାଳୀ ସଙ୍ଗୀତଜ୍ଞ ଥିଲେ । ସେ ଭାରତୀୟ ସଙ୍ଗୀତରେ ଗିଟାର୍‌ର ନୂତନ ରୂପକୁ ପରିଚୟ କରାଇବା ସହ ଏହାକୁ ଆଧୁନିକ ସଙ୍ଗୀତ ସହିତ ସୁନ୍ଦର ଭାବେ ମିଶାଇଥିଲେ । ଏହା ଛଡ଼ା ସେ ବଲିଉଡ୍, ଓଲିଉଡ୍, ଚେନ୍ନାଇ ଏବଂ ହାଇଦ୍ରାବାଦରେ ଅନେକ ସଙ୍ଗୀତ ନିର୍ଦ୍ଦେଶକ ଓ ସଙ୍ଗୀତ ପ୍ରକଳ୍ପରେ ନିଜର ଗିଟାର୍ ଦକ୍ଷତା ପ୍ରଦର୍ଶନ କରିଥିଲେ । ତାଙ୍କ ସଙ୍ଗୀତ ସୃଜନଶୀଳତା ଓ ଗିଟାର୍ ଶୈଳୀ ତାଙ୍କୁ ଏକ ବିଶେଷ ପରିଚୟ ଦେଇଛି । ନିଜ ଗିଟାର୍ ମାଧ୍ୟମରେ ଦେଶ ବିଦେଶରେ ଦୀର୍ଘ ୪୦ ବର୍ଷ ଧରି ଭାରତୀୟ ସିନେମା ସଂଗୀତରେ ସୁଖ୍ୟାତି ଆଣିଥିଲେ ।

କାବୁଲି ରଥ ହେଉଛନ୍ତି ଶ୍ରୀକ୍ଷେତ୍ର ପୁରୀର ବିଖ୍ୟାତ ପଖାଓ୍ୱଜ ବାଦକ ପଣ୍ଡିତ କ୍ଷେତ୍ରମୋହନ କରଙ୍କ ନାତି । ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର ଏବଂ ତବଲା ବାଦକ ଉମେଶ କରଙ୍କ ସେ ଭଣଜା । ବାପା ଗଙ୍ଗାଧର ରଥ ପ୍ରଶାସନିକ ସେବାରେ ଥିବାବେଳେ ମାଆ ପ୍ରଭାବତୀ ରଥ ଥିଲେ ଅଲ୍ ଇଣ୍ଡିଆ ରେଡ଼ିଓର ଶାସ୍ତ୍ରୀୟ କଣ୍ଠଶିଳ୍ପୀ । ସେମାନେ ପାଞ୍ଚ ଭାଇ ଏବଂ ଗୋଟିଏ ଭଉଣୀ । ସାନ ଭାଇ ଗୁଡ୍ଡୁଲୀ ରଥ ଓଡ଼ିଶାର ଜଣେ ସୁପ୍ରସିଦ୍ଧ ସଂଗୀତ ନର୍ଦ୍ଦେଶକ । କାବୁଲି ମାଡ୍ରାସରେ ନିଜର ସଂଗୀତ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ପୁରୀର ତରୁଣ କୁମାର ମିଶ୍ରଙ୍କ ସୁପୁତ୍ରୀ ଶିଳ୍ପୀ ସୁଜାତାଙ୍କ ସହିତ ବିବାହ ପରେ ପ୍ରାୟତଃ ମାଡ୍ରାସ (ଏବେ ଚେନ୍ନାଇ )ରେ ଘର କରି ରହିଗଲେ । ସେ ବିଭିନ୍ନ ଭାଷାରେ ଏ.ଆର୍. ରହମାନଙ୍କର ପ୍ରାୟ ୮୦ ଭାଗ ଚଳଚ୍ଚିତ୍ରରେ ଲିଡ୍ ଗିଟାରିଷ୍ଟ ଭାବେ କାମ କରିଥିଲେ । ସେହିପରି ପ୍ରାୟ ଚାଳିଶରୁ ଅଧିକ ଓଡ଼ିଆ ସିନେମାରେ ପ୍ରଚ୍ଛଦପଟ ସଂଗୀତ ନିର୍ଦ୍ଦେଶକ ଭାବେ କାମ କରିଛନ୍ତି । ମାର୍ଚ୍ଚ ୨୧ ତାରିଖରେ ସେ ଚେନାଇ ସ୍ଥିତ ନିଜ ଘରେ ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନରେ ଗିଟାର ଶିଖାଉଥିଲେ । ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସଙ୍ଗୀତ ପ୍ରତି ତାଙ୍କର ଅପାର ଭଲପାଇବା ଓ ନିଷ୍ଠା ତାଙ୍କୁ ସବୁବେଳେ ସ୍ମରଣୀୟ କରି ରଖିବ । ■



# ବାହା ହେଲେ କରଣ-ତେଜସ୍ୱୀ



ଟିଭିର ଲୋକପ୍ରିୟ ଅଭିନେତା କରଣ କୁନ୍ଦ୍ରା ଏବଂ ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି । କୁହାଯାଉଛି, ଦୁହେଁ କୁଆଡ଼େ ଗୋପନରେ ବିବାହ କରିଛନ୍ତି । ଦୁହିଁଙ୍କ ସାକ୍ଷାତ 'ବିଗ୍ ବସ୍-୧୫'ରେ ହୋଇଥିଲା । ଦୁହେଁ ପାଖାପାଖି ୫ ବର୍ଷ ଏକାଠି ରହିବା ପରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଏବେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ବିବାହକୁ ନେଇ ଚର୍ଚ୍ଚା ହେଉଛି । ଏକ ଭାଇରାଲ୍ ପୋଷ୍ଟରେ ଦାବି କରାଯାଉଛି ଯେ, ଦୁହେଁ ସାତ ଜନମର ସାଥୀ ହୋଇଛନ୍ତି । ପରିବାର ଲୋକଙ୍କ ଉପସ୍ଥିତିରେ ଦୁହେଁ ବିବାହ କରିଥିବା କୁହାଯାଉଛି । ସେହିପରି କରଣ ଏବଂ ତେଜସ୍ୱୀ ନିଜ ବିବାହକୁ ନେଇ ଏ ଯାଏଁ କିଛି କହି ନାହାନ୍ତି । ଅନ୍ୟପଟେ ଏ ଦୁହିଁଙ୍କୁ 'ଲାଫ୍‌ଟର୍ ଶୋ'ରେ ଦେଖିବାକୁ ମିଳୁଛି । ■

# "ଦୀର୍ଘଦିନ ପରେ ପରଦାକୁ ଫେରିବାର ମଜା ନିଆରା"

**ମାନବ ରାଉତରାୟ, ଅଭିନେତା**

ସେ ଜଣେ ସଫ୍ଟୱେର୍ ଇଞ୍ଜିନିୟର । ଚାକିରି କରୁଥିଲେ । ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା । ଚାକିରି କରିବା ସମୟରେ ତାଙ୍କର ଅଭିନୟ ପ୍ରତି ଦୁର୍ବଳତା ଆସିଲା । 'ଶତାବ୍ଦୀ କଳାକାର'ରେ ଅଭିନୟ ପାଇଁ ତାଲିମ ନେଇଛନ୍ତି । 'ରଙ୍ଗଭୂମି' ପକ୍ଷରୁ ଏକାଧିକ ମଞ୍ଚନାଟକରେ ସେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି । ଧାରାବାହିକ, ଟେଲି ଫିଲ୍ମ ହେଉ କି କ୍ଷୁଦ୍ର ଚଳଚ୍ଚିତ୍ରରେ ସେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି । ଅନେକ ପ୍ରୋଜେକ୍ଟରେ କାମ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକ୍ ହରିପୁର ଗାଁ'ର ମାନବ ରାଉତରାୟ । ତେବେ କୌଣସି କାରଣବଶତଃ ମାନବ ଅଭିନୟ ଜଗତରୁ ଚାରିବର୍ଷ ଦୂରେଇ ଯାଇଥିଲେ । ଏବେ ସେ 'ସୁନୟନା' ଧାରାବାହିକ ଜରିଆରେ ପୁଣି ପରଦାକୁ ଫେରିଛନ୍ତି । ତେବେ ଦୀର୍ଘଦିନର ବ୍ୟବଧାନ ପରେ ପୁଣି ଦର୍ଶକଙ୍କ ସାମ୍ନାକୁ ଆସିବାରେ ସେ କେତେ ଉତ୍ସାହିତ ରହିଛନ୍ତି ଜାଣିବା ତାଙ୍କ ମୁହଁରୁ ।



**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ପେସାରେ ମୁଁ ଜଣେ ସଫ୍ଟୱେର୍ ଇଞ୍ଜିନିୟର୍ । ଚାକିରି ଜୀବନରେ ମଞ୍ଚରେ ଅଭିନୟ କରିବାକୁ ମୋତେ ଏକ ସୁଯୋଗ ମିଳିଥିଲା । ସେହି ସୁଯୋଗକୁ ଉପଯୋଗ କରି ମୁଁ 'ଶତାବ୍ଦୀ କଳାକାର'ରେ ତାଲିମ ନେଲି । 'ରଙ୍ଗଭୂମି' ପକ୍ଷରୁ ଏକାଧିକ ନାଟକରେ ଅଭିନୟ କରୁଥିଲି । ତା' ସହ ଏକାଧିକ ଅଡିସନ୍ ଦେଇଥିଲି । ଅଡିସନ୍‌ରେ ମନୋନୀତ ହୋଇ 'ଦୁର୍ଗା' ଧାରାବାହିକରେ ପ୍ରଥମେ ଅଭିନୟ ଆରମ୍ଭ କରିଥିଲି । ଏହା ପରେ 'ସାବିତ୍ରୀ', 'ମଙ୍ଗଳାଚରଣ', 'ଗୌରୀ' ଆଦି ଧାରାବାହିକରେ କାମ କରିଛି ।

**ମଞ୍ଚରେ କାମ କରିବା ପରେ ଧାରାବାହିକରେ ଅଭିନୟ କରିବାକୁ ସହଜ ଲାଗେ କି?**

● ନିଶ୍ଚୟ । ମଞ୍ଚ ଏମିତି ଏକ ପ୍ଲାଟଫର୍ମ, ଯେଉଁଠି ଜଣେ କଳାକାର ସବୁକିଛି ଶିଖିଥାଏ । ଏଠାରୁ ଅଭିନୟ କରି ଧାରାବାହିକକୁ ଫେରିଲେ ସମସ୍ତ ଚରିତ୍ରରେ ଅଭିନୟ କରିବାକୁ ସହଜ ହୁଏ । ତେଣୁ ଗୋଟେ କଥା କହିବି, ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର । କାରଣ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖେ । ଆଜି ବି ମୁଁ ପ୍ରତିଦିନ ଭଏସ୍ ଏକ୍ସରସାଇଜ୍ କରୁଛି । ଅନ୍ୟ କଳାକାରଙ୍କଠାରୁ ସେମାନଙ୍କ ଅଭିନୟ ଶୈଳୀକୁ ଅଭ୍ୟାସ କରେ ।

**ଦୀର୍ଘ ବର୍ଷ ପରଦାରୁ ଦୂରେଇ ଯାଇଥିଲେ ଏହାର କାରଣ କ'ଣ ଥିଲା?**

● ଦୁର୍ଭାଗ୍ୟବଶତଃ ଏକ ଦୁର୍ଘଟଣା ଯୋଗୁଁ ମୋର ଶାରୀରିକ ସ୍ଥିତି ଠିକ୍ ନଥିଲା । ଗୁରୁତର ଆହତରୁ ସୁସ୍ଥ ହେବାକୁ ମୋତେ ଦୀର୍ଘ ସମୟ ଲାଗିଯାଇଥିଲା । ମୁଁ ଯେ ଆଉ କେବେ ଅଭିନୟ କରିପାରିବି ଭାବିପାରିନଥିଲି । ହେଲେ ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ମୁଁ ସୁସ୍ଥ ହେଲି ଆଉ କାମ କରିବାକୁ ସୁଯୋଗ ମିଳିଲା । 'ବୋହୂ ଆମର ରଜନୀକାନ୍ତ' ଟେଲି ଫିଲ୍ମ ପରେ ଏବେ 'ସୁନୟନା' ଧାରାବାହିକରେ ପୁନଶ୍ଚ କାମ ଆରମ୍ଭ କରିଛି । ଏଥିରେ ମୁଁ ଆଣ୍ଟି ହିରୋ ଭୂମିକାରେ ଦର୍ଶକଙ୍କ ଭଲପାଇବା ମଧ୍ୟ ପାଉଛି । ଦୀର୍ଘଦିନ ପରେ ପରଦାକୁ ଫେରିବାର ମଜା ନିଆରା ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ମୋତେ ବିଭିନ୍ନ ପ୍ରକାର ରୋଷେଇ କରିବାକୁ ଭଲ ଲାଗେ । ସିନେମା ଦେଖେ, ନାଚିବାକୁ ଭଲ ପାଏ ।

**ବଡ଼ ପରଦାରେ କାମ କରିବାକୁ ଇଚ୍ଛା ଅଛି?**

● ୨୦୨୨ ମସିହାରେ ପ୍ରକୃତି ମିଶ୍ର, ଅଭିଷେକ ଗିରିଙ୍କ ସହିତ ମୁଁ ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଆଧାରିତ ସିନେମାରେ ଅଭିନୟ କରିଥିଲି । ହେଲେ ଦୁର୍ଭାଗ୍ୟବଶତଃ ସେହି ସିନେମା ଏଯାବତ୍ ରିଲିଜ୍ ହୋଇପାରିନି । ନୀଳ ମାଧବ ପଣ୍ଡାଙ୍କ 'ବନ୍ଧି ଜଗବନ୍ଧୁ' କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିବାକୁ ମୋତେ ସୁଯୋଗ ମିଳିଛି । ଆଗକୁ ମଧ୍ୟ ସୁଯୋଗ ମିଳିଲେ କାମ କରିବି ।

**ଡ୍ରିମ୍ ରୋଲ୍?**

● ଡ୍ରିମ୍ ରୋଲ୍ ବହୁତ ଅଛି । ତେବେ ନୂଆ ନୂଆ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି ।

**ଅଭିନୟରେ ରୁଚି ରଖିଥିବା ଯୁବକଯୁବତୀଙ୍କୁ କ'ଣ କହିବେ?**

● ବର୍ତ୍ତମାନ ଅଡିସନ୍ ପ୍ରକ୍ରିୟା ବହୁତ ସହଜ ହୋଇଯାଇଛି । ପିଲାମାନେ ଗୋଟିଏ ଭିଡିଓ ଜରିଆରେ ଚୟନ ହୋଇ ଏଲାଇନ୍‌କୁ ଆସୁଛନ୍ତି । ଫଳରେ ଏଲାଇନ୍‌କୁ ସେ ସହଜରେ ସିନା ପ୍ରବେଶ କରୁଛନ୍ତି ହେଲେ ପରିଶ୍ରମ କରିବାକୁ ସେମାନଙ୍କ ସମସ୍ୟା ହେଉଛି । ଅଭିନୟ କରିବାରେ ସେମାନେ କେଉଁଠି ନା କେଉଁଠି ପଛରେ ରହୁଛନ୍ତି । ତେଣୁ ଅଭିନୟ କରିବାକୁ କିଛି ଜ୍ଞାନ ନେଇ ଆସନ୍ତୁ । ■

**ପରଦା ପଛର କାହାଣୀ**

# ସଙ୍ଗୀତ ପାଇଁ ଦେଶବ୍ୟାପୀ ଅନେକ ଗିରଫ

ସଙ୍ଗୀତ ବିନା ଫିଲ୍ମ ଅଧୁରା । ସଙ୍ଗୀତ ହିଁ ଫିଲ୍ମକୁ ଅଧିକ ହୃଦୟସ୍ପର୍ଶୀ କରାଇଥାଏ । ଏହା ଦର୍ଶକଙ୍କ ମନୋରଞ୍ଜନ ସହିତ ଫିଲ୍ମକୁ ଆକର୍ଷଣୀୟ କରିଥାଏ । ୧୯୮୯ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ତ୍ରିଦେବ' । ଏହି ଫିଲ୍ମରେ ଏକ ସୁପରହିଟ୍ ଗୀତ ଥିଲା । ଯାହା ଖୁବ୍ ଲୋକପ୍ରିୟତା ସାଉଁଟିଥିଲା । ୬ ମିନିଟ ୯ ସେକେଣ୍ଡର 'ଓୟେ ଓୟେ...' ଗୀତଟି ସେତେବେଳେ ସୁପରହିଟ୍ ହୋଇଥିଲା । ଚାର୍ଟବଷ୍ଟରରେ ନମ୍ବର ୱାନ୍ ସଙ୍ଗୀତ ଥିଲା । ନିକଟରେ ଫିଲ୍ମ ନିର୍ଦ୍ଦେଶକ ରାଜୀବ ରାୟ ଏହି ଗୀତ ସହ ଜଡ଼ିତ ଏକ ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହି ଗୀତ ପାଇଁ ଦେଶବ୍ୟାପୀ ଅନେକ ଲୋକ ଗିରଫ ହୋଇଥିବା କଥା ସେ କହିଛନ୍ତି । ତାଙ୍କ କହିବାନୁଯାୟୀ, ଏହି ସଙ୍ଗୀତକୁ ନେଇ କୌଣସି ସରକାରୀ ନିଷେଧ ଜାରି କରାଯାଇ ନ ଥିଲା, ତଥାପି ଏହା ଏକ ବଦନାମ୍ ସଙ୍ଗୀତ ଭାବେ ପରିଚିତ ଥିଲା । କାରଣ କିଛି ଲୋକେ ଅପମାନ ଦେବା ଉଦ୍ଦେଶ୍ୟରେ ଏହି ଗୀତକୁ ଗାଉଥିଲେ । ଫଳରେ ଦେଶବ୍ୟାପୀ ଅନେକ ଲୋକଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା । ଏହି ସୁପରହିଟ୍ ଗୀତଟି ଆମେରିକୀୟ ପପ୍ ସିଙ୍ଗର୍ ଗ୍ଲୋରିୟା ଏଷ୍ଟେଫାନ୍‌ଙ୍କ ଅନ୍ତଃରାଷ୍ଟ୍ରୀୟ ହିଟ୍ ସଙ୍ଗୀତ' ରିଦମ୍ ଇଜ୍ ଗୋନା ଗେଟ୍ ୟୁ'ରୁ ଅନୁପ୍ରାଣିତ ହୋଇ ତିଆରି କରାଯାଇଥିଲା । ଏହାକୁ ସୁପ୍ରସିଦ୍ଧ ଯୋଡ଼ି କଲ୍ୟାଣଜୀ-ଆନନ୍ଦଜୀ ପୁନଃସଙ୍ଗୀତରେ ସଜାଇଥିଲେ । ଏହି ଗୀତରେ କବିତା କୃଷ୍ଣମୂର୍ତ୍ତି ଏବଂ ସୁରେଶ ୱାଡକର କଣ୍ଠଦାନ କରିଥିଲେ । ଗୀତ ଏତେ ଲୋକପ୍ରିୟ ହୋଇଥିଲା ଯେ ପ୍ରତି ଗଳି କନ୍ଦିରେ ଗୁଞ୍ଜରିତ ହେଉଥିଲା । ଏହି ଫିଲ୍ମରେ ସାରୁଦ୍ଦିନ୍ ଶାହ, ସନ୍ନି ଦେଓ୍ୱଲ, ଜ୍ୟାକି ଶ୍ରଫ୍, ମାଧୁରୀ ଦୀକ୍ଷିତ, ଅନୁପମ୍ ଖେର, ଅମରୀଶ ପୁରୀ ପ୍ରମୁଖ ପ୍ରଖ୍ୟାତ ଅଭିନେତାଅଭିନେତ୍ରୀ ଅଭିନୟ କରିଥିଲେ । 'ତ୍ରିଦେବ' ଫିଲ୍ମକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଥିଲେ । ଏହି ଫିଲ୍ମ ତିନୋଟି ଫିଲ୍ମଫେୟାର୍ ଆୱାର୍ଡ ପାଇଥିଲା । ■



ସକାଳ
THE SAKALA
www.sakalaepaper.com

ଡଫିଙ୍କ ଘାତକ ବୋଲିଂ; କୋହଲି-ପାଡିକଲଙ୍କ ଅର୍ଦ୍ଧଶତକ

# ଦମ୍‌ଦାର ବିଜୟରୁ ଆର୍‌ସିବିର ଅଭିଯାନ

ବେଙ୍ଗାଲୁରୁ,୨୮ ।୩(ଏଜେନ୍ସି): ଫାଷ୍ଟ ବୋଲର ଜ୍ୟାକବ ଡଫି (୩/୨୨)ଙ୍କ ଦମ୍‌ଦାର ବୋଲିଂ, ବିରାଟ କୋହଲି (ଅପରାଜିତ ୬୯) ଓ ଦେବଦତ୍ତ ପାଡିକଲ (୬୧)ଙ୍କ ଅର୍ଦ୍ଧଶତକ ସହାୟତାରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍-୧୯ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶନିବାର ସନ୍‌ରାଇଜର୍ସ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌କୁ ଆର୍‌ସିବି ୬ ୱିକେଟରେ ଜିତିନେଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୦୧ ରନ୍ କରିଥିଲା। ଜବାବରେ ଆର୍‌ସିବି ୨୬ଟି ବଲ ଓ ୬ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା। ଏହି ବିଜୟ ଫଳରେ ଆର୍‌ସିବିକୁ ପୂରା ୨ ପଏଣ୍ଟ ମିଳିଛି। ଦଳ ତାହାର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନଇ ସୁପର କିଙ୍ଗ୍‌ସକୁ ଏଠାରେ ଏପ୍ରିଲ ୫ରେ ଭେଟିବ। ସେହିପରି ସନ୍‌ରାଇଜର୍ସ ପରବର୍ତ୍ତୀ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ଇଡେନ ଗାର୍ଡେନ୍ସରେ ଏପ୍ରିଲ ୨ରେ ଭେଟିବ। ଡଫିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।





ଇଶାନ କିଶାନଙ୍କ ବିସ୍ଫୋରକ ୩୮ ବଲ୍‌ରେ ୮୦ ରନ୍ ଓ ଅନିକେତ ବର୍ମାଙ୍କ ୧୮ ବଲ୍‌ରୁ ୪୩ ରନ୍ ସହାୟତାରେ ସନ୍‌ରାଇଜର୍ସ ଘରୋଇ ଆରସିବି ଆଗରେ ୨୦୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ୯ରନ୍‌ରେ ଦଳ ଓପନର ଫିଲ ସଲ୍ଟଙ୍କ ୱିକେଟ ହରାଇଥିଲା। ଏହା ପରେ ବିରାଟ କୋହଲି ଇନିଂସକୁ ନିୟନ୍ତ୍ରଣ କରିଥିଲେ। ଦ୍ୱିତୀୟ ୱିକେଟରେ ଦେବଦତ୍ତ ପାଡିକଲଙ୍କ ସହ ୪୫ ବଲ୍‌ରୁ ୧୦୧ ଓ ତୃତୀୟ ୱିକେଟରେ ଅଧିନାୟକ ରଜତ ପାଟିଦାରଙ୍କ ସହ ୨୨ ବଲ୍‌ରୁ ୫୩ ଓ ଅବିଭକ୍ତ ୫ମ ୱିକେଟରେ ଟିମ୍ ଡେଭିଡ୍‌ଙ୍କ ସହ ୧୯ ବଲ୍‌ରୁ ୪୦ ରନ୍ ଉଠାଇ ସେ ଦଳକୁ ବିଜୟୀ କରାଇଥିଲେ। ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିବା କୋହଲି ୩୮ ବଲ୍ ଖେଳି ୫ଟି ଲେଖାଏଁ ଚୌକା ଓ ଛକା ସହ ୬୯ ରନ୍ କରିଥିଲେ। ଦ୍ରୁତ ରନ୍ ସଂଗ୍ରହ କରିଥିବା ପାଡିକଲ ମାତ୍ର ୨୬ବଲ୍‌ରୁ ୭ ଚୌକା ଓ ୪ଛକା ସହ ୬୧, ପାଟିଦାର ୧୨ବଲ୍‌ରୁ ୩୧ ଓ ଡେଭିଡ୍ ୧୦ବଲ୍‌ରୁ ଅପରାଜିତ ୧୬ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବଦଳ ବୋଲର ଡେଭିଡ ପେନ୍ ୨ଟି ୱିକେଟ ପାଇଥିଲେ।

ପୂର୍ବରୁ ବେଙ୍ଗାଲୁରୁ ଅଧିନାୟକ ରଜତ ପାଟିଦାର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଇଶାନଙ୍କ ନେତୃତ୍ୱରେ ପ୍ରଥମଥର ଖେଳୁଥିବା ସନ୍‌ରାଇଜର୍ସ ପ୍ରତିପକ୍ଷ ଜ୍ୟାକବ ଡଫିଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୨୯ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଏହି ୩ଟି ଯାକ ୱିକେଟ ଡଫିଙ୍କୁ ମିଳିଥିଲା। ୨୯ ରନ୍‌ରେ ୩ଟି ୱିକେଟ ହରାଇବା ପରେ ଇଶାନ କିଶାନ ଓ ହେନ୍‌ରିକ୍ କ୍ଲାସେନ୍ ଧୈର୍ଯ୍ୟର ସହ ବ୍ୟାଟିଂ କରି ଚତୁର୍ଥ ୱିକେଟରେ ୫୩ ବଲ୍‌ରୁ ୯୭ ରନ୍ ଉଠାଇବା ଫଳରେ ଦଳ ବିପଦରୁ ରକ୍ଷା ପାଇଥିଲା। ୨୨ ବଲ୍‌ରେ ୩୧ ରନ୍ କରିଥିବା କ୍ଲାସେନଙ୍କୁ ଆଉଟ କରି ସେଫର୍ଡ ଏହି ଯୋଡି ଭାଙ୍ଗିଦେବା ପରେ ଦଳ କ୍ରମାଗତ ୱିକେଟ ହରାଇଥିଲା। କ୍ଲାସେନଙ୍କ ପରେ ସଲିଲ ଅରୋରା ୯, ହର୍ଷ ଦୁବେ ୩ ଓ ଇଶାନ ୮୦ ରନ୍ କରି ଆଉଟ ହୋଇଥିଲେ। ଇଶାନ ୩୮ ବଲ୍‌ରୁ ୮ ଚୌକା ଓ ୫ ଛକା ସହ ୮୦ ରନ୍ କରିଥିଲେ। ଗୋଟିଏ ପଟେ ନିୟମିତ ୱିକେଟ ପଡୁଥିଲେ ମଧ୍ୟ ଅନିକେତ ବର୍ମା ୧୮ ବଲ୍‌ରେ ୩ ଚୌକା ଓ ୪ ଛକା ବଳରେ ୪୩ ରନ୍ କରିବା ଫଳରେ ସନ୍‌ରାଇଜର୍ସ ୨୦୦ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ଡଫି ସୁନ୍ଦର ବୋଲିଂ କରିଥିଲେ। ସେ ୪ ଓଭରରେ ୨୨ ରନ୍ ଦେଇ ପ୍ରଥମ ୩ଟି ୱିକେଟ ପାଇଥିଲେ। ରୋମାରିଓ ସେଫର୍ଡ ପରେ ସୁଯୋଗର ଫାଇଦା ଉଠାଇ ୩ଜଣଙ୍କୁ ଆଉଟ କରିଥିଲେ।

| | |
|---|---|
| ଆଜିର ଆଇପିଏଲ୍ ମ୍ୟାଚ୍ | |
| ମୁମ୍ବାଇ ବନାମ କୋଲକାତା | |
| ଭେନ୍ୟୁ : ୱାଙ୍ଖଡେ ଷ୍ଟାଡିୟମ୍ | |
| ଖେଳ ଆରମ୍ଭ : | ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | |

## ଲାଲୁ, ଜୟରାମଙ୍କୁ ବିଶ୍ୱଯୋଗ୍ୟତା

ଭୁବନେଶ୍ୱର, ୨୮ ।୩ (ସମିସ): ଚଣ୍ଡିଗଡ଼ରେ ଅନୁଷ୍ଠିତ ଓପନ୍ ରିଲେ ପ୍ରତିଯୋଗିତାରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଛି। ଭାରତର ମୋଟ୍ ୬ ରିଲେ ଦଳରୁ ୪ଟି ଆଗାମୀ ବିଶ୍ୱ ରିଲେକୁ ଯୋଗ୍ୟତା ଅର୍ଜନ କରିଛି। ପୁରୁଷ ୪ ଗୁଣା ୪୦୦ ମିଟର, ମିକ୍ସଡ ୪ ଗୁଣା ୪୦୦ ମିଟର ଏବଂ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେରେ ଭାରତର ଉଭୟ ଏ ଓ ବି'ଦଳ ବିଶ୍ୱ ରିଲେ ଇଭେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ୪ ଗୁଣା ୧୦୦ ମିଟର ରିଲେ ରେସରେ ଯୋଗ୍ୟତା ଅର୍ଜନ କରିଥିବା ଭାରତ-ବି' ଦଳରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ଓ ଦଣ୍ଡପତି ଜୟରାମ ସଦସ୍ୟ ରହିଥିଲେ। ତେବେ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସରେ ଭାରତୀୟ ଦଳ ଅଯୋଗ୍ୟ ହୋଇଥିଲା। ଏହି ଦଳରେ ଓଡ଼ିଶାର ତାରକା ଧାବକ ଅନିମେଷ କୁଜୁର ରହିଥିଲେ।

ଜାତୀୟ ସିନିଅର ଶକ୍ତିଉତ୍ତୋଳନ

## ରେକର୍ଡ ସହ ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୮ ।୩ (ସମିସ): କର୍ଣ୍ଣାଟକର ମାଙ୍ଗାଲୋରଠାରେ ଶେଷ ହୋଇଥିବା ଜାତୀୟ ସିନିଅର କ୍ଲାସିକ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଦଳ ୨ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ରହିଛି। ମହିଳା ୮୪ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗରେ ଆକାଂକ୍ଷା ପରିଡ଼ା ମୋଟ୍ ୪୭୮.୫ କିଗ୍ରା ଭାର ଉଠାଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଅବସରରେ ସେ ସ୍କ୍ୱାଟରେ ୨୧୧ କିଗ୍ରା ଭାର ଉଠାଇ ଉଭୟ ଜୁନିଅର ଓ ସିନିଅର ବିଭାଗରେ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ସେହିଭଳି ଆକାଂକ୍ଷା ବେଞ୍ଚପ୍ରେସରେ ୯୫ କିଗ୍ରା ଓ ଡେଡ୍ ଲିଫ୍ଟରେ ୧୭୨.୫ କିଗ୍ରା ଉଠାଇଥିଲେ। ଅପରପକ୍ଷରେ ମହିଳା ୮୪ କିଗ୍ରା ବିଭାଗରେ ରାଜସ୍ମିତା ସାହୁ ସ୍କ୍ୱାଟରେ ୧୭୫ କିଗ୍ରା, ବେଞ୍ଚରେ ୮୨.୫ ଓ ଡେଡ୍‌ଲିଫ୍ଟରେ ୧୯୭ କିଗ୍ରା ସହ ମୋଟ୍ ମୋଟ୍ ୪୨୫ କିଗ୍ରା ଉଠାଇ ଓଭରଅଲ୍ କାଂସ୍ୟ ପଦକ ହାସଲ କରିଥିଲେ। ଏହାବ୍ୟତୀତ ଓଡ଼ିଶା ପ୍ରତିଯୋଗୀମାନେ ଇଣ୍ଡିଭିଜୁଆଲ୍ ଲିଫ୍ଟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ଲାଭ କରିଛନ୍ତି। ଏହି ସଫଳତା ଲାଗି ରାଜ୍ୟ ପାୱାରଲିଫ୍ଟିଂ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ନିରଞ୍ଜନ ବେବର୍ତ୍ତା କୋଚ୍ ଭାବେ ଓଡ଼ିଶା ଦଳ ସହ ମାଙ୍ଗାଲୋର ଯାତ୍ରା କରିଥିଲେ।



## ଓସିଏ କ୍ଲବ୍ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟ୍‌ସ, ଷ୍ଟାର୍ ବିଜୟୀ

ଭୁବନେଶ୍ୱର, ୨୮ ।୩ (ସମିସ): ଓସିଏ କ୍ଲବ ଲିଗ୍‌ରେ ଶନିବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ୍‌ସ, ରାଇଜିଂ ଷ୍ଟାର୍, ଜୁଭେନାଇଲ ଓ ଓଜିପି ଦଳ ବିଜୟୀ ହୋଇଛି। ସନସାଇନ୍ ଗ୍ରାଉଣ୍ଡରେ ରାଇଜିଂ ଷ୍ଟୁଡେଣ୍ଟ୍‌ସ ୮ ୱିକେଟରେ ଟାଉନ କ୍ଲବକୁ, ବାରବାଟୀ ଷ୍ଟାଡିୟମରେ ଓଜିପି କ୍ଲବ ୨ ୱିକେଟରେ କିଶୋର କ୍ଲବକୁ, ରେଭେନସା ଗ୍ରାଉଣ୍ଡ-୧ରେ ଜୁଭେନାଇଲ୍ କ୍ଲବ ୬ ୱିକେଟରେ ମଙ୍ଗଳା କ୍ଲବକୁ ଏବଂ ଡ୍ରିମ୍ସ ଗ୍ରାଉଣ୍ଡରେ ରାଇଜିଂ ଷ୍ଟାର୍ ୩ ୱିକେଟରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି। ଷ୍ଟାର ଦଳର ୱାଲଟର ଟପ୍ପୋ (୪ ୱିକେଟ), ଜୁଭେନାଇଲର ପ୍ରିୟାଂଶୁ ମହାନ୍ତି (୪ ୱିକେଟ), ଓଜିପିର ପାନକଳ ଶଶାଙ୍କ (୪୫ ରନ) ଓ ରାଇଜିଂ ଷ୍ଟୁଡେଣ୍ଟ୍‌ସର ସୁମିତ କୁମାର (୨ ୱିକେଟ୍ ଓ ୪୩ ରନ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ସନ୍ଦୀପ ସ୍ମାରକୀ ଟେନିସ୍ ୧୩ରୁ




ଭୁବନେଶ୍ୱର, ୨୮ ।୩ (ସମିସ): ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ୍ ଟେନିସ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ଓଡ଼ିଶା ଟେନିସ ସଂଘର ମାନ୍ୟତାପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଲାଗି ଯୁବ ଅର୍ଥାତ୍ ୧୬ ବର୍ଷରୁ କମ୍ ବୟସବର୍ଗରେ ଖେଳାଯିବ। ଉଭୟ ବାଳକ ଓ ବାଳିକାବର୍ଗର ସିଙ୍ଗଲ୍ସ ଓ ଡବଲ୍‌ସ ଇଭେଣ୍ଟରେ ୫ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମେଣ୍ଢାଶାଳସ୍ଥିତ ଗୁରୁକୂଳ ରିସୋର୍ଟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏଥିରେ ବିଜୟୀ ଖେଳାଳିଙ୍କୁ ଆଇଟା ପଏଣ୍ଟ ମିଳିବ ବୋଲି ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମେଜର ସ୍ୱର୍ଗତ ସନ୍ଦୀପ ମହାପାତ୍ରଙ୍କ ପିତା ଜଗଦାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ଚେୟାରମ୍ୟାନ ପ୍ରତାପ କୁମାର ପ୍ରଧାନ, ସନ୍ଦୀପଙ୍କ ଭାଇ ସଞ୍ଜୀବ ମହାପାତ୍ର, ଭଉଣୀ ଅଲୈଖିକା ମହାପାତ୍ର ଓ ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ମେଜର ସନ୍ଦୀପ ୨୦୧୩ରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସେ ଭାରତୀୟ ସେନାରୁ ପ୍ରତିନିଧିତ୍ୱ କରି ଟେନିସରେ ଏକାଧିକ ଟ୍ରଫି ଜିତିଥିଲେ।

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

## ସନ୍ତରଣରେ ଓଡ଼ିଶା ଜିତିଲା ସମସ୍ତ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୮ ।୩ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାର ଚତୁର୍ଥ ଦିନରେ ଓଡ଼ିଶାର ପ୍ରତିଯୋଗୀମାନେ ସନ୍ତରଣରେ ସମସ୍ତ ୩ଟିଯାକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେମାନେ ହେଲେ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ ରିତିକା ମିଞ୍ଜ୍, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଅଞ୍ଜଳି ମୁଣ୍ଡା ଓ ୪ ଗୁଣା ୪୦୦ ମିଟର ମେଡଲେ ରିଲେ ଟିମ୍। ଦ୍ୱିତୀୟ ଦିନରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ଜିତିଥିବା ଅଞ୍ଜଳି ମୁଣ୍ଡା ଆଜିର ୨ଟି ସ୍ୱର୍ଣ୍ଣକୁ ମିଶାଇ ମୋଟ ୫ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୪ଟି ସ୍ୱର୍ଣ୍ଣ ବ୍ୟକ୍ତିଗତ ବିଭାଗରେ ମିଳିଛି। ୪ ଗୁଣା ୧୦୦ ମିଟର ମେଡ୍‌ଲେରେ ଅଞ୍ଜଳି ମୁଣ୍ଡା, ଅଞ୍ଜଳି ମଲ୍ଲିକ, ରିତିକା ମିଞ୍ଜ ଓ ରୂପାଲି ହେମ୍ବ୍ରମ୍ ଅଂଶଗ୍ରହଣ କରିଥିଲେ। ଆଜି ଖେଳାଯାଇଥିବା ଇଭେଣ୍ଟ ମଧ୍ୟରୁ ସନ୍ତରଣ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ କୃଷ୍ଣପ୍ରିୟା ନାୟକ ରୌପ୍ୟ, ପୁରୁଷ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରାଜେଶ ସୋରେନ୍ କାଂସ୍ୟ ଓ ମହିଳା ଭାରୋତ୍ତୋଳନ ୭୭ କିଲୋଗ୍ରାମ୍ କାଟାଗୋରୀରେ ୧୨୬ କେଜି ଓଜନ ଉଠାଇ ଶ୍ରୀମତୀ ଜାନି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।



ଏହି ପ୍ରତିଯୋଗିତାର ଚତୁର୍ଥ ଦିନ ଶେଷ ସୁଦ୍ଧା କର୍ଣ୍ଣାଟକ ୧୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ଟି କାଂସ୍ୟ ସହ ୨୪ଟି ପଦକ ଜିତି ପ୍ରଥମ ସ୍ଥାନରେ ରହିଛି। ଓଡ଼ିଶା ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ କାଂସ୍ୟ ସହ ୨୩ଟି ପଦକ ଜିତି ପଦକ ତାଲିକାର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ୪ ସ୍ୱର୍ଣ୍ଣ ସହ ଆସାମ ତୃତୀୟ ସ୍ଥାନରେ ରହିଛି।

## ବାଂଲାରେ ଆଇପିଏଲ୍ ପ୍ରସାରଣ ଉପରୁ ବାସନ୍ଦ ଉଠିଲା

ଢାକା, ୨୮ ।୩ (ଏଜେନ୍ସି): ବାଂଲାଦେଶର କ୍ରିକେଟ ସମର୍ଥକଙ୍କ ଦାବି ଆଗରେ ହାର ମାନିଛନ୍ତି ନୂଆ ସରକାର। ଆଜିଠାରୁ ଭାରତରେ ଆରମ୍ଭ ହେଉଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଉପରୁ ନୂଆ ସରକାର ବାସନ୍ଦ ଉଠାଇଦେଇଛନ୍ତି। ଏହା ଫଳରେ ବାଂଲାଦେଶରେ ଏବେ ଆଇପିଏଲ୍ ପ୍ରସାରଣ ଲାଗି କୌଣସି ପ୍ରତିବନ୍ଧକ ନାହିଁ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପନ ବାସନ୍ଦ ଆଦେଶ ପ୍ରତ୍ୟାହାର ଘୋଷଣା କରିବା ସହ ଷ୍ଟାର ସ୍ପୋର୍ଟ୍ସ କିମ୍ବା ଦେଶର ଅନ୍ୟ କୌଣସି ଚ୍ୟାନେଲ ଆଇପିଏଲ୍ ପ୍ରସାରଣ କରିବାକୁ ଚାହିଁଲେ ସରକାର ଅନୁମତି ଦେବେ ବୋଲି ସ୍ୱପନ କହିଛନ୍ତି। ସୂଚନାଯୋଗ୍ୟ ଆଇପିଏଲ୍‌ରୁ ବାଂଲା ଫାଷ୍ଟ ବୋଲର ମୁସ୍ତାଫିଜର ରହେମାନଙ୍କୁ ବାଦ୍ ଦିଆଯିବାରୁ ବାଂଲାରେ ଆଇପିଏଲ୍ ପ୍ରସାରଣକୁ ପୂର୍ବ ସରକାର ବାସନ୍ଦ କରିଥିଲେ।

## ଧୋନି ଆହତ; ଦୁଇ ସପ୍ତାହ ଖେଳିପାରିବେନି



ଚେନ୍ନଇ,୨୮ ।୩(ଏଜେନ୍ସି): ଆଇପିଏଲ୍‌ର ସଫଳ ଟିମ୍ ଚେନ୍ନଇ ସୁପର କିଙ୍ଗ୍‌ସ ଓ ଧୋନିଙ୍କ ସମର୍ଥକଙ୍କୁ ଲାଗିଛି ଶକ୍ତ ଝଟ୍‌କା। ଆଜିଠାରୁ ଆଇପିଏଲ୍ ଆରମ୍ଭ ହୋଇଥିଲାବେଳେ ଆଇକନିକ ଖେଳାଳି ଏମ୍‌ଏସ୍ ଧୋନି ଆଘାତ ଜନିତ କାରଣରୁ ଦୁଇ ସପ୍ତାହ ଖେଳିପାରିବେନି ବୋଲି ଶନିବାର ସିଏସ୍‌କେ ପକ୍ଷରୁ ଘୋଷଣା କରାଯାଇଛି। ଧୋନିଙ୍କ ନେତୃତ୍ୱରେ ଚେନ୍ନଇ ୫ଥର ଆଇପିଏଲ୍ ଟାଇଟଲ ବିଜୟୀ ହୋଇ ସଫଳ ଅଧିନାୟକ ଭାବେ ବିବେଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ସେ ଆହତ ହୋଇଥିଲେ। ଏବେ ଚେନ୍ନଇରେ ତାଙ୍କ ଚିକିତ୍ସା ଓ ପୁନର୍ବାସ ଚାଲିଛି। ୪୪ ବର୍ଷୀୟ ଧୋନି ୨୦୨୩ରେ ଆଣ୍ଠୁରେ ଅସ୍ତ୍ରୋପଚାର କରିବା ପରେ ପୂରା ଫିଟ୍ ହୋଇପାରୁ ନାହାନ୍ତି। ଏହା ସତ୍ତ୍ୱେ ସେ ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ନୂଆ ଆଘାତ ସମସ୍ୟା ତାଙ୍କୁ ଲକ୍ଷ୍ୟଚ୍ୟୁତ କରିବ ବୋଲି ଆଶା କରାଯାଉଛି। ଧୋନିଙ୍କ ପୂର୍ବରୁ ସିଏସ୍‌କେର ଟପ୍ ଅର୍ଡର ବ୍ୟାଟର ମାଥ୍ୟୁ ସର୍ଟ, ଫାଷ୍ଟ ବୋଲର ନାଥାନ ଏଲିସ୍ ଆଘାତ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି।

● ମେଜର୍ ଲିଗ୍ କ୍ରିକେଟ୍

## ସାନ୍ ଫ୍ରାନ୍ସିସ୍କୋ ପାଇଁ ଖେଳିବେ ଅଶ୍ୱିନ

ନୂଆଦିଲ୍ଲୀ, ୨୮ ।୩ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ମେଜର୍ ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି) ଖେଳିବେ। ସାନ୍ ଫ୍ରାନ୍ସିସ୍କୋ ୟୁନିକର୍ନ୍ସ ଦଳ ପକ୍ଷରୁ ଖେଳିବାକୁ ଅଶ୍ୱିନ ଚୁକ୍ତି କରିଛନ୍ତି। ଫଳରେ ୩୯ ବର୍ଷୀୟ ଅଶ୍ୱିନ ପ୍ରଥମ ଭାରତୀୟ ଅନ୍ତର୍ଜାତୀୟ କ୍ରିକେଟର୍ ଭାବେ ଆମେରିକା ଟି-୨୦ ଲିଗ୍‌ରେ ଭାଗନେବେ। ଅଶ୍ୱିନଙ୍କ ସମେତ ସାନ୍ ଫ୍ରାନ୍ସିସ୍କୋ ଦଳରେ ଅଷ୍ଟ୍ରେଲିଆର ମାଥ୍ୟୁ ସର୍ଟ, ନ୍ୟୁଜିଲାଣ୍ଡର ଫିନ୍ ଆଲେନ, ହାରିସ ରୌଫଙ୍କ ଭଳି ଅନ୍ତର୍ଜାତୀୟ ତାରକା ରହିଛନ୍ତି। ଫଳରେ ପାକିସ୍ତାନର ହାରିସଙ୍କ ସହ ଅଶ୍ୱିନ ଏବେ ଏକାଠି ଖେଳିବେ। ଉଲ୍ଲେଖଯୋଗ୍ୟ, ଅଶ୍ୱିନ ଉଭୟ ଅନ୍ତର୍ଜାତୀୟ ଓ ଆଇପିଏଲ୍‌ରୁ ଅବସର ନେଇସାରିଛନ୍ତି। ଟି-୨୦ କ୍ରିକେଟ୍‌ରେ ତାଙ୍କର ଢେର ଅଭିଜ୍ଞତା ରହିଛି। ଅନ୍ତର୍ଜାତୀୟ ଓ ଲିଗ୍ କ୍ରିକେଟ୍‌ରେ ସେ ମୋଟ୍ ୩୩୩ ମ୍ୟାଚ୍ ଖେଳି ୩୧୭ଟି ୱିକେଟ୍ ନେଇଛନ୍ତି।

## ଆଣ୍ଟୋନେଲିଙ୍କୁ ପୋଲ୍ ପୋଜିସନ୍

ସୁଜୁକା, ଜାପାନ, ୨୮ ।୩ (ଏଜେନ୍ସି): ମର୍ସିଡିଜ୍‌ର ୧୯ ବର୍ଷୀୟ ଇଟାଲୀୟ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ଶନିବାର ଅନୁଷ୍ଠିତ ଜାପାନିଜ୍ ଗ୍ରାଁ ପ୍ରି ଫର୍ମୁଲା-ୱାନ୍ କାର ରେସ୍‌ରେ ପୋଲ ପୋଜିସନ ହାସଲ କରିଛନ୍ତି। ତାଙ୍କ ଟିମ୍ ମେଟ ଜର୍ଜ ରସେଲ ମଧ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରି ମର୍ସିଡିଜ୍‌କୁ ବିଶ୍ୱଚାମ୍ପିଅନ ହେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ଆସନ୍ତାକାଲି ମର୍ସିଡିଜ୍‌ର ଉଭୟ ଡ୍ରାଇଭର ପ୍ରଥମ ଦୁଇଟି ପୋଜିସନରୁ ରେସ୍ ଆରମ୍ଭ କରିବେ। ଏମାନଙ୍କ ପଛକୁ ମ୍ୟାକ୍‌ଲରେନ୍‌ର ଓସ୍କାର ପିଆଷ୍ଟ୍ରି ଓ ଫେରାରିର ଚାର୍ଲସ ଲାକ୍ଲେର୍କ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରୁ ରେସ୍ ଆରମ୍ଭ କରିବେ।

ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

## କ୍ୱାର୍ଟରରେ ରେଡ୍‌ଷ୍ଟାର, ରାମେଶ୍ୱର

ଭୁବନେଶ୍ୱର,୨୮ ।୩(ସମିସ): ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ସ୍ଥାନୀୟ ହାଇଟେକ୍ କଲେଜ୍ ପଡ଼ିଆରେ ଶନିବାର ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ପ୍ରଥମ ଦିନ ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯାଇଥିଲା। ଏହି ଦୁଇଟି ମ୍ୟାଚରେ ଭୁବନେଶ୍ୱରର ଦୁଇ ଦଳ ରେଡ୍‌ଷ୍ଟାର ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାମେଶ୍ୱର ୫ ୱିକେଟରେ ସନ୍‌ସାଇନ୍ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ସୁନ୍ଦର ବ୍ୟାଟିଂ କରି ୪୩ ବଲ୍‌ରେ ୫୬ ରନ୍ କରିଥିବା ଲିଓଲିନ୍ ମେହେରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ପ୍ରଦାନ କରିଥିଲେ। ସେହିପରି ଅନ୍ୟ ମ୍ୟାଚ୍‌ରେ ରେଡ୍‌ଷ୍ଟାର ୪ ୱିକେଟରେ ଜୟଦେବ କ୍ରୀଡ଼ା ସଂଘକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ସୁନ୍ଦର ବୋଲିଂ କରି ମୃତ୍ୟୁଞ୍ଜୟ ଦାସ ୧୬ ରନ୍‌ରେ ୪ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ସହିଦ୍ ସ୍ପୋର୍ଟିଂର ପୂର୍ବତନ କୋଚ୍ ରାଧେଶ୍ୟାମ ନାୟକଙ୍କଠାରୁ ଗ୍ରହଣ କରିଥିଲେ।





ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରୀଶ ଚନ୍ଦ୍ର ମହାପାତ୍ର, ବହ୍ଲବ ଚରଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ ବୋଲି ସଂଘର ସମ୍ପାଦକ ଅମ୍ପାୟାର ଶରତଚନ୍ଦ୍ର ସାହୁ ଜଣାଇଛନ୍ତି।

ଓମ୍‌ଶ୍ରୀ ସାହୁଙ୍କ ଦ୍ୱିଶତକ

## ଫାଇନାଲରେ ରେଡ୍‌ଷ୍ଟାର-ଏଲ୍‌ଏଲ୍‌ସିସି-ଏ'

ଭୁବନେଶ୍ୱର,୨୮ ।୩(ସମିସ): ରେଡ୍‌ଷ୍ଟାର ଓ ଆୟୋଜକ ଏଲ୍‌ଏଲ୍‌ସିସି ମଧ୍ୟରେ ପଞ୍ଚମ ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ରବିବାର ଫ୍ଲଡ୍‌ଲାଇଟ୍‌ରେ ଖେଳାଯିବ। ଆଜି ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଓମ୍‌ଶ୍ରୀ ସାହୁଙ୍କ ଅପରାଜିତ ୨୧୭ ରନ୍ ସହାୟତାରେ ରେଡ୍‌ଷ୍ଟାର ୧୦ ୱିକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ସହିଦ୍ ସ୍ପୋର୍ଟିଂକୁ ୯୪ ରନ୍‌ରେ ପରାସ୍ତ କରି ଆୟୋଜକ ଏଲ୍‌ଏଲ୍‌ସିସି-ଏ' ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ମାତ୍ର ୧୨୪ ବଲ୍ ଖେଳି ୪୯ଚୌକା ସହ ଅପରାଜିତ ଦ୍ୱିଶତକ କରିଥିବା ରେଡଷ୍ଟାରର ଓମ୍‌ଶ୍ରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟୁଷ ତ୍ରିପାଠୀଙ୍କ ଅପରାଜିତ ୯୪, ସୁସଙ୍କେତ ରାଉତରାୟଙ୍କ ୬୬ ଓ ଅଧିନାୟକ ଆୟୁଷ୍ମାନ ପାତ୍ର ୪୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ସ୍ପୋର୍ଟିଂ ୫ ୱିକେଟରେ ୨୫୩ ରନ୍ କରିଥିଲେ। ଜବାବରେ ରେଡ୍ ଷ୍ଟାର ୩୨.୩ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ଓମ୍‌ଶ୍ରୀଙ୍କ ସହ ଅମିତ ୩୨ ରନ୍‌ର ଯୋଗଦାନ ଦେଇଥିଲେ। ଆଶିଷ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓମ୍‌ଶ୍ରୀ ଏହି ଟୁର୍ଣ୍ଣାମେଣ୍ଟର ଇତିହାସରେ ପ୍ରଥମ ଦ୍ୱିଶତକହାସଲକାରୀ ବିବେଚିତ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ସେ ୧୬୨ ରନ୍‌ର ଇନିଂସ ଖେଳିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS